ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

PRACHEE

ଅପ୍ରେଲ୍ ୨୦୨୨

ମୂଲ୍ୟ : ୨୫ ଟଙ୍କା

ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର

ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ....
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ ....
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ....
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ....
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ....
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ....
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ....
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ....
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ....
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

Vol.- 8, April 2022, Issue No. I
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

ଉପଦେଷ୍ଟା ମଣ୍ଡଳୀ
ଶ୍ରୀଯୁକ୍ତ ପାବକ କାନୁନ୍‌ଗୋ
ଶ୍ରୀମତୀ ମନ୍ଦାକିନୀ ଦାସ
କୃଷ୍ଣ ପ୍ରସାଦ ଦାସ
ସମୀକ୍ଷକ ମଣ୍ଡଳୀ
ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଶରତ କୁମାର ପଳିତା
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ସଂପାଦକ
ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସଂପାଦନା ମଣ୍ଡଳୀ
ଡକ୍ଟର ନାରାୟଣ ମହାନ୍ତି
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଡକ୍ଟର ଆଦିତ୍ୟ ପ୍ରତାପ ଧଳ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଆଲୋକ ବରାଳ
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ
ବିତରଣ ଅଧିକାରୀ :
ରାଜେନ୍ଦ୍ର ବାରିକ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ଏଇ ସଂଖ୍ୟାରେ...

ମାନବୀୟ ଅନ୍ତଃଚେତନାରେ ଭାସ୍ୱର 'ଭାସ୍ୱତୀ'
ଡକ୍ଟର ଚିତ୍ତରଞ୍ଜନ ରାଉତ ୦୭

ଶେଷଚିଠି
ସୁକାନ୍ତି ରାଉତ ୧୦

ସତ୍ୟ, ଅହିଂସା ଓ ସହିଷ୍ଣୁତା ମନ୍ତ୍ରରେ ଅଭିସିକ୍ତ ଗାନ୍ଧୀ
ମୀରା ବେଉରା ୧୪

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ପୁରୁଷଚେତନା
ବିଷ୍ଣୁପ୍ରସାଦ ସାହୁ ୧୬

କୁହୁକ ବାସ୍ତବତା ଓ କଥାକାର କୃପାସାଗର ସାହୁ
ସୁନୀଲ ସେଠୀ ୧୯

ବାଥୁଡ଼ି ଜନଜାତିର ସୃଷ୍ଟି ଉପଖ୍ୟାନ
ଡକ୍ଟର ରାଜାକୁମାର ନାଏକ ୨୨

ସତ ରାଜନୀତି ମିଛ ମହାତ୍ମା
ପରୀକ୍ଷିତ ଭୋଇ ୨୬

ବିଶ୍ୱଜିତ ଦାସଙ୍କ ନାଟ୍ୟସ୍ୱର
ଜ୍ଞାନୀ ଦେବାଶିଷ ମିଶ୍ର ୩୧

ତୁଳନାତ୍ମକ ଆଲୋକରେ ଏକବିଂଶ ଶତକର ଭିନ୍ନ ଏକ ସ୍ୱର ସନ୍ତୋଷ କୁମାରଙ୍କ 'ଭୀମାଧୀବର'
ଡକ୍ଟର ମଧୁଚ୍ଛନ୍ଦା ନାୟକ ୩୭

ଆଧୁନିକ କାବ୍ୟ ଜଗତର ଅମୂର୍ତ୍ତ ପ୍ରକାଶ କ୍ଷେତ୍ରରେ ଊନବିଂଶର ପତ୍ରପତ୍ରିକାର ଅବଦାନ
ଡକ୍ଟର ମନୋରଞ୍ଜନ ବିଷୋୟୀ ୪୨

ସଂସ୍କୃତିର ସ୍ତରଭେଦ ଓ ଲୋକସଂସ୍କୃତି
ଡ.ଶରତ କୁମାର ଜେନା ୪୫

PRACHEE MONTHLY ADVT. TARIFF

Back Cover (Colour)
Rs. 20,000/-

2nd Inner Cover (Colour)
Rs. 10,000/-

3rd Inner Cover (Colour)
Rs. 10,000/-

Ordinary Colour Page
Rs. 5000/-

Black & White (News Print)
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

For Space booking please contact The Advertising Manager
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିପେକ୍ଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ....

ଠିକଣା .... ପିନ୍‌କୋର୍ଡ୍ ....

ମୋବାଇଲ୍ ନମ୍ବର .... ଇ-ମେଲ୍ ....

ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)

ଚେକ୍ ନମ୍ବର.. ତାରିଖ...................................

ବ୍ୟାଙ୍କ୍.. ସ୍ଥାନ...

ତାରିଖ.. ଦସ୍ତଖତ..

ବାସ୍ତବତାର ପରିପ୍ରକାଶ "ପ୍ରାଚୀ"

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ମାନବୀୟ ଅନ୍ତଃଚେତନାରେ ଭାସ୍ୱର 'ଭାସ୍ୱତୀ'

ଡକ୍ଟର ଚିତ୍ତରଞ୍ଜନ ରାଉତ

ଏକବିଂଶ ଶତାବ୍ଦୀର ଆଧୁନିକ ଓଡ଼ିଆ ଗଳ୍ପଜଗତକୁ ଯେଉଁ କେତେଜଣ ଗଳ୍ପକାର ସେମାନଙ୍କର ଲିଖନ କଳାର ନୈପୁଣ୍ୟରେ ସୁସମୃଦ୍ଧ ଓ ପାଠକହୃଦ୍ୟ କରାଇପାରିଛନ୍ତି, ସେମାନଙ୍କ ମଧ୍ୟରେ ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏକାଧାରରେ ଜଣେ ପ୍ରଶାସକ ଓ ସୁସାହିତ୍ୟିକ ସେ । କେଉଁଝରର ଜିଲ୍ଲାରେ ୧୯୫୦ରେ ଜନ୍ମିତ ତରୁଣକାନ୍ତି ବଣ-ଜଙ୍ଗଲ, ପାହାଡ଼-ପର୍ବତ ଘେରା ପ୍ରାକୃତିକ ପରିବେଶକୁ ସ୍ୱଚକ୍ଷୁରେ ଅନୁଭବିଛନ୍ତି । ଏହା ବ୍ୟତୀତ ଅଜା ଓ ମା'ଙ୍କଠାରୁ ନିତ୍ୟନୈମିତିକ କୌତୁକିଆ ଗଳ୍ପ ଶୁଣି ଆନନ୍ଦିତ ହେବା ଥିଲା ତାଙ୍କର ପ୍ରବୃତ୍ତି । ଫଳସ୍ୱରୂପ ତାଙ୍କ ଅନ୍ତରର ଲେଖକୀୟ ସତ୍ତା ଜାଗରୂକ ହୋଇ ଉଠିଥିଲା ଖୁବ୍ କମ୍ ବୟସରୁ । ମାତ୍ର ଚଉଦ ବର୍ଷ ବୟସରେ ତାଙ୍କର ପ୍ରଥମ ଗଳ୍ପ "ହେ ପୃଥିବୀର ନାଗରିକ" ପ୍ରକାଶ ପାଇଥିଲା ତତ୍କାଳୀନ ଲୋକପ୍ରିୟ ପତ୍ରିକା 'ଆସନ୍ତାକାଲି'ରେ । ଏଥିସହିତ ବିଜେବି ମହାବିଦ୍ୟାଳୟରେ 'ଅର୍ଥନୀତି' ସମ୍ମାନ ନେଇ ଅଧ୍ୟୟନ କରୁଥିବା କାଳରେ ତାଙ୍କର ପ୍ରଥମ ଗଳ୍ପସଂକଳନ "ଆବର୍ତ୍ତର ଦୁଇଟି ସ୍ୱର" ପ୍ରକାଶ ପାଇଥିଲା । ସେ ତାଙ୍କର ଲେଖକୀୟ ଜୀବନାରମ୍ଭରେ ଗଳ୍ପ ପ୍ରତି ଥିଲେ ଗଭୀର ଭାବେ ଅନୁରକ୍ତ । ଗଳ୍ପପ୍ରତି ଏହି ଆଦରବୋଧ ଆଜିଯାଏଁ ସେ ପ୍ରଦର୍ଶନ କରିଆସିଛନ୍ତି । ନିଃସଙ୍ଗତାର ସ୍ୱର, କୋମଳ ଅନ୍ଧାର ବହୁବ୍ରିହି, ଲୁବ୍ଧକର ରାତି, ବୀତଂସ, ଆକାଶ ସେତୁ, ଆଜି ରାତିର ଗଳ୍ପ, ପାରାଡ଼ାଇଜ୍ ପକ୍ଷୀ, ଜଣେ ନିରସ୍ତ୍ର ଆତତାୟୀ, ପ୍ରଜାପତିର ଡେଣା ନାହିଁ, ଜହ୍ନରାତିର ଗପ ସରିନାହିଁ, ସକାଳର ମାନଚିତ୍ର, ଭାସ୍ୱତୀ, କେହି ଜଣେ ଏକା ଏକା, ଅଜଣା ତିଥିର ଜହ୍ନ ଆଦି ଗଳ୍ପସଂକଳନମାନ ତାଙ୍କର ସରସ ଗଳ୍ପପଣର ଦୃଷ୍ଟାନ୍ତ ବହନ କରୁଥିବାବେଳେ ଉପନ୍ୟାସ ରଚନା କ୍ଷେତ୍ରରେ ତାଙ୍କର ଲେଖନୀ ମ୍ଳାନ ଅନୁଭବ ହୁଏ । 'ଶରଦଃ ଶତମ୍' ତାଙ୍କର ଏକ ବିଶିଷ୍ଟ ଉପନ୍ୟାସର ସ୍ୱାକ୍ଷର ବହନ କରେ । ତେବେ 'ଭାସ୍ୱତୀ' ଗଳ୍ପ ସଂକଳନ ୨୦୧୯ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରି ଶ୍ରୀଯୁକ୍ତ ମିଶ୍ରଙ୍କ ପାଇଁ ଆଣିଦେଇଛି ଅଜସ୍ର ଖ୍ୟାତି ଓ ସ୍ୱୀକୃତି ।

ଲେଖକୀୟ ଜୀବନ ଦିବ୍ୟଦ୍ରଷ୍ଟାର ଜୀବନ ବା ଦିବ୍ୟସ୍ରଷ୍ଟାର ଜୀବନ । ସମାଜ ହିଁ ଲେଖକ ମନରେ ବହୁବିଧ ଭାବ ଉଦ୍ରେକ କରେ । ସେହି ଭାବପୁଞ୍ଜିକୁ କଳ୍ପନାର ପୁଟ ପ୍ରଦାନ କରି ଲେଖକ ସ୍ୱୟଂସଂପୂର୍ଣ୍ଣ ସୃଷ୍ଟିଟେ ତିଆରେ । ଜଣେ ଆଲୋଚକ ବା ସମୀକ୍ଷକ ଯେତେବେଳେ ମୌଳିକ ସୃଷ୍ଟିଟିକୁ ଉଖାରି ବସନ୍ତି, ତନ୍ମଧ୍ୟରୁ ପରିଷ୍କାର ଦୃଶ୍ୟମାନ ହୁଅନ୍ତି ଲେଖକ ଏବଂ ଲେଖକ ସ୍ୱଜୀବନରେ ସମ୍ମୁଖୀନ କରିଥିବା ବିଭିନ୍ନ ଘଟଣାରାଜି । ଶ୍ରୀଯୁକ୍ତ ମିଶ୍ର ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି । ତାଙ୍କ ଗଳ୍ପ ଲେଖାର ଆଦ୍ୟ ଓଁକାର 'ସାବତ୍ ମା'କୁ ବିଶ୍ଳେଷଣ କଲେ ଏହା ସ୍ପଷ୍ଟ ହୋଇଉଠେ । ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିବା କାଳରେ ଶ୍ରୀଯୁକ୍ତ ମିଶ୍ରଙ୍କ ମା' ଶାରୀରିକ ଅସୁସ୍ଥତା ହେତୁ ଦୁଇ ସପ୍ତାହ କାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଲେ । ତତ୍କାଳରେ ସାମୟିକ ସମୟ ପାଇଁ ଲେଖକଙ୍କ ଚପଳ ମନରେ ଆନ୍ଦୋଳିତ ହେଲା ମାତୃହରା ରୂପୀ ଦୁଃଖ । ଫଳସ୍ୱରୂପ ସେ ଲେଖିଲେ 'ସାବତ୍ ମା' ଗଳ୍ପ । ନିଜର ବିଭିନ୍ନ ସମୟର ପ୍ରଶାସନିକ ଜୀବନ ଭିତ୍ତିକ ଅନୁଭବର ତିକ୍ତପଣ ଓ ମଧୁରପଣ ତାଙ୍କୁ ଲେଖିବା ପାଇଁ ଯେ ଖୋରାକ ଯୋଗାଇଛି – ଏହା ତାଙ୍କର ନିଜସ୍ୱ ମତ ।

'ଭାସ୍ୱତୀ' ଗଳ୍ପ ସଂକଳନର ପ୍ରକାଶନକାଳ ୨୦୧୪ । ଏହା ଚଉଦଟି ଗଳ୍ପକୁ ନେଇ ଅଭିନିବିଷ୍ଟ । ଆଙ୍ଗିକ ଅପେକ୍ଷା ଆତ୍ମିକପଣ ସ୍ଥାନିତ ଗଳ୍ପଗୁଡ଼ିକରେ ବିଶେଷ ପ୍ରଭାବଶାଳୀ । ସୂତାଧରା ସୂତ୍ରକାରିତା (structure) ଅନ୍ୱେଷିତ ହୋଇପାରିଲେ ଗଳ୍ପଗୁଡ଼ିକ ପାଠକ ପକ୍ଷେ ମୋହନୀୟ ହୋଇଉଠିବ । ଶ୍ରୀଯୁକ୍ତ ମିଶ୍ରଙ୍କ ଗଳ୍ପଗୁଡ଼ିକ ଉଭୟ ଅନ୍ତର୍ମୁଖୀ ଓ ବହିର୍ମୁଖୀ ଭବାବେଗାପ୍ଲୁତ । ଚରିତ୍ରମାନଙ୍କର ଅନ୍ତର୍ମୁଖୀ (Interiority) ଉଦ୍‌ଘାଟନ ଗଳ୍ପ ପରିଣତିରେ ପାଠକ ମନରେ ଅଧିକତଃ ରୋମା* ସ*ରଣକାରୀ ହୋଇଥାଏ ।

ପାରସ୍ପରିକ ସମ୍ମୋହନଗତ ସଂପର୍କ ପରିକଳ୍ପିତ 'ଭାସ୍ୱତୀ' ଗଳ୍ପ । ଏହା ଆତ୍ମକଥନ ଶୈଳୀ (Autobiographical Style) ରେ ରଚିତ । ଅର୍ଥାତ୍ 'ମୁଁ' ହେଉଛି ଏହାର ମୁଖ୍ୟ ନାୟକ । ନାୟିକା ହେଉଛି ଶାଶ୍ୱତୀ ତଥା ପରବର୍ତ୍ତୀ ସମୟର ଭାସ୍ୱତୀ । ନାୟକ ଶାଶ୍ୱତୀ ନୁହେଁ ବରଂ ଭାସ୍ୱତୀକୁ ସହୃଦ ଗ୍ରହଣ କରିଛି । ଅସୁସ୍ଥ ଥିବାକାଳରେ ଅନ୍ଧକାର କୋଠରୀ ମଧ୍ୟରେ ନାୟକ ସମ୍ମୁଖରେ ଭାସ୍ୱର ହୋଇଉଠିଛି ଭାସ୍ୱତୀ । ପ୍ରକାରାନ୍ତରେ ଏହା ଏକ ସ୍ମୃତିଗତ ରୋମନ୍ଥନ । ସ୍ମୃତିର ମଧୁର ସ୍ପର୍ଶରେ ନାୟକ ଜୀବନ ବଂଚିବାର ପ୍ରେରଣା ଲାଭ କରିଚି । ପାରସ୍ପରିକ ମଧୁର ସଂପର୍କର ସେତୁ ସ୍ୱରୂପ ନାୟକ ହାତରେ ଅଛି ଭାସ୍ୱତୀ ପ୍ରଦତ୍ତ

ଝକମକି ପଥର । ଏହି ପଥର ହିଁ ତାର ଶ୍ୱାସ-ପ୍ରଶ୍ୱାସ ବା ପ୍ରାଣପିଣ୍ଡ । ତେଣୁ ନାୟକ ଅନ୍ତର୍ମୁଖୀ ସଂପର୍କର ଦୃଢ଼ତା ଜାହିର କରି କହେ - "ଭାସ୍ୱତୀ ସହିତ ମୋର ଆଉ କେବେ ଦିନେ ଦେଖା ହେବ ନାହିଁ । ସେଥିପାଇଁ ମୋର ଦୁଃଖ ନାହିଁ । ଦୁଃଖ ବି ରହିବ ନାହିଁ ଯେତେଦିନ ଧରି ମୋ ହାତରେ ଥିବ ସେ ଦେଇଯାଇଥିବା ସ୍ୱଚ୍ଛ ସ୍ଫଟିକର ଏହି ଅଂଶାବଶେଷ ।" (୧) 'ଲଳିତ ଉପାଖ୍ୟାନ' ଗଳ୍ପରେ ମଧ 'ମୁଁ' ଚରିତ୍ର ଦେଖିବାକୁ ମିଳେ । ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଫିଜିକ୍ସ ଅଧ୍ୟାପକ ଚିନ୍ମୟ ରାୟ ନାୟକର ବଂଧୁ । ଦୁହେଁ ସହରରେ ବୁଲୁଥିବା କାଳରେ ଆଶ୍ଚର୍ଯ୍ୟଚକିତ ବ୍ୟକ୍ତିସତ୍ତାଙ୍କ ସହ ଭେଟ ହୁଏ । ବ୍ୟକ୍ତିଙ୍କ ନାମ କେଭିନ୍ । ସେ ଅନବରତ 'ଏଲିନା'କୁ ଦେଇଥିବା କବିତା ବହିଟିକୁ 'ଲିରିକାଲ ବାଲାଡ୍' ଲାଇବ୍ରେରୀରେ ଖୋଜନ୍ତି । ବର୍ଷବର୍ଷ ଧରି ଖୋଜିବାର ପ୍ରୟାସ କରନ୍ତି, କିନ୍ତୁ ତାହା ମିଳେ ନାହିଁ । କାରଣ ସେ ଜାଣନ୍ତି ଏଲିନା ତାର ସ୍ୱାମୀ ସହିତ ଅଷ୍ଟ୍ରେଲିଆ ଯିବା ପୂର୍ବରୁ ବହିପତ୍ର ଲାଇବ୍ରେରୀକୁ ଦେଇଯାଇଥିବା । ଗଳ୍ପ ପରିଣତିରେ ଦେଖାଯାଏ କେଭିନ୍ ଜଣେ ଅଣ୍ଡରଟେକର ଭାବେ କାମ କରନ୍ତି ଏବଂ କବିତା ଲେଖାରେ କୌଣସି ସ୍ପୃହା ରଖୁନାହାନ୍ତି, ଯାହାକୁ ଦୂରରୁ ଅନୁଭବ କରନ୍ତି ନାୟକ ଓ ଚିନ୍ମୟ ।

ମଧ୍ୟବିତ୍ତ ପରିବାର ମଧ୍ୟରେ ସଦାସର୍ବଦା ଆର୍ଥିକ ଅଭାବବୋଧ ଲାଗିରହିଥାଏ । ଘରର ଦାୟିତ୍ୱ ବହନ କରୁଥିବା ବ୍ୟକ୍ତି ସେଥିରୁ ମୁକ୍ତି ପାଇଁ ଅହରାତ୍ର ସଂଘର୍ଷ କରିଚାଲିଥାଏ । 'ଅତିଥି ସକାଳ' ଗଳ୍ପରେ ବର୍ଷ ବର୍ଷର ସଂଘର୍ଷ, ଅଭାବ-ଅନଟନରୁ ମୁକ୍ତି ପ୍ରଦାନ ନିମନ୍ତେ ଅଜଣା ଅତିଥି ଆସିଛନ୍ତି ଗଳ୍ପନାୟକର ଘରକୁ ଓ ନାୟକର ପିତାକୁ ପ୍ରବୋଧନା ପ୍ରଦାନ କରିଛନ୍ତି । କିନ୍ତୁ ନାୟକ ମନେମନେ ଚିନ୍ତା କରିଛି ଏ ସମସ୍ତ ଆକସ୍ମିକ ପରିବର୍ତ୍ତନ ନିଶ୍ଚିତ ରୂପେ ଠାକୁରଙ୍କ ଚମତ୍କାରିତା । ଗାଳ୍ପିକଙ୍କ ଭାଷାରେ - "କେହି ଜାଣନ୍ତି ନାହିଁ ଆଜି ସକାଳୁ ମୁଁ ଠାକୁରଙ୍କୁ ବହୁତ ପ୍ରାର୍ଥନା କରିଛି ମନେମନେ । ଆଗ ବୋଲିଥିଲି 'ହେ ଆନନ୍ଦମୟ କୋଟି ଭୁବନପାଳକ', ତାପରେ 'ଜଗନ୍ନାଥ ସ୍ୱାମୀ ନୟନପଥଗାମୀ', ଶେଷକୁ 'ଅସତୋ ମା ସଦ୍‌ଗମୟ' । ବାପା କହିଥିଲେ ଯେତେ ଜୋରରେ ମନପ୍ରାଣ ଦେଇ ପ୍ରାର୍ଥନା କରିବ, ସେତେ ଭଲକି ଠାକୁର ତୁମ କଥା ଶୁଣିବେ ।"(୨) ଗାଳ୍ପିକ ଶ୍ରୀଯୁକ୍ତ ମିଶ୍ର ଏଠାରେ ଆଧ୍ୟାତ୍ମିକତା ମାଧ୍ୟମରେ ସଂଘର୍ଷ ମୁକ୍ତିର ମନ୍ତ୍ର ପ୍ରଦାନ କରିଛନ୍ତି । 'ମେଘରାତି' ଗଳ୍ପରେ ସ୍ତ୍ରୀ ପୁରୁଷ ଭେଦରେ କାର୍ଯ୍ୟବ୍ୟସ୍ତତା, ହସ-ଖୁସୀ, ଦୁଃଖ-ସୁଖ, ଜୀବନଯନ୍ତ୍ରଣା, ସଂଘର୍ଷ ଆଦିର ପ୍ରସଙ୍ଗ ଉତ୍‌ଥାପିତ ହୋଇଛି । ପ୍ରତ୍ୟେକ ବ୍ୟକ୍ତିର ସଂଘର୍ଷର ପରିସର ଭିନ୍ନଭିନ୍ନ ହୋଇଥାଏ । ସେଥିରୁ ମୁକୁଳିବା ପାଇଁ ସେଇ ବ୍ୟକ୍ତିକୁ ହିଁ ଅଣ୍ଟା ସଳଖ କରିବାକୁ ପଡ଼ିଥାଏ । ତାହା ମେଘରାତିର ଅନ୍ଧାରି ସନ୍ଦେହପୂର୍ଣ୍ଣ ଜୀବନ ହେଉ ବା ଜହ୍ନରାତିର ସ୍ୱଚ୍ଛ ସମ୍ମୋହକ ଜୀବନ । ଜୀବନର ଅନ୍ୟ ନାମ ଯେ ଯନ୍ତ୍ରଣା, ସଂଘର୍ଷ - ଏହା ଗଳ୍ପଟିରେ ପ୍ରତିକୀତ ।

'ଭାଇ' ଗଳ୍ପଟି ଓଡ଼ିଆ ସାହିତ୍ୟରେ ଖୁବ୍ ଲୋକପ୍ରିୟ । ପାରିବାରିକ ବ୍ୟସ୍ତବହୁଳ ଚାକିରିଜୀବୀଙ୍କ ମଧ୍ୟରେ ଦୁଇଟି ଶିଶୁର ଚପଳାମି ଏଥିରେ ପ୍ରକାଶ ପାଇଛି । ବାପା, ମା'ଙ୍କର ଅଫିସ୍ ଯିବା ପରେ ଶିଶୁ ଦୁଇଟି କିପରି ଜୀବନ ବଂଚନ୍ତି ତଥା ସାନ ଭାଇଟି ବଡ଼ ଭାଇ ପ୍ରତି ଶ୍ରଦ୍ଧା, ଆଦର ପ୍ରଦର୍ଶନ କରୁଥିବାବେଳେ ବଡ଼ଭାଇ କିପରି ସାମାନ୍ୟ କ୍ରୋଧାଶକ୍ତ ହୋଇପଡୁଛି, ତାହା ଏଠାରେ ବର୍ଣ୍ଣିତ । ଗଳ୍ପର ପରିଣତ ଖୁବ୍ କାରୁଣ୍ୟପୂର୍ଣ୍ଣ ଏବଂ ଏହା ପାଠକପ୍ରଣକୁ ଗଭୀର ଭାବେ ଆଘାତ ଦେବାକୁ ବାଧ୍ୟ । କାରଣ ସାନ ଭାଇ ଟିକୁନ୍ ବଡ଼ଭାଇର ମନା କରିବାସତ୍ତ୍ୱେ ବଡ଼ଭାଇ ପଛେ ପଛେ ଜଙ୍ଗଲ ଆଡ଼େ ଯାଇଛି । ବଡ଼ଭାଇ ଭାବିଛି ତାକୁ ସାଙ୍ଗରେ ନେଲେ ସାଂଗମାନେ ହସିବେ ଓ ଜଙ୍ଗଲ ବୁଲିବାରେ ମଜା ଆସିବନି । ଟିକୁନ୍‌କୁ ଛାଡ଼ି ତେଣୁ ବଡ଼ଭାଇ ଜଙ୍ଗଲକୁ ଚାଲିଯାଇଛି ସାଂଗମାନଙ୍କ ସହିତ । ସନ୍ଧ୍ୟା ସମୟରେ ଫେରି ଦେଖେ ଟିକୁନ୍ ଫେରି ନାହିଁ । ସପରିବାର ସେହି ରାତ୍ର ସମୟରେ ଚତୁର୍ଦିଗ ସନ୍ଧାନ ନେଇଥିଲେ କିନ୍ତୁ ଟିକୁନ୍ ମିଳିନି । ବଡ଼ଭାଇର ସାନଭାଇ ଟିକୁନ୍ ପ୍ରତିଥିବା ସ୍ନେହାନୁଭବ ଦର୍ଶାଇ ଗାଳ୍ପିକ କହିଛନ୍ତି, "ବଣ ଭିତରେ ସାରା ରାତି ଭିତରେ ମୁଁ ମୋ ପକେଟରୁ ବାହାର କରିଥିଲି ଛୋଟବଡ଼ ମାଣିକପଥର ଯୋଡ଼ିକ । ମୁଣ୍ଡରେ ମାରି କହିଥିଲି ଭଗବାନ, ମୋର ଆଉ କିଛି ଲୋଡ଼ା ନାହିଁ, ମୋର ତିନିଟା ବର ଲୋଡ଼ା ନାହିଁ, ମୋତେ ଗୋଟେ ବର ଦିଅ, ଖାଲି ଗୋଟେ ବର, ଟିକୁନ୍‌କୁ ଫେରେଇ ଦିଅ, ଆଉ କିଛି ମୁଁ ମାଗିବି ନାହିଁ ତୁମଠୁ, ମୋ ସାରା ଜୀବନ ଭିତରେ ।"(୩) ବର୍ଣ୍ଣନାର ସ୍ୱାଭାବିକତା ମଧ୍ୟରେ ଶକ୍ତ ବିଷୟପ୍ରସଙ୍ଗ ଗଳ୍ପଟିକୁ ସୁଖପାଠ୍ୟ କରାଇଛି ।

ସ୍ୱାମୀ-ସ୍ତ୍ରୀ ମଧ୍ୟସ୍ଥ ସଂପର୍କ କେବଳ ଦୈହିକ ନୁହେଁ ବରଂ ଏହାର ପରିଚୟ ଶାଶ୍ୱତ, ଚିରନ୍ତନ, ସ୍ୱର୍ଗୀୟ । ଏହା ଖୁବ୍ କମ୍ ଦିନ ମଧ୍ୟରେ ଅନୁଭବ କରିପାରିଛି 'ଆରୋହ' ଗଳ୍ପରେ ପ୍ରତିମା । ଗଳ୍ପାରମ୍ଭରେ ପ୍ରତିମା ଭାବିଛି ସ୍ୱାମୀ ଏକ ବାହାର ମଣିଷ, ଯିଏ କେବଳ ଜଣେ ଲମ୍ପଟର ନମୁନା । କିନ୍ତୁ ଗଳ୍ପ ପରିଣତରେ ସେ ସଂପର୍କର ଆରୋହଣ ଘଟିଛି । ସଂପର୍କ ହୋଇଛି ଶକ୍ତ, ଦୃଢ଼ । 'କାଚଘର' ଗଳ୍ପରେ ଅନନ୍ୟା ଚରିତ୍ରଟିର ଆତ୍ମାଭିମାନୀ ଗତିଶୀଳତା ସ୍ୱାଗତଯୋଗ୍ୟ । ଯେତେବେଳେ ସେ ଜାଣୁଛି ସେ ରୋଗାକ୍ରାନ୍ତ, ସେତେବେଳେ ସେ ସ୍ପଷ୍ଟ ଭାବେ ପ୍ରଭାସର ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଉଛି । ସେ ବୁଝିଛି ଯେ ଜୀବନ ଦୀର୍ଘିଭୂତ ନୁହେଁ, ସୀମିତ । କାଚଘର ଭଳି ଏହାର ଅସ୍ତିତ୍ୱ ନାହିଁ । ତେଣୁ ସେ କେବଳ ବିବାହ ପ୍ରସ୍ତାବର ସ୍ମାରକ ହାତମୁଦିରେ ଆଜୀବନ ଖୁସୀ ହୋଇଛି । ପ୍ରଭାସ ଓ ସୁଲତାର ଦାମ୍ପତ୍ୟ ଜୀବନକୁ ଦେଖି ଈର୍ଷାପରାୟଣ ହୋଇନି । କାରଣ ଅନନ୍ୟା ମତରେ ଜୀବନ ସାମାନ୍ୟ ଏକ କାଚଘର । ଜୀବନ ଯନ୍ତ୍ରଣାର ଅନ୍ୟ ଏକ ରୂପ ପ୍ରକାଶ ପାଏ 'ନ ଦେଖିଥିବା ବାଟ' ଓ 'ପ୍ରତିପକ୍ଷ ଗଳ୍ପରେ । ଏଥିରେ ମୃତ୍ୟୁଠାରୁ ମୁକୁଳିବା ପାଇଁ ଚରିତ୍ରଗଣ ସାହସ ବାନ୍ଧିଛନ୍ତି

ସତ୍ୟ, ମାତ୍ର ପରିଣତି ନିରୁପାୟ । 'ନ ଦେଖିଥିବା ବାଟ' ଗଳ୍ପରେ ଜିତୁର ଅପା ଅଜଣା ରୋଗଦାଉରୁ ରକ୍ଷା ପାଇଁ ବିଭିନ୍ନ ଔଷଧ ଖାଉଥିବାବେଳେ 'ପ୍ରତିପକ୍ଷ' ଗଳ୍ପରେ ଚିଣ୍ଟୁର ଦୁର୍ଘଟଣା ଜନିତ ଯନ୍ତ୍ରଣା ଅସହ୍ୟ ହେବାରୁ ବିଷପାନ କରିଛି । ଗଳ୍ପନାୟକ ଚିଣ୍ଟୁକୁ ବିଷ ଦେଇଛି ପ୍ରତିପକ୍ଷ ଭାବେ ନୁହେଁ ବରଂ ଜଣେ ପ୍ରକୃତ ବନ୍ଧୁର ପରିଚୟ ବହନ କରି ।

ଅତ୍ୟାଧୁନିକ ଯୁବକ-ଯୁବତୀଙ୍କ ନୂତନ ଦାମ୍ପତ୍ୟ ଜୀବନକୁ ନେଇ 'ନୀଡ଼' ଗଳ୍ପ ରଚିତ । ଗଳ୍ପ ନାୟିକା ନମିତା ରାୟଙ୍କ ଦାମ୍ପତ୍ୟ ଜୀବନ ହାସ୍ୟ ଲାସ୍ୟପୂର୍ଣ୍ଣ ହୋଇ ଗତି କରିଥିଲା ଗଳ୍ପାରମ୍ଭରେ । କ୍ରମଶଃ ପାରିବାରିକ ଆବଶ୍ୟକତା ଏବଂ ସ୍ୱାଭିମାନବୋଧ ଦାମ୍ପତ୍ୟ ଜୀବନରେ ପରିପନ୍ଥୀ ସାଜିଲା । ତେଣୁ ନୂତନ ହୋଇ ଗଢ଼ିଉଠୁଥିବା ନୀଡ଼ ଅସ୍ତିତ୍ୱଶୂନ୍ୟ ହୋଇଗଲା ଗଳ୍ପ ପରିଣତରେ । 'ମୋକ୍ଷ' ଗଳ୍ପ ଦାମ୍ପତ୍ୟ ଜୀବନର ଏକ ସୁଉଚ୍ଚ ଉତ୍ତରିତ ରୂପ । ମନୁଷ୍ୟର ଗୃହସ୍ଥ ଜୀବନ ଯେ ଆଧ୍ୟାତ୍ମିକ ମାର୍ଗରେ ଏକ ଆଦର୍ଶଭିତ୍ତିକ ଜୀବନ, ଏହା ପ୍ରମାଣିତ ହୋଇଛି ଉକ୍ତ ଗଳ୍ପରେ । କାରଣ ଦୀର୍ଘଦିନ ଧରି ଚକ୍ରପାଣି ଅଜା ଘର ଛାଡ଼ି ଠାକୁରଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟତ୍ର ଚାଲିଯାଇଥିଲେ, ମାତ୍ର ପୁନଃ ସେଇ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ଫେରିଛନ୍ତି ଆଇଙ୍କ ସୁଖ-ଦୁଃଖ ବୁଝିବାକୁ । ଏଠାରେ ଆଇ ଜଣେ ମହତ୍ତର ଚରିତ୍ର । ସେ ଜୀବନତମାମ୍ ସଂସାରକୁ ଚଳେଇ ନେଇଛନ୍ତି ଅଜାଙ୍କୁ ଅପେକ୍ଷା ନ କରି । ଅଜାଙ୍କ ଉଦ୍ଦେଶ୍ୟ ଓ ମୋକ୍ଷ ଲାଭର ଲକ୍ଷ୍ୟରେ ଆଇ ପ୍ରତିବନ୍ଧକ ହେବାକୁ ଚାହିଁନି । ତେଣୁ ଅଜାଙ୍କ ହାତକୁ ସ୍ପର୍ଶ କରିବା ପାଇଁ ଆଇ ବ୍ୟଗ୍ର ଥିଲେ ହେଁ ପବନରେ ଲଟକି ରହିଛି ହାତ ଏବଂ ଆଇ ନିଜକୁ ବାଟବଣା ଚଢ଼େଇ ଭଳି ମନେ କରିଛନ୍ତି ।

ଶ୍ରୀଯୁକ୍ତ ମିଶ୍ରଙ୍କ ଗଳ୍ପଗୁଡ଼ିକର ପରିବେଶ ପରିସର ବ୍ୟାପକ, ବିସ୍ତୃତ । ଓଡ଼ିଆ ପଲ୍ଲୀ ଜୀବନ ନୁହେଁ, ବରଂ ସହରୀ ସଭ୍ୟତା, ଉଚ୍ଚ ମଧ୍ୟବିତ୍ତ ତଥା ବୈଦେଶିକ ଜୀବନାନୁଭବ ଦ୍ୱାରା ତାଙ୍କର ଏହି ସଂକଳନଟି ଅଧିକତଃ ଭାରାକ୍ରାନ୍ତ । ପ୍ରେମ ତାଙ୍କ ପାଇଁ ସାମାନ୍ୟ ସମ୍ମୋହନ, ମୃତ୍ୟୁରୂପୀ ଆହ୍ୱାନ ନୁହେଁ । ସଂଘର୍ଷ ଓ ଜୀବନ ଯନ୍ତ୍ରଣାରେ ଛଟପଟ ହୁଅନ୍ତି ଚରିତ୍ରଗଣ । ବେଳେବେଳେ ପୁଣି କୁହେଳିକାପୂର୍ଣ୍ଣ ଜୀବନର ପଡ଼ିଯାଏ ପୂର୍ଣ୍ଣଚ୍ଛେଦ । ବାହ୍ୟ ଜଗତର ଜ୍ୱାଳା ଚରିତ୍ରଗଣଙ୍କ ଅନ୍ତଃବାସ୍ତବତାକୁ ପ୍ରକଟିତ କରିଛି । ମୃତ୍ୟୁରୁ ଅମୃତକୁ, ଅନ୍ଧାରରୁ ଆଲୋକକୁ, ଅସତ୍ୟରୁ ସତ୍ୟକୁ, ସମସ୍ୟାରୁ ସମାଧାନକୁ ଚରିତ୍ରଗଣ ଧାବମାନ ହୋଇଛନ୍ତି ।

ଯୁଗ ଭେଦରେ ଦେଖିଲେ ଶ୍ରୀଯୁକ୍ତ ମିଶ୍ର ଉତ୍ତର ଆଧୁନିକ ଯୁଗର ଜଣେ ବଳିଷ୍ଠ ଗାଳ୍ପିକ । ଆତ୍ମିକ ଦୃଷ୍ଟିରୁ ସେ ପାଠକମାନଙ୍କୁ ନୂତନ ଗଳ୍ପମଞ୍ଜି ପ୍ରଦାନ କରିଛନ୍ତି । ଅନ୍ତଃବାସ୍ତବତାଠୁଁ ଆରମ୍ଭ କରି ଅତିବାସ୍ତବତା, ଅଲୌକିକତା, ରହସ୍ୟ, ପ୍ରେମର ଅନ୍ତର୍ମୁଖୀନତା ଆଦି ତାଙ୍କ ଗଳ୍ପକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଏ । ଉତ୍ତର ସତୁରୀରେ ଗଳ୍ପ ରାଜ୍ୟରେ ସେ ଏକ ପ୍ରମୁଖ ସ୍ୱର କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଲୋଚକ ବିଜୟ କୁମାର ନନ୍ଦ ଏହା ସ୍ୱୀକାର କରିଛନ୍ତି - "ନୂତନ ଓ ଉତ୍ତର ଆଧୁନିକ ଗଳ୍ପ ସିବୁଚରିତ ହୋଇଛି ରାମଚନ୍ଦ୍ର ବେହେରା, ଶ୍ୟାମାପ୍ରସାଦ ଚୌଧୁରୀ, ଜଗନ୍ନାଥ ପ୍ରସାଦ ଦାସ, ତରୁଣକାନ୍ତି ମିଶ୍ର, ସତ୍ୟ ମିଶ୍ର, ଜଗଦୀଶ ମହାନ୍ତି, ସମରେନ୍ଦ୍ର ପ୍ରସାଦ ଦାସ, ହୃଷୀକେଶ ପଣ୍ଡା (ପ୍ରଶାସକ), ନାରାୟଣ ପଣ୍ଡା, ନାରୁ ମହାନ୍ତି, ପଦ୍ମଜ ପାଳ, ପ୍ରଫୁଲ୍ଲ ତ୍ରିପାଠୀ, ଭୀମ ପୃଷ୍ଟି, ମନୋଜ କୁମାର ପଣ୍ଡା, ପୁଷ୍ପାଞ୍ଜଳି ନାୟକ, ଯଶୋଧାରା ମିଶ୍ର, ସୁରେଶ କୁମାର ଶତପଥୀ, କନ୍‌ହେଇଲାଲ ଦାସ, ଅଶୋକ ଚନ୍ଦନ, ପରେଶ କୁମାର ପଟ୍ଟନାୟକ, ବିଷ୍ଣୁ ସାହୁ, ଜ୍ୟୋତି ରଞ୍ଜନ ନନ୍ଦ, ଦୀପ୍ତିରଂଜନ ପଟ୍ଟନାୟକ ଓ ଆଉ କେତେକ ତରୁଣ ଗାଳ୍ପିକଙ୍କ ଦ୍ୱାରା ।"(୪) ସାଂପ୍ରତିକ କାଳର ଓଡ଼ିଆ ଗଳ୍ପ ମଙ୍ଗୁଆଳ କହିଲେ ଏହି ବ୍ୟକ୍ତିବିଶେଷଙ୍କୁ ବୁଝାଏ । ଏମାନେ ଜୀବନ-ଯନ୍ତ୍ରଣାକୁ ସ୍ୱଲେଖନୀ ମୁନରେ ଉଖାରି ତୁଳନୀୟ ରୂପେ ଓଡ଼ିଆ ଗଳ୍ପକୁ ମର୍ଯ୍ୟାଦା ପ୍ରଦାନ କରିଛନ୍ତି - ଏଥିରେ ଦ୍ୱିମତ ନାହିଁ । ତେଣୁ ଶ୍ରୀଯୁକ୍ତ ମିଶ୍ର ଯେପରି ଓଡ଼ିଆ ଗଳ୍ପରେ ପ୍ରଥିତଯଶା, ସେହିପରି ତାଙ୍କର କାଳଜୟୀ ସୃଷ୍ଟି 'ଭାସ୍ୱତୀ' ଅନ୍ୟତମ ଅନୁପମ ।

ସଂକେତ ସୂଚୀ

୧. ମିଶ୍ର ତରୁଣକାନ୍ତି - ଭାସ୍ୱତୀ, କଟକ, ବିଦ୍ୟାପୁରୀ, ୨୦୧୪, ପୃ-୯ ।

୨. ତତ୍ରୈବ, ପୃ-୨୮ ।

୩. ତତ୍ରୈବ, ପୃ-୪୫ ।

୪. ଝଙ୍କାର, ବିଷୁବ ବିଶେଷାଙ୍କ, ୨୦୦୦, ପୃ-୨୯ ।

ଚିତ୍ତରଂଜନ ରାଉତ (ଅଧ୍ୟାପକ)

ଓଡ଼ିଆ ବିଭାଗ

ବେତନଟୀ ମହାବିଦ୍ୟାଳୟ

ମୟୂରଭଞ୍ଜ-୭୫୭୦୨୫

ISSN -2583-147X (P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ଶେଷଚିଠି

ସୁକାନ୍ତି ରାଉତ

ଛାତ ଉପରେ ଛିଡା ହୋଇ ଅଙ୍କିତା ଚାହିଁଥିଲା ନୀଳଆକାଶକୁ । ଖୋଲା ଆକାଶ କୁଆଁର ପୁନେଇଁ ଜହ୍ନରାତି, ମୁକୁଳା ପବନ ଆଉ ସ୍ୱପ୍ନ ଭର୍ତ୍ତି ତା ଦୁଇଟି ନୀଳ ଅଖି । ଏସବୁ ଭିତରେ ହାଲୁକା ପବନରେ ତା ବାର ହାତ ଲମ୍ବା ବେଣୀଟା ହଲିଯାଉଥିଲା । ସତେ ଯେମିତି ତା' ବେଣୀରେ ଲହଡି ଭାଙ୍ଗୁଥିଲା ପୁଷ୍କରିଣୀର କଳା କଳାଘୁମର ପାଣି । ତା ସ୍ୱପ୍ନ କ୍ରମଶଃ ରଙ୍ଗହୀନ ହୋଇ ଯାଉଥିଲା ବୋଉର ଲୁହ ନିକଟରେ । ଭାବୁଛି ଏଥର ବୋଉକୁ ମନା କରିଦେବ ନାଁ ବୋଉ, ମୁଁ ବିବାହ କରିବିନି । ଜୀବନର ଶେଷ କଥା ବିବାହ ନୁହେଁ । ନାରୀ ଜୀବନର ଶ୍ରେଷ୍ଠ ସତ ହୁଏତ ପୂର୍ଣ୍ଣତା ହୋଇପାରେ । କିନ୍ତୁ ଏମିତି ତ କିଛି କଥା ନାହିଁ । ସବୁ ଝିଅମାନେ ହିଁ ପୂର୍ଣ୍ଣତା ପ୍ରାପ୍ତ ହେବେ । ଶଙ୍ଖା, ଶାଢୀ ସିନ୍ଦୁର ଆଉ ଓଢ଼ଣା ଟାଣିଦେଲେ କେହି ଜଣେ କୁଳବଧୂ ହୋଇଯାଏନି । ଅଧିକ ଅଧିକ ଯୌତୁକ ଦେଇ କାହା ମନକୁ ବାନ୍ଧି ହୁଏନି । ଅଗ୍ନି ଚାରିପଟେ ସାତ ଘେରା ବୁଲି ଆସିଲେ କେହି ସ୍ୱାମୀ- ସ୍ତ୍ରୀ ହୋଇଯାଏନି । କାହିଁକି କେଜାଣି ବୋଉକୁ ଦେଖିଲେ ଆପେ ଆପେ ତା' ବିଦ୍ରୋହର ସ୍ୱର ନରମିଯାଏ । କିନ୍ତୁ କିଛି ବି କହିପାରେନା ବୋଉକୁ । ମନେ ପଡ଼େ ଅତିକ୍ରମ ଆସିଥିବା ସତେଇଶିଟି ବସନ୍ତର କଥା ।

କାଲିପରି ଲାଗୁଛି ଧୂଳି, ମାଟିରେ ଘୁଷୁରିଥିଲା, ଲଙ୍ଗଳା ଦେହ, ଲାଳ ସବୁ ବହିଯାଉଥିଲା ଛାତିଦେଇ । ବୋଉ ସବୁ ପୋଛି ଦେଉଥିଲା କାନି ପଣତରେ । ଜହ୍ନ ମାମୁଁ ଦେଖାଇ ଖୁଆଇ ଦେଉଥିଲା । ରାଗି ଗଲେ, ରୁଷିଗଲେ ସତେ ଯେମିତି ତା ପୃଥିବୀଟା ଶୋଇପଡୁଥିଲା । କଜ୍ଜଳ, ପାଉଡର ଲାଗାଇ ମଥା କୁଣ୍ଡାଇ ସ୍କୁଲ ପଠାଇ ଦେଇଥିଲା । ତା ଅନୁପସ୍ଥିତି ବହୁତ କଷ୍ଟ ଦିଏ । କାରଣ ବୋଉର ବା' ଘର ୫ବର୍ଷ ପରେ ତାକୁ ହିଁ ଜନ୍ମ ଦେଇଥିଲା । ସବୁଯାକ ସ୍ନେହ, ମମତା, ଭଲପାଇବା ଅଜାଡ଼ି ଦେଇଥିଲା । ତା କେତେ ଓଷା ବାର ବ୍ରତ କରି ତାକୁ ସେ ପାଇଛି । ତା ଜନ୍ମର ଦୁଇ ବର୍ଷ ପରେ ତାର ଗୋଟେ ଛୋଟ ଭାଇ ହେଲା ଦୁହେଁ ସାଙ୍ଗ ହୋଇ ଖେଳୁଥଲେ । ବୋଉର ଦୁଇ ଆଖିର ସୁଖ ସ୍ୱପ୍ନ କହିଲେ ଭାଇ ଭଉଣୀଙ୍କୁ ହିଁ ବୁଝାଉଥିଲା । ବାପା ତ କାରଖାନାରେ କାମ କରନ୍ତି । ଟଙ୍କା କେଇଟିରେ ସଂସାର ଭଲରେ ଭଲରେ ଚଳିଯାଏ । ସେଥିରୁ କିଛି ପଇସା ବୋଉ ବ୍ୟାଙ୍କରେ ଜମା ରଖେ ଦୁଇ ଭାଇଭଉଣୀଙ୍କ ଭବିଷ୍ୟତ ପାଇଁ ।

ତା ସାନ ଭାଇ ପାଇଁ ଆଉ ବହି କିଣା ହୁଏନି । ତା' ବହିରେ ତା'ର ଚଳିଯାଏ । ସେ ଯେଉଁଦିନ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ୍ କଲା ସେଦିନ ବୋଉର ଖୁସି କହିଲେ ନସରେ । ବାପା ବି ସତେହେଁ ତାଙ୍କ ସ୍ୱପ୍ନ ସବୁ ସତ ହୋଇଗଲା । ବୋଉ ଚାରିଆଡ଼େ କହେ ଝିଅଟା ସିନା ମୋର ଦେଖିବାକୁ କଳା ହେଲେ କ'ଣ ହେବ ଭଲ ପାଠ ତ ପଢୁଛି । ଭାରି ବୁଦ୍ଧିମତୀ ଆଉ ଭଲ ବୁଣାବୁଣି କରିଜାଣିଛି । ଅଭାବ ଅନାଟନ ଭିତରେ ବୋଉ ତା ପାଇଁ ତା କାନଫୁଲ ବିକି କଲେଜରେ ଆଡ଼ମିଶନ୍ କଲା । ଯେଉଁ କାନଫୁଲଟି ତାଙ୍କ ଶାଶୁ ଆସିଲା ବେଳେ ଉପହାର ସ୍ୱରୁପ ଦେଇଥିଲେ । ଏତେ ଦୁଃଖ କଷ୍ଟ ଭିତରେ ସେ କେବେବି କାନଫୁଲ ବିକିବାକୁ ଦେଇନଥିଲା । ଆଜି ତା ଆଡମିଶନ୍ ପାଇଁ ତା ସ୍ମୃତି ସନ୍ତକକୁ ବିକି ଦେବାକୁ ପଛାଇ ନାହିଁ ।

ରମାଦେବୀ କଲେଜରେ ହେଇଗଲା ଆଡ଼ମିଶନ୍ । ହଷ୍ଟେଲରେ ରହିଲା । ପ୍ରଥମେ ପ୍ରଥମେ ତାକୁ ଅଦୌ ଭଲ ଲାଗୁନଥିଲା । ଯାହା ବି କଲେ ବାପା ବୋଉ ଭାଇ ଛଡା ଆଉ କିଛି ଦେଖାଯାଉ ନ ଥିଲା । ସାଙ୍ଗମାନଙ୍କ ସହ ଅଙ୍କିତା ନିଜକୁ ସାମିଲ କରିପାରୁ ନ ଥାଏ । ତାକୁ କେମିତି କେମିତି ଲାଗୁଥାଏ । ଦୁଇ / ଚାରି ଦିନପରେ ହଷ୍ଟେଲରୁ ଫେରି ଆସିଲା ନିଜ ଗାଁକୁ । ଆଉ କହିଲା ବୋଉ ମୁଁ ଆଉ ହଷ୍ଟେଲରେ ରହିବିନି । ତୋ ହାତରନ୍ଧା ଖାଇ ମୁଁ ପ୍ରତ୍ୟେକ ଦିନ ଯିବା ଆସିବା କରିବି । ବୋଉ ତୁ ମୋ କଥାରେ ରାଜି ହେଇଯା । ବୋଉ ତାକୁ ବୁଝାଇ ଦେଲା ଗୋଟେ ନୂଆ ଜିନିଷ ପ୍ରଥମେ ପ୍ରଥମେ ଭଲ ଲାଗେନି । କିଛିଦିନ ଗଲା ପରେ ସବୁ ତାକୁ ଭଲ ଲାଗେ । ମାଆ ତୁ କିଛି ଦିନ ରହ ତା ପରେ ଦେଖିବୁ ତୋତେ ସବୁ ଭଲ ଲାଗିବ । ତୁ ପରା ମୋ ସ୍ୱପ୍ନକୁ ସତ କରିବୁ । ମୋର ଗୋଟେ ଅଫିସର ଜୋଇଁ ହେବ । ମୁରୁକି ହସି ଦେଲା ଅଙ୍କିତା ଆଉ କହିଲା ବୋଉ ହଁ ହଁ ମୋ ସ୍ୱପ୍ନ ସତ କରିବି । ତା ପରଠୁ ଆଉ ଅଙ୍କିତା ଆଗପରି ହେଲା ନାହିଁ । ସବୁ କିଛିକୁ ଖାପଖୁଆଇ ଚଳିବା ଶିଖିଗଲା । ଅନ୍ୟ ଝିଅମାନଙ୍କ ପରି ସେ ବେଶୀ ପଇସା ଖର୍ଚ୍ଚ କରୁନଥିଲା । ସେ ବୁଝିପାରୁଥିଲା ବାପା ବୋଉ ତା ପାଇଁ କେତେ କଷ୍ଟରେ ପଇସା ପଠାଉଛନ୍ତି । ଯଦିଓ ତା ବାପା ବୋଉ ତାକୁ ଜଣାଇବାକୁ ଦେଉନଥିଲେ । ଅଭାବ ଅନାଟନ ସବୁ । ସେ କିନ୍ତୁ ଆପଣା ଛାଏଁ ସବୁ ଜାଣିପାରୁଥିଲା । ଏମିତି ବିତିଗଲା ତାର ୨ବର୍ଷ +୨ ପରୀକ୍ଷା । ସେ ପ୍ରଥମ ଦଶଜଣଙ୍କ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିଲା । ତା ପରେ ଆସିଲା ବିଜେବି କଲେଜକୁ ବି.ଏସ୍.ସି ପଢିବାକୁ । ମେଡିକାଲ ପାଇଁ ତ ପ୍ରଚୁର ଟଙ୍କା ଦରକାର । ତେଣୁ ସେ ସେଥିପ୍ରତି ମନବଳାଇଲା ନାହିଁ । ମନକୁ ମାରି ଦେଲା । ମାରିଦେଲା

ଏଇଥିପାଇଁ ସେ ଯଦି ମେଡିକାଲ ପଢେ ତା ହେଲେ ତା ସାନଭାଇ ଜୀବନ ନଷ୍ଟ ହୋଇଯିବ ।ତେଣୁ ସେ ତା ନିଷ୍ପତ୍ତିକୁ ବଦଳାଇ ଦେଲା । ତା ପ୍ରତି ବାପା ବୋଉ କେବେ ବି ଅବହେଳା କରିନାହାନ୍ତି । ପୁଅ / ଝିଅର ପାର୍ଥକ୍ୟ ଦେଖି ନାହାନ୍ତି ବରଂ ପୁଅ ଠାରୁ ଅଧିକ ଧ୍ୟାନ ଦେଇଛନ୍ତି । ତା ବୋଉ କେବେ ବି ଦିନେ କହିନି ଯେ ତୁ ସେଠି ପଠି ପାରିବୁନି । ବରଂ ତାକୁ ବାଧ୍ୟ କରିଛି ଏ କଲେଜରେ ପଢିବା ପାଇଁ । ବଡ଼ କଲେଜରେ ବଡ଼ ଲୋକୀର ଛୁଆ ଏବଂ ସୁନ୍ଦରୀ ଝିଅ ପଢନ୍ତି । ଅଙ୍କିତା ଭାବୁଥାଏ ନା ଏସବୁ ଗୋଟେ କୁହାକଥା । ସତ ବୋଲି ପା* ପଇସାର ନାହିଁ । ମୁଁ ତ ସୁନ୍ଦରି ନୁହେଁ । ବଡ଼ ଲୋକୀର ଝିଅ ନୁହେଁ । ନିଜକୁ ନିଜେ ଖୁସି ଅନୁଭବ କରୁଥାଏ । ଆଜିଯାଏଁ ତା ସାଙ୍ଗମାନଙ୍କ ପାରି କାହାରି ଠାରୁ କମେଣ୍ଟ ଶୁଣିନି । ଏଥିପାଇଁ ସେ ଭଗବାନଙ୍କୁ ଧନ୍ୟବାଦ ଦେଉଥାଏ ତାକୁ କଳା କରିଥିବାରୁ । ଯଦି ସେ ଗୋରା ହୋଇଥାନ୍ତା ତାକୁ ବି ସାଙ୍ଗମାନଙ୍କ ପରି ଥଟ୍ଟା ସହିବାକୁ ପଡିଥାନ୍ତା । ପ୍ରତେକ ଦିନ ଗୋଟେ ଗୋଟେ ଘଟଣାରୁ ସୃଷ୍ଟି ହୁଅନ୍ତା । ଆଜିକାଲିକା ଶସ୍ତା ପ୍ରେମ ।

ବି.ଏସ×.ସି ପରୀକ୍ଷା ଫଳ ବାହାରିଲା । ଫିଜିକ୍ସ ଅନର୍ସରେ ଟପର ହୋଇଛି ଅଙ୍କିତା । ଏହାପରେ ପି.ଜି ବାଣୀବିହାରରେ ଆଡ଼ମିଶନ୍ କଲା । ଚାହୁଁ ଚାହୁଁ ନଈ ସୁଅ ପରି ଦୁଇ ବର୍ଷ ବିତିଗଲା । ଜେଆରଏଫ୍ ପାଶ୍ କରି ସେ କମ୍ପିଡେଟିପ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା । ୟୁପିଏସ୍‌ସିରେ ପରୀକ୍ଷା ଦେଇ ଅଧ୍ୟାପିକା ଚାକିରୀ ପାଇଗଲା । ଏଥର ସୁଧୁରି ଯିବ ଘରର ପୂର୍ବ ପରିସ୍ଥିତି । ତା ବୋଉର ଅବଶିଷ୍ଟ ଜୀବନ ସୁଖଶାନ୍ତିରେ ବିତିବ ଆଉ ସତ ହେବ ସ୍ୱପ୍ନ । ସାନଭାଇ ତାରି ପାଖରେ ରହି ସେ ପାଠ ପଢିବ ତା ଠାରୁ ଆହୁରି ବଡ଼ ଅଫିସର ହେବ । ଏମିତି ଆହୁରି କେତେ କଣ ଭାବୁଥାଏ । ହଠାତ୍ ବୋଉର ଡାକରେ ତା ଭାବନାର ପୂର୍ଣ୍ଣଚ୍ଛେଦ ପଡ଼ିଲା । ଆଲୋ ମା ଆଜି ତୋତେ ଗୋଟେ କଥା କହିବି ରଖିବୁ ସତ କରିକହ ହଁ ବୋଉ ମୁଁ ନିଶ୍ଚିତ ରଖିବି ତୁ କହ । ଏଇ ପାଖ ଗାଁରେ ତୋ ଲାଗି ଗୋଟେ ପ୍ରସ୍ତାବ ଠିକ୍ କରିଛି । ସେମାନଙ୍କର ଝିଅ ପସନ୍ଦ ହେଲେ ତା ପରେ ଶୁଭ ଦିନ ସ୍ଥିର ହେବ । ବୋଉର ମୁହଁକୁ ଲକ୍ଷ୍ୟ କରି କିଛି କହିଲାନି ଅଙ୍କିତା । ନିରବ ରହିବାର ମାନେ ହଁ ବୋଲି ବୁଝି ନେଲା ତା ବୋଉ । ଏହାପରେ ଚାଲିଲା ଝିଅ ଦେଖା ପର୍ବ । ଝିଅ ଦେଖା ଶେଷରେ ଉତ୍ତର ଆସିଲା ସବୁ ମନକୁ ଯାଇଛି । ମାତ୍ର ଟିକେ ଅସୁବିଧା ଅଛି । ଝିଅଟି ଟିକେ କଳା । ଏମିତି ଗୋଟେ ପରେ ଗୋଟେ ପ୍ରସ୍ତାବ ଭାଙ୍ଗିବାରେ ଲାଗିଲା । ନିଜକୁ କେମିତି ଏକ ଅସହାୟ ବୋଲି ଭାବୁଥାଏ ଅଙ୍କିତା । ସେଦିନ ଭଗବାନଙ୍କୁ ଧନ୍ୟବାଦ ଦେଇ ନମସ୍କାର କରିଥିଲା । ତାକୁ କଳା କରିଥିବାରୁ ଆଜି ସେ ଭଗବାନଙ୍କୁ ଦାୟୀ କରୁଛି । ଆଉ ଭାବୁଛି ଦେଖା ହେଲେ ଠାକୁରଙ୍କୁ ଗାଳି ଦିଅନ୍ତି । କାଳୀ ଝିଅଙ୍କ ଭାଗ୍ୟରେ ଭଗବାନ କ'ଣ ଲେଖିନାହାନ୍ତି । ଶୁଭ ସାହାନାଇ ଶୁଣିବାକୁ ବାଡୁଆପାଣିରେ ଗାଧୋଇବାକୁ ଆଉ ଦୁଇ ଭ୍ରୁଲତା ମଧ୍ୟରେ ସିନ୍ଦୁର ଟୋପାଏ ନାଇଁବାକୁ । ତା ବୋଉ ଅଙ୍କିତା କଥା ଚିନ୍ତା କରି କରି କେମିତି ଏକପ୍ରକାର କ୍ଳାନ୍ତ ହୋଇସାରିଲାଣି । ତଥାପି ତା'ର ସେଇ ସ୍ୱପ୍ନ ଅଫିସର ଜୋଇଁ କରିବା । ସମୟ ସରିଯାଏ । ଯଦିଓ ସେ ଅସରନ୍ତି ଦୁଃଖ ଦେହସୁହା ହୋଇଯାଏ । ତଥାପି ସ୍ୱପ୍ନ ଦେଖେ ସୁନାନାକୀ ଝିଅ ପାଇଁ ଜ୍ୱାଇଁଟିଏ କରିବାକୁ । ଜନନୀର ହୃଦୟ ଜନନୀ ହିଁ ଏକ ବୁଝିପାରେ । ଅଙ୍କିତା ଏଥର ଅଣ୍ଟା ଭିଡେ ବୋଉକୁ ବୁଝାଇବାକୁ ଦେଖି ବୋଉ ମୁଁ ତୋ ଉପରେ ବୋଝ ନୁହେଁ । ତୋରି ଆଶୀର୍ବାଦରୁ ମୁଁ ନିଜ ଗୋଡ଼ରେ ଛିଡ଼ା ହୋଇଛି । ପୋଥିର ପୃଷ୍ଠା ସିନା ଓଲାଇଟାଇବାକୁ ପଡ଼େ କିନ୍ତୁ ଭାଗ୍ୟର ପୃଷ୍ଠା ଆପେ ଆପେ ଓଲଟିପଡେ । ତେଣୁ ବୋଉ ଭାଗ୍ୟରେ ଯାହା ଥିବ ସେଇଆ ହିଁ ହେବ । ତାକୁ କେହି ରୋକି ପାରିବେନି । ବୋଉ ତୁ ତୋ ନିଷ୍ପତ୍ତି ବଦଳାଇ ଦେ । ମୁଁ ପୁରୁଷର ସହଯୋଗ ବିନା ବ୍*ପାରିବି । ମୋ ପାଇଁ ଏତେ ଦୁଃଖ ସହିଛୁ ଆଉ ତୋତେ ହଇରାଣ ହେବାକୁ ଦେବିନି । ବିବାହ ନକରି କେତେ ମହିୟସୀ ମହିଳା ସମାଜର ଉପରସ୍ତରରେ ଅଛନ୍ତି । ତୁ କାହିଁକି ଭାବୁଛୁ ତୋ ଅଙ୍କିତା ପାରିବନି ବୋଲି । ସତରେ ବୋଉ, ତୋତେ ମୁଁ ଏତେ ଭଲପାଏ ବୋଲି କହିବାକୁ ଭାରି ଡର ଲାଗେ । ଆଉ ଯଦି ଏକଥା ତୋ ପାଖରେ ପ୍ରକାଶ କରିଦିଏ ତେବେ ତୋ ଛାତି କୁଣ୍ଢେମୋଟ ହୋଇଯିବ । ତୁ ଆଗପରି ମୋତେ ଭଲ ପାଇବୁନି । ବୋଉ, ତୋ ଭଲପାଇବା, ରାଣ, ତୁ ଆଉ ମୋ ପାଇଁ ଚିନ୍ତ କରନି ମୁଁ ଏମିତି ଅଛି ଭଲରେ ଅଛି । ଦୁନିଆ ଲୋକଙ୍କ କଥାରୁ ଆମକୁ କ'ଣ ମିଳିବ କହିଲୁ । ସେମାନେ କହିବେ ହିଁ କହିବେ । ସେମାନଙ୍କ ମୁହଁରେ ତ ବାଡ଼ବତା ଦେଇହେବନି । ତୁ ମୋ ପାଇଁ ଏତେ କଷ୍ଟ ସହିଛୁ । ଏଇ ପଦିଏ କଥା କ'ଣ ସହିପାରିବୁନି । ବୋଉ ଭଲକି ଚିନ୍ତା କରି ଦେଖ୍ ମୁଁ ଯାହା କହୁଛି ଠିକ୍ ନା ଭୁଲ୍ । ତୁ ଯଦି ମୋ କଥା ନ ମାନି ମୋଟା ଅଙ୍କର ଯୌତୁକ ଦେଇ ପରଘରୀ କରିଦେବୁ ତାହାଲେ ଯୌତୁକ ଲୋଭୀ ନରପିଶାଚମାନେ ମୋତେ ଦିନେ ରୁଦ୍ଧ କୋଠରୀ ଭିତରେ କିରୋସିନ ଢାଳି ପୋଡ଼ି ଦେବେ । ତୁ ବି ଦେଖିବୁ ପଢ଼ିବୁ ସେମାନଙ୍କ ପରି ତୋ ଝିଅ ଯୌତୁକ ଯୂଇରେ ନିଜ ଜୀବନକୁ ଆହୂତି ଦେଇଛି । ଯାହାକୁ ତୁ ଏତେ ଭଲପାଉ ତାକୁ କ'ଣ ତୁ ତୋ ପୃଥିବୀ ଭିତରୁ ଦୂରେଇ ଦେବାକୁ ଚାହୁଁ । ତାକୁ ବୋହୂ ବେଶରେ ଦେଖିବା ପାଇଁ ତୁ କ'ଣ ତାକୁ ମରଣ ମୁହଁକୁ ଠେଲି ଦେବୁ । ଗୋଟିଏ ଦିନର ହସ ପାଇଁ କୋଟିଏ ଦିନର ହସକୁ ଲିଭାଇ ଦେବୁ । ବୋଉ ତୋ ଝିଅ ଆଜି ତୋତେ ହାତ ଯୋଡ଼ି ଭିକ ମାଗୁଛି ତୁ ତାକୁ ବାହାଦେଇ ଚିନ୍ତାମୁକ୍ତ ହେବାକୁ ଚେଷ୍ଟା କରନି ।

ଆମକୁ କ'ଣ ମିଳିବ କହିଲୁ । ସେମାନେ କହିବେ ହିଁ କହିବେ । ସେମାନଙ୍କ ମୁହଁରେ ତ ବାଡ଼ବତା ଦେଇହେବନି । ତୁ ମୋ ପାଇଁ ଏତେ କଷ୍ଟ ସହିଛୁ । ଏଇ ପଦିଏ କଥା କ'ଣ ସହିପାରିବୁନି । ବୋଉ ଭଲକି ଚିନ୍ତା କରି ଦେଖ୍ ମୁଁ ଯାହା କହୁଛି ଠିକ୍ ନା ଭୁଲ୍ । ତୁ ଯଦି ମୋ କଥା ନମାନି ମୋଟା ଅଙ୍କର ଯୌତୁକ ଦେଇ ପରଘର କରିଦେବୁ ତାହାଲେ ଯୌତୁକ ଲୋଭୀ ନରପିଶାଚମାନେ ମୋତେ ଦିନେ ରୁଦ୍ଧ କୋଠରୀ ଭିତରେ କିରୋସିନି ଢାଳି ପୋଡ଼ି ଦେବେ । ତୁ ବି ଦେଖିବୁ ପଢ଼ିବୁ ସେମାନଙ୍କ ପରି ତୋ ଝିଅ ଯୌତୁକ ଯଜ୍ଞରେ ନିଜ ଜୀବନକୁ ଆହୂତି ଦେଇଛି । ଯାହାକୁ ତୁ ଏତେ ଭଲପାଉ ତାକୁ କ'ଣ ତୁ ତୋ ପୃଥିବୀ ଭିତରୁ ଦୂରେଇ ଦେବାକୁ ଚାହୁଁ । ତାକୁ ବୋହୂ ବେଶରେ ଦେଖିବା ପାଇଁ ତୁ କ'ଣ ତାକୁ ମରଣ

ମୁହଁକୁ ଠେଲି ଦେବୁ । ଗୋଟିଏ ଦିନର ହସ ପାଇଁ କୋଟିଏ ଦିନର ହସକୁ ଲିଭାଇ ଦେବୁ । ବୋଉ ତୋ ଝିଅ ଆଜି ତୋତେ ହାତ ଯୋଡ଼ି ଭିକ ମାଗୁଛି ତୁ ମୋତେ ବାହାଦେଇ ଚିନ୍ତାମୁକ୍ତ ହେବାକୁ ଚେଷ୍ଟା କରନି । ଅଙ୍କିତା ଲକ୍ଷ୍ୟ କଲା ତା' ବୋଉ ଚାହାଣୀରେ କେମିତି ଗୋଟାଏ ପରିବର୍ତ୍ତନ । ପାଖକୁ ଆସି କୁଣ୍ଢାଇ ପକାଇଲା ଅଙ୍କିତାକୁ । ଆଉ କହିଲା ମା' ମୁଁ ତୋ ମାଆ ନୁହେଁ, ତୁ ମୋ ମାଆ । ଦେଖ୍ ମାଆ ଅବୁଝା ହୋଅନି । ବାହାଘର ଝିଅ ଜୀବନର ଜନ୍ମ ମୃତ୍ୟୁ ପରି ଗୋଟେ ସତ୍ୟ । ଆଉ ଆମ ସମାଜ ଗୋଟେ ବାଢୁଅ ଝିଅକୁ ଭଲ ଦୃଷ୍ଟିରେ ଦେଖେନି । ତୋତେ କ'ଣ ଆମେ ଏମିତି ସେମିତି ଘରକୁ ଦେବୁ ଯେ କିଏ ତୋତେ ଅଧିକ ଯୌତୁକ ଟଙ୍କା ଦାବି କରି ମାରିଦେବ । ଦେଖ୍, ମାଆ ଆମ ଘରେ ଯେମିତି ତୁ ରହିଛୁ, ସେଠି ବି ସେମିତି ରହିବୁ । ଜାଣିଛୁଁ ବହୁତ କଥା ଅଛି ଯାହା ତୁ ମୋ ପାଖେ କହିପାରୁନୁ । କିନ୍ତୁ ସ୍ୱାମୀ ପାଖେ ସେ ସବୁ କହିହୁଏ । ଆଉ ତୋତେ ନା ଯିଏ ବାହାହେବ ସେ ଲକ୍ଷେ ଶିବ ପୂଜିଥିବ । ବୋଉର ଏକଥା ଶୁଣି ଖୁବ୍ ହସିଥିଲା ଅଙ୍କିତା । ପୁଣି ବୋଉ ବୁଝାଉଥିଲା -ହଁ ଯେ ବୋଉ ମୁଁ ବୁଝୁଛି ତୋ କଥା-କିନ୍ତୁ ବୋଉ ମୁଁ ଜାଣେନା କାହିଁକି ଏ ବିବାହ ଉପରେ ମୋର ସବୁ ବିଶ୍ୱାସ ଭରସା ତୁଟିଯାଉଛି । ମୋର ସାଙ୍ଗ ଶିଖା । ଯିଏ +୨ରେ ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ତୁ କହ ତାକୁ କାହିଁକି ତା ସ୍ୱାମୀ ଆଉ ଶାଶୁ ଘର ଲୋକେ ମାରିଲେ । ତା ବାପା ତ ତା ବାହାଘରରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଆଇ୨୦ କାର ବି ଯୌତୁକ ଦେଇଥିଲେ । କିନ୍ତୁ କୌଣସି ଗୋଟିଏ ଦିନ ବି ସେ ଶାଶୁଘରେ ଶାନ୍ତିରେ ନ ଥିଲା । ଏପରି ତା ସ୍ୱାମୀ ବି ବାହାଘର ୮ ଭିତରେ ଥରେ ବି ଆସି ନ ଥିଲେ । ଫୋନ୍ ବି କରନ୍ତି ନି । ମୋତେ ସେ ଏକଥା କହି କେତେ କାନ୍ଦେ । ମୁଁ କହେ- ଆରେ ତୁ କ'ଣ ପାଠ ପଢ଼ିନୁ । ସେଠି କାହିଁକି ଚାକରାଣୀ ପରି ପଡ଼ି ରହିଛୁ । ତୋ ଜାଗାରେ ମୁଁ ଥିଲେ ନା ଗୋଟାଏ ଦିନରେ ସେ ଘର ଛାଡ଼ି ନିଜ ସିଂଘରେ ନିଜେ ମାଟି ତାଡ଼ନ୍ତି । କିନ୍ତୁ ଶିଖା ତାକୁ କହୁଥିଲା- ଗୋଟେ ଝିଅର ଜୀବନ ବହୁତ ନୀତି ନିୟମରେ ବନ୍ଧା । ସବୁଠି ଖାଲି ଯାତନା ଆଉ ଯନ୍ତ୍ରଣାର କଥା । ମୁଁ ପାରିବିନି ଲୋ ଅଙ୍କିତା । ଆଉ ଦିନ କେଇଟା ପରେ ମୁଁ ବି ସେମାନଙ୍କ ପରି ଯୌତୁକ ଯଜ୍ଞକୁଣ୍ଡରେ ଜଳିଯିବି । ଶେଷ ଇଚ୍ଛା ଥିଲା ଯାହା ପାଇଁ ଏତେ କଷ୍ଟ ସହି ଏଠି ପଡ଼ି ରହିଛି, ସେ ଟିକେ ମୋତେ ସାହାରା ଦିଅନ୍ତୁ ଆଉ ମୁଁ ତାଙ୍କରି କୋଳରେ ହିଁ ମଥା ରଖି ଶେଷ ନିଃଶ୍ୱାସ ନିଅନ୍ତି । ଠିକ୍ ତା ପରଦିନ ମୁଁ ଶୁଣିଲି ତାକୁ ତା ଶ୍ୱଶୁର ଘର ଲୋକେ ମାରି ଦେଇଛନ୍ତି । କହ ବୋଉ-ଶିଖାର କି ଭୁଲ ଥିଲା । କାହିଁକି ସେମାନେ ମାରିଦେଲେ । ଆଉ ଆଉ ମୋତେ ଯଦି କେହି ଏମିତି ମାରିଦିଏ, ତୁ କ'ଣ କରିବୁ । କିଛି ବି କରିପାରୁବୁ ନାହିଁ । ଆମ ଦେଶରେ ଆଇନ୍ କାନୁନ ବି ଆଜି ଅନ୍ଧ । ଆଇନ୍ କାନୁନ ଖାଲି କାଗଜପତ୍ରରେ ଲେଖାହୋଇଥିବା ଗୋଟେ ଦସ୍ତାବିଜ୍ । ହଲ୍ଲାଗୁଲ୍ଲା ହେଉଛି ସଂସଦ । ଝିଅଙ୍କ ପାଇଁ ସବୁ ଆଇନ୍ । କିନ୍ତୁ ମହିଳା କମିଶନ୍, ମହିଳା ଥାନା ଏସବୁ କରୁଛନ୍ତି କ'ଣ ?କହିପାରିବୁ ବୋଉ- କୋଉଠି ଗୋଟେ ମଧ୍ୟବର୍ତ୍ତ ପରିବାର ନ୍ୟାୟ ପାଇଛି ବୋଲି । ପଇସା ଦେଲେ ଦିନ ଆଲୋକରେ ସ୍ତ୍ରୀକୁ ହତ୍ୟା କରି ରାଜରାସ୍ତାରେ ବି ଛାତି ଫୁଲେଇ ବୁଲିଲା ତା ସ୍ୱାମୀ ଅନିକେତ । କହ ବୋଉ କୋଉଠି ଥିଲା ସେତେବେଳେ ଆମ ଆଇନ୍ । ବୋଉ କିଛି କହିପାରୁ ନଥିଲା । କିଛି ସମୟ ନିବର ରହିବା ପରେ କହିଲା- ସମସ୍ତେ ସେମିତି ନୁହେଁ । ଜଣେ ପୁଅ ଭୁଲ୍ କଲା ବୋଲି ସମସ୍ତେ ଯେ ଭୁଲ୍ କରିବେ ସେମିତି କିଛି କଥା ନାହିଁ । ବାହାଘର ଗୋଟେ ପବିତ୍ର ଶବ୍ଦ । ତେତ୍ରିଶ କୋଟି ଦେବାଦେବୀ, ପୂଣ୍ୟ ହୋମ ନିଆଁକୁ କେହି ବି ଅବମାନନା କରନ୍ତି ନାହିଁ । ଦେଖ୍ ମାଆ ନାରୀର ଜୀବନ ଖାଲି ସମର୍ପଣରେ ଗଢ଼ା । ପୁରୁଷ ଖାଲି ଭୁଲ କରିଚାଲେ ଆଉ ନାରୀ ସେ ଭୁଲ୍‌କୁ ସୁଧାରେ । କେବେ ହାରିଯାଏ ତ କେବେ ଜିତିଯାଏ । କିନ୍ତୁ ତୁ ତ ଛୋଟ ପିଲା । ମୁଁ ଆମ ସମୟର କଥା କହୁଛି-ମୁଁ ଯେବେ ତମ ଘରକୁ ବାହାହୋଇ ଆସିଲି-ମୋତେ ବି କେତେ କଟକଣା ଭିତରେ ରହିବାକୁ ପଡ଼ିଥିଲା । ତୋ ଜେଜିମା ଟିକେ ଯଦି କୋଉ ଦିନ ଗରମ ପାଣି କରିନାହିଁ । ସେଦିନ ତୋ ଜେଜିମା ମୋତେ କଥା କହନ୍ତି ନାହିଁ । କେତେ କାକୁତି ମିନତୀ କରେ ଆଉ ଭୁଲ୍ ବି ମାଗେ । କିନ୍ତୁ ତାଂକୁ ମୁଁ ବହୁତ ଭଲପାଏ । ତାହାର କାରଣ ଏହା ଥିଲା ଯେ କେବେ ଥରେ ବି ସେ ମୋ ନାମରେ ତୋ ଜେଜି ବାପା କି ତୋ ବାପାଙ୍କ ପାଖେ ଅଭିଯୋଗ କରିନାହାନ୍ତି ଆଉ ମୋତେ ଭଲପାଆନ୍ତି ବୋଲି ମୁଁ ଅନୁଭବ କରିଛି । ମୁଁ ଯେବେ ତୋ ମାମୁଁଘରକୁ ଦୁଇଦିନ ପାଇଁ ଯାଏ । ସେ ହଜାରେ ଥର ଖବର ଦିଅନ୍ତି ମୋ ବୋହୂକୁ ଆଣି ଜଲଦି ଛାଡ଼ିବାକୁ । ଆଉ ମୁଁ ବି ଖୁବ୍ ଶୀଘ୍ର ପଳାଇଆସେ । ତେଣୁ କଥା ହେଉଛି ସେ ସମୟ ଆଉ ଏବେର ସମୟ ମଧ୍ୟରେ ଢ଼େର ପରିବର୍ତ୍ତନ ଘଟିଛି । ଆଜି ଆଉ ବୋହୂମାନେ ଘରର ଚାରିକାନ୍ଥ ଭିତରେ ରହିବାକୁ ପସନ୍ଦ କରୁନାହାନ୍ତି । ସଂସାର କହିଲେ କେବଳ ସ୍ୱାମୀ ହିଁ ବୁଝୁଛନ୍ତି । ଯାହାଫଳରେ ସମସ୍ୟା ବଢ଼ୁଛି । କିନ୍ତୁ ତୁ ମୋ ଝିଅ ଆଉ ଆମ ଆଦର୍ଶରେ ଗଢ଼ା ହୋଇଛୁ । ତୁ କାହିଁ ଭାବୁଛୁ ଯେ ତୋ ଭାଗ୍ୟରେ ବି ସେମିତି ହେବ । କିନ୍ତୁ ଶେଷରେ ସବୁ ଦ୍ୱନ୍ଦ ଭିତରେ ଦିନେ ଅଙ୍କିତାକୁ ବାହାହେବାକୁ ପଡ଼ିଥିଲା । ବାପା ଆଉବୋଉଙ୍କ ପସନ୍ଦରେ । ବାହାଘର ହେଲା ଖୁବ୍ ଧୂମଧାମ୍‌ରେ । ୫୦ ଖଣ୍ଡ ଗାଁର ଲୋକ ଭୋଜି ଖାଇଲେ । ସବୁ କହିଲେ ଝିଅଟା ଭାଗ୍ୟ ବହୁତ ଭଲ । ଏତେ ବଡ଼ ଘରେ ବାହାହେଉଛି ।

ଯେଉଁଦିନ ଚନ୍ଦନ ସିନ୍ଦୁରରେ ସଜେଇ ହୋଇ ବଧୂ ସାଜି କାରରେ ବସିଥିଲା ସିଦ୍ଧାନ୍ତଙ୍କ ଖୁବ୍ ପାଖରେ । ବୋଉ ସିଦ୍ଧାନ୍ତଙ୍କୁ ଧରି ଖୁବ୍ କାନ୍ଦୁଥିଲା ଆଉ କହିଲା ମୋ ଝିଅକୁ ଖୁସିରେ ରଖିବ ଆଉ ତାର ଛୋଟ ଛୋଟ ଭୁଲ୍ ଧରିବନି । ସିଦ୍ଧାନ୍ତ ଉତ୍ତର ଦେଇଥିଲେ-କାହିଁ ମୁଁ କ'ଣ ଜଙ୍ଗଲକୁ ନେଇଯାଉଛି ଯେ ଏତେ ଭୟ ମୋ ସହିତ ଛାଡ଼ିବାକୁ । କିନ୍ତୁ କାର ଭିତରେ ଥାଇ ଅଙ୍କିତା ଦେଖୁଥିଲା ତା ବୋଉ ଖୁବ୍ ଜୋରରେ ବାହୁନି କାନ୍ଦୁଛି । ମନେ

ମନେ ଭାବୁଥିଲା- ବାହାଦେବ ବାହାଦେବ ବୋଲି ଏତେ ଗୋଡ଼ କଚାଡ଼ି ହେଉଥିଲା । ବାପାଙ୍କୁ ଟିକେ ଶାନ୍ତିରେ ଶୁଆଇ ଦେଉ ନ ଥିଲା । ଆଜି ପୁଣି ଏତେ କାନ୍ଦିବାର ମାନେ କ'ଣ ? ? କିନ୍ତୁ କହିପାରୁ ନ ଥିଲା । ସବୁ ଝିଅଙ୍କ ପରି ଅଙ୍କିତା ବି ଆଖିରେ ଆଖିରେ ମେଞ୍ଚାଏ ସପନ ନେଇ ଶାଶୁଘରକୁ ଆସିଲା । ଦିନ କେଇଟାରେ ସଭିଁଙ୍କୁ ମନେଇ ନେଲା । ବାହାଘରର ଠିକ୍ ଏକ ମାସ ପରେ ଆବିଷ୍କାର ହେଲା ସିଦ୍ଧାନ୍ତଙ୍କର ଆଉ ଗୋଟେ ପତ୍ନୀ ଅଛନ୍ତି । ଯିଏ ବିନା ବିବାହରେ ସିଦ୍ଧାନ୍ତଙ୍କ ସହିତ ରହୁଛନ୍ତି । ଛୋଟ ପୁଅକୁ ବୁଝାଇଲା ପରି ବୁଝାଇଲା- ଦେଖ ସିଦ୍ଧାନ୍ତ, ଆମ ଭାରତୀୟ ସମାଜ ଗୋଟେ ପୁରୁଷର ଦୁଇଟି ସ୍ତ୍ରୀ । ଏହାକୁ ଏତେ ସହଜରେ ଗ୍ରହଣ କରେନି । ତା ଛଡ଼ା ଆଗକୁ ବାହାହୋଇ ନ ଥିଲ ବୋଲି ଏପରି କାର୍ଯ୍ୟ କରୁଥିଲ । ଏବେ ତ ବାହାହୋଇସାରିଲଣି । ଆଉ ସେମିତି ଭୁଲ୍ କରନି । ମୁଁ ମାନୁଛି ପିଲାବୟସରେ କିଛି ଗୋଟାଏ ଭୁଲ କରିଦେଇଛ । ଦେଖ, ଆମ ପରିବାର ଗୋଟେ ସାଧାରଣ ପରିବାର । ଆଉ ଆମ ଦୁଇ ପରିବାରର ମାନ ସମ୍ମାନ ରହିଛି । ସେସବୁ ନଷ୍ଟ କରନି । କିନ୍ତୁ ତାର କୌଣସି କଥା ଶୁଣି ନ ଥିଲେ ସିଦ୍ଧାନ୍ତ । ଦିନ କେଇଟା ପରେ ସିଦ୍ଧାନ୍ତ ଚାକିରିକୁ ପଳାଇଲେ । ଆଉ ସେ ଝିଅ ସହିତ ମଜା ମସ୍ତିରେ ଦିନ କାଟିଲେ । କେତେ ତାଙ୍କୁ ବୁଝାଇଛି ଅଙ୍କିତା ସିନ୍ଦୁରର ଆକର୍ଷଣକୁ ପାଗଳ ବି ଆଡ଼େଇ ପାରେନି । ବହୁତ କଷ୍ଟ ସହିଲା । ସହିବାର ସୀମା ଟପିଗଲା । ଆଉ ପାରିଲାଣି । ଯାଆର ବି ଅତ୍ୟାଚାର । ଟିକିଏ ଟିକିଏ କଥାରେ କେତେ କ'ଣ କହିଯାଆନ୍ତି । ତାର ମନେ ପଡୁଥିଲା ତା ବୋଉ କଥା-ସ୍ୱାମୀ ପାଖେ ସବୁ କଥା ମନ ଖୋଲି କହିହୁଏ । ତଥାପି ତା ମନରେ ସ୍ୱାମୀ ପ୍ରତି ଦରଦ ଥାଏ । କାଳେ ସେ କଷ୍ଟ ପାଇବେ ବୋଲି କିଛି ବି କହିପାରେନି ଫୋନ୍‌ରେ । ବାସ୍ ପତିବ୍ରତା ସ୍ତ୍ରୀର ଦାୟିତ୍ୱ ନିଭାଏ । ଶେଷରେ ହାରିଗଲା ଅଙ୍କିତା ଦିନେ ତା ବେଡ଼ରୁମ୍‌ରୁ ତା ଶବ ଉଦ୍ଧାର କରାଗଲା ତା ସହିତ ଏକ ମୃତ୍ୟୁଲେଖ ବି ।

ବୋଉ, ତୋତେ ଆଉ ଜୀବନରେ କେବେ ଦେଖିପାରିବିନି । ବୋଉ ତୁ କହୁଥିଲୁ ନା-ସବୁ ପୁରୁଷ ଶିଖାର ସ୍ୱାମୀ ପରି ନୁହେଁ । କିନ୍ତୁ ବୋଉ ସବୁ ମିଛ । ବାପାଙ୍କୁ କହିଦେବକୁ ମୁଁ ବହୁତ ଭଲରେ ଅଛି । ଯେମିତି ତମମାନଙ୍କ ପାଖରେ ଥିଲି । ମୁଁ ଜାଣେ ତୁମେ ମାନେ ମୋତେ ଝୁରୁଥିବେ । ବାପା କାଳେ ଝୁରି ଝୁରି ରୋଗ ଶଯ୍ୟାରେ ପଡ଼ିଲେଣି । ଏକଥା ମୁଁ ଜାଣେ । କିନ୍ତୁ କ'ଣ କରିବି ? ମୁଁ ଅନୁଭବ କରିପାରିଛି ତୁମେମାନେ ଭାଇ ଠାରୁ ବି ମୋତେ ଅଧିକ ଭଲପାଉଥିଲ । ଭାଇକୁ ପଇସା ନ ଦେଇ ମୁଁ ଯେତେବେଳେ ଯେତେ ପଇସା ମାଗିଛି ମୋତେ ଦେଇଛ । ସେଥିପାଇଁ ତ ତୁମ ଦୁଇଜଣଙ୍କ ଖୁସି ପାଇଁ ସେଦିନ ବାହାହେବା ପାଇଁ ରାଜି ହେଲି । ବାପା ମୋତେ ମୋତେ କହିଥିଲେ-ଦେଖ୍ ଝିଅ-ବାହାଘର ଏକ ଜୀବନର ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ଆମ ପସନ୍ଦର ପିଲା କେବେ ଖରାପ ହେବନି । ଏଇ ବିଶ୍ୱାସ ମୋର ଅଛି । ମୋତେ କାଳେ ସେ ବାପାଙ୍କ ଠାରୁ ଖୁସିରେ ରଖିଛନ୍ତି । କିନ୍ତୁ ବୋଉ ମୁଁ ତ ତୋ କଥାରେ ରାଜିହୋଇଗଲି ଆଉ ବାହା ବି ହେଲି । ମୋ ପାରୁ ପର୍ଯ୍ୟନ୍ତ ଚେଷ୍ଟା ବି କଲି ଗୋଟେ ସୁଖର ସଂସାର ପାଇଁ । ତୋର ଇଚ୍ଛା ବି ପୂରଣ କଲି । ତୁ ବି ମୋ ଇଚ୍ଛା ପୂରଣ କରିବୁ । ମୁଁ ମରିଗଲା ପରେ ମୋ ଶବକୁ କୋଉଠି ପୋଷ୍ଟ ମର୍ଟମ କରିବନି । କାରଣ ମୁଁ ଚାହେଁନି ମୋ ଶାଶୁଘର ଲୋକ ଭୁଲ୍ ଆଉ ମୁଁ ଠିକ୍ । ହଁ, ମୁଁ ମୋ ଦେହ ଭୀଷଣ ଖରାପ । ଆଉ ବଞ୍ଚିପାରିବିନି ବୋଧେ । ମୋ ଶବକୁ ମୋ ଶାଶୁଘରେ ହିଁ ରଖିବ ଆଉ ମୋ ସ୍ୱାମୀଙ୍କ କାନ୍ଧରେ ମୋତେ ଅନ୍ତଃତଃ ଥରେ ତ ଶାନ୍ତିରେ ଶୋଇବି । ମୋ କଥା ରଖିବୁ ନା ବୋଉ । ରାତି ଅନେକ ହେଲାଣି । ରହୁଛି । ଇତି ତୋର

(ହତଭାଗିନୀ ଅଙ୍କିତା ।) ।

ରାଘବପୁର, ଗେଡ଼ମା,
ମଞ୍ଜୁରିରୋଡ଼,ଜି-କେନ୍ଦୁଝର-୨୧ ।

ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ସତ୍ୟ, ଅହିଂସା ଓ ସହିଷ୍ଣୁତା ମନ୍ତ୍ରରେ ଅଭିସିଞ୍ଚ ଗାନ୍ଧୀ

ମୀରା ବେଉରା

ଥରେ ଆଲବର୍ଟ ଆଇନଷ୍ଟାଇନ୍ କହିଥିଲେ- "ଭବିଷ୍ୟତର ବଂଶଧରମାନେ କ୍ୱଚିତ୍ ବିଶ୍ୱାସ କରିବେ ଯେ, ରକ୍ତମାଂସଧାରୀ ଏଭଳି ଜଣେ ମାନବ ଏକଦା ଏ ଧରାପୃଷ୍ଠରେ ବିଚରଣ କରିଥିଲେ ।"

ସତରେ ଊନବିଂଶ ଶତାବ୍ଦୀରେ ଜନ୍ମଲାଭ କରି ଯେଉଁ ଯୋଗଜନ୍ମା ମହାପୁରୁଷମାନେ ନିଜ ଦେଶ ପାଇଁ, ଜାତି ପାଇଁ, ରାଷ୍ଟ୍ର ପାଇଁ ଗୌରବ ଆଣି ସମଗ୍ର ବିଶ୍ୱର ରାଜନୀତିକୁ ପ୍ରଭାବିତ କରି ନିଜ ଜୀବନ ଦର୍ଶନ ଦ୍ୱାରା ଗଭୀରଭାବେ ସମଗ୍ର ବିଶ୍ୱକୁ ଆଲୋଡନ କରି ଏକ ବିସ୍ମୟ ସୃଷ୍ଟି କରିଥିଲେ ଏବଂ ଗୋଟିଏ ନୂତନ ସ୍ୱାଧୀନ ଭାରତ ସୃଷ୍ଟି କରିବାକୁ ସଂକଳ୍ପବଦ୍ଧ ଥିଲେ ସେମାନଙ୍କ ମଧ୍ୟରେ ନୀତିନିଷ୍ଠ ଯୁଗସ୍ରଷ୍ଟା, ଦେଶପ୍ରେମୀ, ତ୍ୟାଗୀ, ସତ୍ୟ, ଅହିଂସାର ପୂଜାରୀ, ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ । ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖରେ ଗୁଜୁରାଟର କାଠିଆୱାଡ଼ ଜିଲ୍ଲାର ପୋରବନ୍ଦରଠାରେ ପିତା କରମଚାନ୍ଦ ଗାନ୍ଧୀ ଓ ମାତା ପୁତୁଲିବାଇଙ୍କଠାରୁ ଜନ୍ମଲାଭ କରିଥିଲେ । ବାରମ୍ବାର ଜୀବନ ଯୁଦ୍ଧରେ ପରୀକ୍ଷା ଦେଇ ମଧ୍ୟ ଝୁଣ୍ଟି ନଥିବା ମଣିଷ ଥିଲେ ଗାନ୍ଧୀ । ନିଜର ବିଚାରଧାରା, ସତ୍ୟ, ଅହିଂସା ନୀତି, ତ୍ୟାଗ, ଦେଶପ୍ରେମ ଦ୍ୱାରା ଆଜି ତାଙ୍କର ୧୫୦ତମ ଜୟନ୍ତୀ ଉତ୍ସବରେ ପ୍ରତିଟି ହୃଦୟରେ ସ୍ମରଣୀୟ ପ୍ରତିଭା ଏବଂ ବିରଳ ବ୍ୟକ୍ତିତ୍ୱ ହୋଇ ରହିଛନ୍ତି ।

ଗାନ୍ଧୀ ଯେତେବେଳେ ଭାରତୀୟ ବ୍ୟବସାୟୀଙ୍କୁ ଆଇନଗତ ସହାୟତା ଦେବା ପାଇଁ ଦକ୍ଷିଣ ଆଫ୍ରିକା ଯାତ୍ରା କରିଥିଲେ ଏବଂ ପ୍ରଥମ ଶ୍ରେଣୀ ରେଳଯାତ୍ରା କରିଥିଲାବେଳେ, ବର୍ଣ୍ଣବୈଷମ୍ୟବାଦ, ଗୋରାକଳା ଭେଦଭାବର ଶିକାର ହୋଇଥିଲେ, ଯାହା ଅତ୍ୟନ୍ତ ଦୁଃଖର କଥା । ତାଙ୍କର ଯାତାୟାତର ପ୍ରମାଣପତ୍ର ଥିବା ସତ୍ତ୍ୱେ ତାଙ୍କୁ ପିଟର୍ସବର୍ଗ ରେଳଷ୍ଟେସନ୍‌ରେ ଧକ୍କା ମାରି ତଳକୁ ଓହ୍ଲାଇ ଦିଆଯାଇଥିଲା । ଯାହାଥିଲା ଅତ୍ୟନ୍ତ ଅପମାନ ଓ ଲଜ୍ଜାର କଥା । ବିନା ଆଲୁଅରେ ବିନା ପାଣିରେ ବିନା ବସ୍ତ୍ରରେ ଶୀତ କାକର ରାତିରେ ନିର୍ଜନରେ ସେଇଠି ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା । ସେଇଠି ସେହି ମୁହୂର୍ତ୍ତରେ ଗାନ୍ଧୀ ଗୋଟିଏ ବଜ୍ର ଶପଥ ନେଇଥିଲେ । ଆଖିରେ ଥିଲା ଅଗ୍ନିର ଜ୍ୱାଳାମୁଖୀ ନିଷ୍ପ୍ରଭ ହେଉନଥିବା ଅଭିମାନଭରା ଶପଥ, ଯାହା ସେ ଦିନ ଗାନ୍ଧୀଙ୍କୁ ଭବିଷ୍ୟତରେ ମହାତ୍ମାଗାନ୍ଧୀ ରୂପେ ସମଗ୍ର ବିଶ୍ୱରେ ପରିଚୟ ଦେଇଥିଲା । ଯେଉଁ ଅମରଆତ୍ମା ଗାନ୍ଧୀ ସତ୍ୟ, ଅହିଂସା ଓ ସହିଷ୍ଣୁତାକୁ ପାଥେୟ କରି ନିଜର ସମଗ୍ର ଜୀବନକୁ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ପାଇଁ ବଳି ଚଢ଼ାଇ ଦେଇଥିଲେ ସେ ଥିଲେ ମହାତ୍ମାଗାନ୍ଧୀ । ଜୀବନର ପ୍ରତି ମୁହୂର୍ତ୍ତରେ ଭେଟିଥିଲେ ପ୍ରତିକୂଳ ପରିସ୍ଥିତିକୁ । ତଥାପି ନିଜର ଅଦମ୍ୟ ଉତ୍ସାହ ଦ୍ୱାରା କେବେବି ହାରି ନ ଯାଉଥିଲେ । ଜୀବନ ସଂଘର୍ଷରେ ଏକ ବୀର ଯୋଦ୍ଧାପରି ସ୍ୱାଧୀନତା ସଂଗ୍ରାମରେ ଦୃଢ଼ତାର ସହ ସାମ୍ନା କରିଥିଲେ ବାରମ୍ବାର । ଅନେକ ବାର ଇଂରେଜ ସରକାରଙ୍କ ବିରୋଧର ଶୀକାର ହୋଇ ବାରମ୍ବାର କାରାବରଣ କରିଥିଲେ, ଅନଶନ ମଧ୍ୟ କରିଥିଲେ କିନ୍ତୁ ଆଦୌ ଥକି ପଡ଼ିନଥିଲେ । ମନରେ କଦାପି କ୍ଳେଶ ନ ଥିଲା । ସତ୍ୟ, ଅହିଂସା, ସତ୍ୟାଗ୍ରହକୁ ଆଦରି ନେଇ ଭାରତକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଜାତିର ଇତିହାସରେ ଗୌରବମୟ ପୃଷ୍ଠା ମଣ୍ଡନ କରିଥିଲେ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆଦରି ନେଇ ଭାରତକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଆଜି ମଧ୍ୟ ସମଗ୍ର ବିଶ୍ୱରେ ଭାରତବର୍ଷ ଏଭଳି ଏକମାତ୍ର ରାଷ୍ଟ୍ର ଯିଏ ସତ୍ୟକୁ ଏବଂ ଅହିଂସାକୁ ଅସ୍ତ୍ର କରି ସ୍ୱାଧୀନତା ଲାଭ କରିଥିଲା ପିଲାଦିନେ ମା'ଙ୍କର ସତ୍‌ଚରିତ୍ର ମା'ଙ୍କଠାରୁ ବୀର ପୁତ୍ରଙ୍କ କାହାଣୀ, ରାମାୟଣ, ମହାଭାରତ, ନାଟକ ହରିଶ୍ଚନ୍ଦ୍ର ଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ବିଭିନ୍ନ ବ୍ୟକ୍ତିତ୍ୱଙ୍କ ଜୀବନ କାହାଣୀ ଗାନ୍ଧୀଙ୍କୁ ପ୍ରେରଣା ଦେଇ ମୋହନରୁ ମହାତ୍ମାରେ ପରିଣତ କରିବା ପାଇଁ ଯଥେଷ୍ଟ ଉପାଦେୟ ଥିଲା । ଯୀଶୁଖ୍ରୀଷ୍ଟ, ଥୋରିୟୁ ରସକିନ୍ ବଣ୍ଡ, ଲିଓ ଟଲଷ୍ଟୟ, ଗୋପାଳକୃଷ୍ଣ ଗୋଖେଲ ଥିଲେ ତାଙ୍କର ଆଦର୍ଶ ବ୍ୟକ୍ତିତ୍ୱ । ଗାନ୍ଧୀଙ୍କୁ ତାଙ୍କ ଦର୍ଶନକୁ ସାର୍ବଜନୀନ ସମ୍ମାନ ପ୍ରଦର୍ଶନ କରି ୨୦୦୭ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଏକ ପ୍ରସ୍ତାବ କରି ଗାନ୍ଧୀଙ୍କ ଜନ୍ମଦିବସକୁ ଅକ୍ଟୋବର ୨ ତାରିଖକୁ ଆନ୍ତର୍ଜାତୀୟ ଅହିଂସା ଦିବସ ରୂପେ ପାଳନ କରାଯାଉଅଛି । ଗାନ୍ଧୀଙ୍କ ଦ୍ୱାରା କେବଳ ଭାରତୀୟମାନେ ପ୍ରଭାବିତ ହୋଇନାହାଁନ୍ତି, ବିଶ୍ୱର ତୁଙ୍ଗନେତାମାନେ ଯେମିତିକି ଯୁକ୍ତରାଷ୍ଟ୍ର ଆମେରିକାର ମାନବିକ ଅଧିକାରର ପ୍ରବକ୍ତା ମାର୍ଟିନ ଲୁଥରକିଙ୍ଗ୍, ବାରବ ହୁସେନ୍, ଓବାମା, ଦକ୍ଷିଣ ଆଫ୍ରିକାର ତୁଙ୍ଗନେତା ପ୍ରଥମ ରାଷ୍ଟ୍ରପତି ନେଲସନ୍ ମାଣ୍ଡେଲା ମଧ୍ୟ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ । ଭାରତ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଆନ୍ଦୋଳନ, ଅସହଯୋଗ, ଆଇନ ଅମାନ୍ୟ, ଭାରତଛାଡ଼ ଏହି ତିନୋଟି ଆନ୍ଦୋଳନର ନେତୃତ୍ୱ ନେଇ ସଫଳ ହୋଇଥିଲେ ଗାନ୍ଧୀ । ଏହାପରେ ସାବରମତୀ ଆଶ୍ରମ ସ୍ଥାପନ କରି ସମସ୍ତଙ୍କୁ ଏକତା ସୂତ୍ରରେ ନୀତିନିୟମ, ଆଇନକୁ ଶିକ୍ଷା ଦେବା ପାଇଁ ଚେଷ୍ଟିତ ଥିଲେ ଗାନ୍ଧୀ । ପ୍ରକୃତରେ ମହାତ୍ମା ଗାନ୍ଧୀଙ୍କ ୧୯୧୫ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ସମଗ୍ର ଜୀବନ ଥିଲା ପ୍ରତ୍ୟେକ ଭାରତୀୟମାନଙ୍କ ପାଇଁ ଉତ୍ସର୍ଗୀକୃତ ଜୀବନ । ଜୀବନର

ସଂଘର୍ଷ, ତ୍ୟାଗ, କାରାବରଣ, ଅସୀମ ତ୍ୟାଗ ନେତୃତ୍ୱ ବଳରେ ଭାରତ ସ୍ୱାଧୀନ ଲାଭ କରିବାକୁ ସକ୍ଷମ ହୋଇଥିଲେ । ସେ ଦିନ ଈଶ୍ୱରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ, ସତ୍ୟ, ଅହିଂସା, ସତ୍ୟାଗ୍ରହ, ସହିଷ୍ଣୁତା, ପ୍ରେମ, ସଦାଚାର, ବ୍ରହ୍ମଚର୍ଯ୍ୟା, ସ୍ୱଚ୍ଛତା, ଅପରିଗ୍ରହ, ଆ୍ମାତ୍ମିକ, ସମାଜ ଗଠନ, ମାନବ ସେବା ହିଁ ଈଶ୍ୱରଙ୍କ ସେବା ଥିଲା ତାଙ୍କ ଜୀବନଦର୍ଶନର ମାପକାଠି । କେବଳ ସେତିକି ନୁହେଁ । ସେ ବିଶ୍ୱାସ କରିଥିଲେ ଭାରତବର୍ଷର ପ୍ରକୃତ ଆତ୍ମା ରହିଛି ଗ୍ରାମରେ । ଯେ ପର୍ଯ୍ୟନ୍ତ ଗ୍ରାମ ବିକଶିତ ହୋଇନାହିଁ, ସେ ପର୍ଯ୍ୟନ୍ତ ପ୍ରକୃତ ବିକାଶ ଆସିପାରିବ ନାହିଁ । ସେଥିପାଇଁ ସେ କୁଟୀରଶିଳ୍ପର ବିକାଶ ପାଇଁ ସଦାଚେଷ୍ଟିତ ଥିଲେ । ଶିକ୍ଷାରେ ସଂସ୍କାର ପାଇଁ ସେ ମାତୃଭାଷା ମ୍ମମରେ, ଚରିତ୍ର ଗଠନ ପାଇଁ ଆତ୍ମସଂଯମ, ସ୍ୱାବଲମ୍ବନ ପାଇଁ ଶିକ୍ଷା, ଆଦର୍ଶ ନାଗରିକ ପାଇଁ ଶିକ୍ଷା, ନୈତିକ ଶିକ୍ଷା, ଆ୍ମାତ୍ମିକ ଶିକ୍ଷାକୁ ମ୍ମମ ରୂପେ ଗ୍ରହଣ କରିଥିଲେ । ସେ ବୁଝିଥିଲେ ଯେ ଏହି ସବୁ ପରିବର୍ତ୍ତନ କେବଳ ଶିକ୍ଷା ମ୍ମମରେ ହିଁ ହୋଇପାରିବ । ସେ ଆଜି ନାହାଁନ୍ତି ସତ, ମାତ୍ର ଆଜି ତାଙ୍କର ଶିକ୍ଷାଦର୍ଶନ ଓ ଜୀବନଦର୍ଶନ କେବଳ ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ଆଦୃତ ହୋଇଛି ।

ସେ ଯେଉଁ ଆଦର୍ଶ ରାଷ୍ଟ୍ରରେ ପରିକଳ୍ପନା କରିଥିଲେ ତାହା ଥିଲା ରାମରାଜ୍ୟ । ଯେଉଁ ରାଜ୍ୟରେ କି ଅସତ୍ୟ, ଅହିଂସାର ପ୍ରଶ୍ନ ନାହିଁ । ଏହିଭଳି ନୀତିଆଦର୍ଶରେ ବନ୍ଧା ଥିଲା ତାଙ୍କ ତ୍ୟାଗପୁତ୍ର ଜୀବନ । ସତ୍ୟ, ଅହିଂସା, ସହିଷ୍ଣୁତାକୁ ପାଥେୟ କରି ସେ ତାଙ୍କର ସମଗ୍ର ଜୀବନକୁ ମାନବଜାତିର କଲ୍ୟାଣ ପାଇଁ କରିଥିଲେ ଉତ୍ସର୍ଗ । ସେ ସତ୍ୟାଗ୍ରହ ହେଉ ବା ସ୍ୱଦେଶୀ ଆନ୍ଦୋଳନ ହେଉ ବା ଶାସନର ସଂସ୍କାର ହେଉ, ଆ୍ମାତ୍ମିକ ସମାଜବାଦ ହେଉ ନିଜର ସକାରାତ୍ମକ ଗତିଶୀଳ ଗଠନମୂଳକ ଶକ୍ତିଦ୍ୱାରା ମନ୍ଦବୁଦ୍ଧିକୁ ପରାସ୍ତ କରି ଧ୍ୱଂସ କରି ଘୃଣାକୁ ପ୍ରେମରେ ପରିବର୍ତ୍ତନ କରିଥିଲେ ଗାନ୍ଧୀ । ଗାନ୍ଧୀଙ୍କର ଅହିଂସା ରୂପକ ଅତଃଶୁଦ୍ଧତା, ଅନଶନ, ନିର୍ଭିକତା, ଅନାଶକ୍ତି, ଆ୍ମବସାୟ ଦ୍ୱାରା ହିଁ ଓ ମୋହନ ଦାସ କରମଚାନ୍ଦ ଗାନ୍ଧୀରୁ ସେ ମହାତ୍ମା ଗାନ୍ଧୀରେ ପରିଣତ ହୋଇଥିଲେ । ତାଙ୍କ ରାମରାଜ୍ୟର ସ୍ୱପ୍ନ ଏକ ଧାର୍ମିକ ବ୍ୟବସ୍ଥା ନ ଥିଲା । ବରଂ ଥିଲା ଏକ ପ୍ରତୀକଭାବେ ଯାହା ଗୋଟିଏ ସୁନ୍ଦର ସତ୍ୟର ପୃଷ୍ଠଭୂମି ଉପରେ ଥିଲା ଦଣ୍ଡାୟମାନ । ଉଦାରୀକରଣ, ଜଗତୀକରଣ, ସଂସ୍କୃତିକରଣ, ସହରୀକରଣ ଆହ୍ୱାନରେ ଆଜି ମ୍ମ ଗାନ୍ଧୀବାଦର ପ୍ରସଙ୍ଗକୁ ଆମେ ଆପଣେଇବାକୁ ପ୍ରତୀକ୍ଷା ରଖିଛୁ ।

ରଘୁନାଥଜୀଉ ମହାବିଦ୍ୟାଳୟ,

ଦେଉଳ ସାହି,

ତୁଳସୀପୁର, କଟକ

ଫୋନ୍- ୯୮୫୩୩୫୦୩୮୪

ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ପୁରୁଷଚେତନା ।

ବିଷ୍ଣୁପ୍ରସାଦ ସାହୁ

ବଦଳିଛି ସମୟ । ଏହି ବଦଳୁଥିବା ସମୟ ସହ ତାଳଦେଇ ବଦଳି ଚାଲିଛି ଆମର ସନାତନ ମନ ଓ ମାନସିକତା । ପାରମ୍ପରିକ ଶୃଙ୍ଖଳର ଅବବୋଧରୁ ମୁକୁଳି ଆସି ଏକ ମୁକ୍ତଚିନ୍ତନ ଓ ସ୍ୱେଚ୍ଛା – ଭାବପ୍ରକାଶର ଭାବଭୂମିରେ ଦଣ୍ଡାୟମାନ ଓଡ଼ିଆକବିତା ଅଧୁନାଲିଙ୍ଗବୈଷମ୍ୟ ପ୍ରତିତାର ଦୃଷ୍ଟିକୋଣ ବଦଳାଇଛି । ଦୀର୍ଘ ଦଶନ୍ଧି ଧରି ଅଳକାସାନ୍ୟାଲ, ପ୍ରତିମା ନାୟକ, ଚନ୍ଦ୍ରା ବେହେରାଣି ଆଦି ନାରୀଚରିତ୍ରମାନ ଓଡ଼ିଆ କବିତାରେ ନାରୀତ୍ୱର ପ୍ରତିନିଧିତ୍ୱ କରି ଆସିଥିବାବେଳେ ପୁରୁଷ ଚେତନାଟି ଉହ୍ୟ ହୋଇ ରହିଥିଲା । ପୁରୁଷର ଜୀବନ ସଂଗ୍ରାମ ଓ ମନସ୍ଥିତି ଗତ ବିଚଳନ, ଅନ୍ତଃସାରଶୂନ୍ୟତା, ଏକାକୀତ୍ୱ ଆଦି ନୂତନ କାବ୍ୟ ବିଭବଭାବେ ଏକବିଂଶ ଶତାବ୍ଦୀର କବିତାକୁର ସାଣିତ କରିଛି ।

ପୁରୁଷତନ୍ତ୍ରର ଏକଚ୍ଛତ୍ର ସମ୍ବିଧାନରେ କେବଳ ନାରୀଟିଏ ନୁହେଁସ୍ୱୟଂ ପୁରୁଷଟିଏ ମ୍ଯ ଶାରୀରିକ ଓ ମାନସିକ ଭାବେ ନିର୍ଯ୍ୟାତିତ । ନାନାକାଇଦା କଟକଣା ଓ ମାନସିକ ପ୍ରସ୍ତୁତିରେ ପୁରୁଷକୁ ଅବତୀର୍ଣ୍ଣ ହେବାକୁ ହୁଏ ଯୋଗ୍ୟତାର ରଣଭୂମିରେ । ପାରିବାରିକ ଦାଇତ୍ୱବହନ, ରୋଜଗାରର ପନ୍ଥାସନ୍ଧାନ, ଚାକିରୀସମସ୍ୟା , ଆର୍ଥିକସମସ୍ୟା, ଅସନ୍ତୁଳିତ ଦାମ୍ପତ୍ୟ ଓ ମାନସିକ ଅବସାଦରେ ପୁରୁଷଟିଏକିପରି ନିସ୍ୱ ହୋଇଯାଉଛି , ତାହା ସାଂପ୍ରତିକ କବିତାରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି କବିମାନେ ।କିମ୍ବଦନ୍ତୀ ଓ ପୁରାଣ ପୃଷ୍ଠାରୁଉକୁଟି ଆସିଛନ୍ତି ଅଶ୍ୱତ୍ଥମା, କର୍ଣ୍ଣ, ଏକଲବ୍ୟ, ଦ୍ରୋଣ, ଦୁଃଶାସନ, ଚନ୍ଦ୍ରସେଣା ପରିବହୁ ପୁରୁଷଚରିତ୍ର । ସେହିପରି କବି କଳ୍ପନାରେ ପ୍ରସୂତସନାତନ, ହରେକୃଷ୍ଣ ଦାଶ, ଶୁକଦେବ ଜେନା,ଶୁଦ୍ଧୋଦନ, ଗୋଲାମ ଦା. ଗୋବୀନ୍ଦଚନ୍ଦ୍ର ପରିଚରିତ୍ରମାନେ ବି ପାଠକୀୟ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ପୂର୍ବସୂରୀମାନଙ୍କ ଲିଖନୀରୁ ଜନ୍ମିତ ଅନନ୍ତା,ହରିସିଂ, ବଳିଦତ୍ତ, ଚନ୍ଦ୍ରମଣୀ, ଗୋକୁଳି ନାୟକ ଆଦି ଚରିତ୍ରମାନେ ନବନିର୍ମାଣର ପ୍ରେକ୍ଷାପଟ୍ଟରେ ସାଂପ୍ରତିକ ଓଡ଼ିଆକବିତାର ପୃଷ୍ଠାମଣ୍ଡନ କରିଛନ୍ତି ।ତେବେ ପୁରୁଷକୁ ନାୟକ କରି ବ୍ୟକ୍ତି- ବିଶ୍ୱ ଓ ବିଶ୍ୱ- ବ୍ୟକ୍ତିଚେତନାରେ ନିଃସଙ୍ଗତା, ପାପବୋଧ, ସ୍ୱପ୍ନଭଙ୍ଗ ପରି ଉପାଦାନମାନ ବିଂଶଶତାବ୍ଦୀର କବିତାରେ ଦେଖା ଦେଇଥିଲେ ହେଁ ପୁରୁଷଟିଏ ପୁରୁଷତ୍ୱର କଥା କହିନାହିଁ । ପୁରୁଷତ୍ୱଜନିତ ସଂଘର୍ଷ ସଂଘାତ, ସମସ୍ୟା, କ୍ରିୟା- ପ୍ରତିକ୍ରିୟାକୁ ସୂକ୍ଷ୍ମାନୁ ସୂକ୍ଷ୍ମ ଭାବେ ଅଧ୍ୟୟନ କରିବାର ପ୍ରକ୍ରିୟାଟି ବିଶେଷ ଭାବେ ଏକବିଂଶ ଶତାବ୍ଦୀର କବିତାରେ ପ୍ରତଫଳିତ ହୋଇଛି । ତେଣୁ ଜଞ୍ଜାଳଗ୍ରସ୍ତ ପୁରୁଷଟିଏ ନିଜର ବିକ୍ରମତ୍ୱକୁ ସଂସାରର କାର୍ଯ୍ୟଭାରରେ ପୋଷା ମନେଇ ନେଇଥିବା କଥା ସ୍ୱୀକାର କରି କବି ସରୋଜ ବଳ କହନ୍ତି-

" କେବଳମୁଁ ନୁହେଁ, ପରୀକ୍ଷା କରିନିଅ
ପ୍ରତିଟି ପୋଷା ମାନିଥିବା ପୁରୁଷ ଭିତରେ
ବଂଚିଥାଇ ପାରେ କିଛି ହିଂସ୍ରତା, ଯାହା ସେମାନେ
ଦୈବାତ କୌଣସି ଅନ୍ଧାରରେ (ବା ଦୁଃସ୍ୱପ୍ନରେ)
ଝାଡ଼ିଝୁଡ଼ି ଦେଇ ଚାଲିଆସିଥାନ୍ତି
ବା କେହି ଜଣେ କୁହୁକିନୀ ମନ୍ତ୍ର ଫୁଙ୍କି ଝାଡ଼ି ଦେଇଥାଏ
ଧୂଳି ପରି ସେମାନଙ୍କ ଯେତେ ସବୁ ବିଷ ।"
(ପୋଷା ପୁରୁଷ, ଜନପଥ ରେଖରା, ପୃ - ୧୦୯)

ସମାଜର ଦାୟବଦ୍ଧତାରେ ଦିନଦିନ ଧରି ନିଜ ଅସ୍ତିତ୍ୱକୁ ନାରୀଟିଏ ଜଳାଞ୍ଜଳୀ ଦେଲାପରି ପୁରୁଷଟିଏ ମ୍ଯ ଦିଏ । ବେଳେବେଳେ ଅଜଣା ଦାଇତ୍ୱର ଘୁଙ୍ଗୁର ନାରୀଟିର ପାଦରେ ଛନ୍ଦି ହୋଇଗଲେ ହେଁ ଅନୁରୂପ ଭାବରେ ପୁରୁଷର ନୀରବତା ଓ ନୀରିହତାର ଛାତିରେ ଲଦା ହୁଏ ପରିବାରର ବୋଝ । ପୁରୁଷଟିଏ ନିର୍ଲିପ୍ତ ନଟବର ପରି ନାଚେ, ତା'ର ପରିବାରତା"କୁ ନଚାଏସମୟ ଅସମୟରେ ।ତା' ପାଇଁସଫଳତା, ବି'ଳତା, ସ୍ୱପ୍ନ କି ସ୍ୱପ୍ନ ଭଙ୍ଗର କୌଣସି ମହତ୍ତ୍ୱ ନଥାଏ । ଅଲୋକ ଓ ଅନ୍ଧାରର ସମୀକରଣ ହୋଇପଡ଼େ ତା'ଜୀବନ । ଉଭୟ ସ୍ତ୍ରୀ ଓ ପୁରୁଷର ସମୀକରଣରେ ସୃଷ୍ଟ ହୁଏ ଗୋଟିଏ ଉତ୍ତମ ପରିବାର । ରୋଜଗାର, ଅର୍ଥ ଉର୍ପାଜନ, ପରିବାରର ପ୍ରତିପୋଷଣ, କୃଷିକର୍ମ ଆଦି ସମୟକ୍ରମରେ ପୁରୁଷ ସହ ଯୋଡ଼ି ହୋଇଥାଏ । ପରିବାରର ଆବଶ୍ୟକତାକୁ ପୁରଣ କରିବାକୁ ଯାଇ ପୁରୁଷଟିଏଘରୁ ପାଦ କାଢ଼େ । ପୁରୁଷର ପ୍ରଚ୍ଛଦପଟ୍ଟରେ ନାରୀଟି ପରକୀୟା ସଂପର୍କରେ ଲିପ୍ତ ରହେ । ଏହି ମର୍ମରେ କବି ଦିଲୀପ କୁମାର ସ୍ୱାଇଁଙ୍କର ଅନୁରୂପ ଭାବାବେଗକୁ ଲକ୍ଷ୍ୟକରନ୍ତୁ –

" ଏଇ ଦିନକର କଥା ନୁହେଁ ବନ୍ଧୁ
ପ୍ରତିଦିନ ଅଁିସ୍‌ରୁ ଫେରିବାବେଳକୁ
ଚଟାଣରେ ବାଘଖୁରା
ଗଭାରେ ମଲ୍ଲୀମାଳ
ଚିବୁକରେ ଚୁମାଚିହ୍ନ
ଘର, ଘରଣୀ ସମସ୍ତେ ଛନ୍ଦହୀନ ।"
(ଜଣେ ଉଦାସ ପତି ପ୍ରତି, ଯୋଗୀଗୀତ, ପୃ – ୩୫ ।)

ପତ୍ନୀର ପରକୀୟା ପ୍ରେମଚର୍ଯ୍ୟାରେ ପତି ପୁରୁଷର ମନଃସ୍ଥିତି ଗତ ନୈରାଶ୍ୟକୁ ଏଠାରେ ଲକ୍ଷ୍ୟ କରାଯାଇପାରେ । ସ୍ୱାମୀ ଓ ସ୍ତ୍ରୀର

ମଧ୍ୟରେ ଥିବା ଏକ ପବିତ୍ର ବିଶ୍ୱାସ ହତ୍ୟା ହେଲା ପରେ ପୁରୁଷ ଜୀବନର ସମସ୍ତ ସବୁଜିମା ଓ ସଂଭାବନା ଧ୍ୱଂସ ପାଏ । ଏକବିଂଶ ସମାଜର ଚକ୍ରବ୍ୟୁହରେ ପତ୍ନୀର ବଶ୍ୟତା ସ୍ୱୀକାରକରି ନିଜର ସମସ୍ତ ସ୍ୱାଧୀନତା ଓ ସ୍ୱତନ୍ତ୍ରତାକୁ ହରାଇ ଦେବା ଅପେକ୍ଷା ତାକୁ ସନ୍ୟାସପଣ ଯଥେଷ୍ଟ ମହତ୍ତରଲାଗେ ଯାହାର ଏକ ଚିତ୍ରଉକ୍ତ କବିତାରୁ ଆମେ ଲକ୍ଷ୍ୟକରୁ ।

ପୁରୁଷଟିଏ ଜନ୍ମ ହୋଇଥାଏ ସାଧାରଣ ମଣିଷଟିଏ ଶୁଟିଏହୋଇ । ମାତ୍ର ଧିରେ ଧିରେତାଉପରେ ପୁରୁଷତ୍ୱର ଆରୋପ ଘଟେ । ନାରୀ ଓ ପୁରୁଷ ନିର୍ମାଣରେ ସମାଜର ଭୂମିକା ସ୍ୱୀକାର୍ଯ୍ୟ । ପୋଷାକ ପରିଚ୍ଛେଦ, ଚାଲିଚଳଣି, ହସିବା, କଥା କହିବାଠାରୁ ଆରମ୍ଭ କରିଖାଦ୍ୟ ପେୟ, କ୍ରୀଡ଼ା, ରୁଚିବୋଧ, ଜୀବିକାଚୟନ ପରି ପ୍ରତିଟି କ୍ଷେତ୍ରରେଏହି ନାରୀ ପୁରୁଷର ବିଭେଦ ଲକ୍ଷ୍ୟଣୀୟ । ପୁରୁଷଟିଏ ପାଇଁ ପୁରୁଷଟିଏ ହୋଇ ଜିଇଁବାର ବ୍ୟାକରଣ ବଡ଼ ଜଟିଳ । ସେଥିରୁ ସୂତାଏ କମ୍‌ବେଶୀ ହେଲେ ପୁରୁଷକୁ ବିଲାଂଛନାର ଶୀକାର ହେବାକୁ ହୁଏ । କବି ଦିପୁନ୍ ପୁହାଣ କହନ୍ତି –

"ଅଣ୍ଟା ବଂକେଇଚାଲିବୁନି ପୁଅ
ବାସନ୍ଦ କରିଦେବ ସମାଜ,
ତୋଛାତିରେବାଳ ନଉଠିଲେ ପାପ
ତୋ ନାକରୁ ନିଶଖସିଗଲେ ଅନୁତାପ
ଗଳାକୁକୋମଳକରିକହିବୁନିକେବେ,
ହସନ୍ତି ଅନେକ
କର୍କଷ କରି ଭାଷିବୁ ।"
(ପୁଅଜନ୍ମ, ଅପାଦ ପ୍ରେମିକ, ପୃ – ୨୪)

ଯେଉଁପରି ଅବଳା, ଦୁର୍ବଳା, ଲଜ୍ଜାଶୀଳା, ସହନଶୀଳା, କୋମଳା ଆଦି ଗୁଣ ମଣ୍ଡିତ ହେବାପାଇଁ ନାରୀଟିଏ କେବେବି ବାଧ୍ୟ ନୁହେଁ ଓ ନାରୀଟିଏ ବି ଶକ୍ତି, ପ୍ରତିଭା, ତେଜ ଓ ସୌର୍ଯ୍ୟଭୂଷିତା ହୋଇପାରେ । ଠିକ୍ ସେହିପରି ପୁରୁଷଟିଏ ମଧ୍ୟ ପରାକ୍ରମ, ଅଂହ ଯୁକ୍ତ, ବଳଶାଳୀ, କ୍ରୋଧୀ, ସାହସୀ ପରିଭାବ ଯୁକ୍ତ ହେବାକୁ ବାଧ୍ୟ ନୁହେଁ । ପୁରୁଷର ହୃଦୟରେ ମଧ୍ୟ କୋଳଳତାର ସ୍ଫୁରଣ ସମ୍ଭବ । ତେଣୁ କବି କୁହନ୍ତି –

" ମୋ ଦେହ ସାରା ପଥରରସାଜ
ମୁଁହେଲେ ପଥର ନୁହେଁ
ଖୋଜ ଖୋଜ ମୋ ଭିତରୁ
ନିରିମାଖୀ ଝରଣାଟେ ଖୋଜ ।"
(ପୁରୁଷ, ଫୁଲମନା, ପୃ – ୫୧)

ସବୁ ନିରୀହତା ଭିତରେ , ଲାଜ ଭିତରେ, ପ୍ରେମ ଭିତରେ, ସ୍ୱପ୍ନ ଭିତରେ, ଏମିତିକିସବୁ ନାରୀଭିତରେ ପୁରୁଷଟିଏ ବସା ବାନ୍ଧିଥାଏ ଚିରକାଳ । ତେଣୁ ପୁରୁଷ କହିଲେ କେବଳ ଏକ ଦେହ ସର୍ବସ୍ୱ ଅବବୋଧ ନୁହେଁ ।ଏହା ଏକ ଚେତନା ।କବି ପ୍ରସନ୍ନ କୁମାର ସ୍ୱାଇଁଏହି ପୁରୁଷ ଚେତନାଟିର ସନ୍ଧାନ ପାଇଛି ସର୍ବତ୍ର ।

" ସାରା ଦୁନିଆ ବୁଲିଆସ୍
ଦେଖିନେ ଯେଉଁଠି ଯେଉଁଠି
ଲାଗିଛିଲୁହରପୋଷ୍ଟର
କିଖୁସିରବିଜ୍ଞାପନ
ସେଠି ଠିଆ ହୋଇଛୁ ତୁ ।"
(କଣ୍ଢେଇ, ପୁରୁଷ ଈଶ୍ୱର, ପୃ – ୫୫)

ପୁଣି ଏହି ଲୁହର ପୋଷ୍ଟରକି ହସର ବିଜ୍ଞାପନ ସାଜି ନାୟକତ୍ୱର ପାଗ ବାନ୍ଧି ଜୀବନ ଜିଇଁବାର କଥା ଯେ ସହଜ ନୁହେଁ, ତାହା ସ୍ୱୀକାର କରିଛନ୍ତି କବି –

ରୀତିମତ୍ ଗୋଟାଉଥାଏ ବର୍ଷା
କଟାକ୍ଷର ଚାଲୁଥାଏ ବାଟ
ଯୋଡ଼ ଯାହାଟାଣି ଓଟାରି
ହିସାବ କାଳିବି
ବେନି ଆଂଗୁଳ ନିଅଣ୍ଟେ ।"

ମୁଖିଆ, ପୁରୁଷ ଈଶ୍ୱର, ପୃ – ୨୪)

କବି ପ୍ରସନ୍ନ କୁମାର ସ୍ୱାଇଁଙ୍କ 'ପୁରୁଷ ଈଶ୍ୱର' ସଙ୍କଳନସ୍ଥ ଜନ୍ଦା, ପାହାଡ଼, ମୁଖିଆ, ପିଠି, କଣ୍ଢେଇ, ରକ୍ତବୀର୍ଯ୍ୟ ଆଦି କବିତାରେ ଏହି ପୁରୁଷତ୍ୱର ସ୍ୱର ସ୍ପଷ୍ଟ ଶାଣିତ ଭାବରେ ଚିତ୍ରାୟିତ ।

ତେବେ ପୁରୁଷକୁ ନାୟକ କରି ବ୍ୟକ୍ତି – ବିଶ୍ୱ ଓ ବ୍ୟକ୍ତି – ଚେତନାର ନିଃସଙ୍ଗତା, ପାପବୋଧ, ସ୍ୱପ୍ନଭଙ୍ଗ ପରି ଉପାଦାନ ମାନେ ବିଂଶ ଶତାବ୍ଦୀର କବିତାରେ ଦେଖା ଯାଉଥିଲେ ହେଁ ପୁରୁଷଟିଏ ପୁରୁଷତ୍ୱର କଥା କହି ନାହିଁ । ପୁରୁଷତ୍ୱଜନିତ ସଂଘର୍ଷ – ସମସ୍ୟା କ୍ରିୟା ପ୍ରତିକ୍ରିୟାକୁ ସୂକ୍ଷ୍ମକୁ ସୂକ୍ଷ୍ମଭାବେ ଅଧ୍ୟୟନ କରିବାର ପ୍ରକ୍ରିୟାଟି ବିଶେଷ ଭାବରେ ପ୍ରତିଫଳିତ ହୋଇଛି । ଏକବିଂଶ ଶତାବ୍ଦୀର କବିତାରେ ତେଣୁ ଜଞ୍ଜାଳଗ୍ରସ୍ତ ପୁରୁଷଟିଏ ନିଜର ବ୍ୟକ୍ତିତ୍ୱକୁ ସଂସାରର କାର୍ଯ୍ୟଭାରରେ ହରେଇଦିଏ । ତେଣୁ ପକ୍ଷୀ ପରିସ୍ୱପ୍ନ ଦେଖୁଥିବା ପୁଅଟିକୁ ତା'ର ବାପା 'ପୁଅ ପାଇଁ ପକ୍ଷୀଗୀତ' କବିତାରେ କୁହନ୍ତି –

"ପୁଅ କ'ଣ ଜାଣିଛି
ପକ୍ଷୀର ଜୀବନ, ଆସେ କେତେ ଝଡ଼ଝଞ୍ଜା
ପାଣିବୁନ୍ଦେ ପାଇଁ
ଉଡ଼ିଉଡ଼ି କ୍ଲାନ୍ତ ହୋଇ ବସିବ ଯେଉଁଠି
ପତ୍ର ଉହାଡ଼ରୁ ଜଳୁଥିବ ଚକ୍‌ମକ୍ ପଞ୍ଝା ।"
(ଫେରାର ପକ୍ଷୀର ଠିକଣା, ହୃଷୀକେଶ ମଲ୍ଲିକ, ପୃ – ୧୬୯)

ନାୟକତ୍ୱର ମୋହ ପୁରୁଷକୁ ରାଜା କରାଏ ଯେତିକି ବଳଦ ପରିଖଟାଏବିସେତିକି । ପୁରୁଷ କେବଳ କାମକରିବା ଜାଣେ ବିଶ୍ରାମ ଜାଣେନା, ଦରଦ ଦେଖାଇବା ଜାଣେନା । ନିଜକୁ ବିଜ୍ଞାପିତ କରିବା ଜାଣେନା, କୋହ ପ୍ରକାଶ କରିବା ଜାଣେନା, ନିଜର ଚିତସମାଜ

ବ୍ୟବସ୍ଥାରେ ପୁରୁଷଟି ଏକ୍ରମେକ୍ରୀଡ଼ନକ ପାଲଟି ଯାଏ ତେଣୁ କବି ପିନାକୀ ମିଶ୍ର 'ପୁରୁଷ' କବିତାରେ କୁହନ୍ତି –

"ପୁରୁଷ ବୋଲି ବହପ କାହିଁକି
ଏ ତ ଧାତୁ ତିଆରି ମୁଦ୍ରା
 ଏଠୁ ସେଠିକି
ଯା ହାତରୁ ତାହା
ମଥା ଛୁଆଁ ପାଉଥିବ
ଟେକା ଟାଂଗରବି ଖାଉଥିବ ।

(ପୁରୁଷ, ପଦ୍ମଗାମୀ, ପୃ -୬୯)

ଏତଦ୍‌ବ୍ୟତୀତ ସୌଭାଗ୍ୟ ମିଶ୍ରଙ୍କ 'ଶୁଦ୍ଧୋଦନ' ତୃପ୍ତିରଞ୍ଜନ ଦାଶଙ୍କର 'ପୁରୁଷ', ସୁବାସସୁନାନୀଙ୍କର 'ପୁରୁଷ ଦିବସ', ସାଇ ପ୍ରଭାସୁତାରଙ୍କର 'ଶକ୍ତପୁରୁଷ', ସୁମିତ୍ ପଣ୍ଡାଙ୍କର 'ବାପା', ଅଜୟ ପ୍ରଧାନଙ୍କ 'ବାପା', 'ଜଣେବୁଢ଼ାଲୋକସଂପର୍କରେ', 'ଚୌକିଦାର', କବିସଂଜିତ୍‌ବଳଙ୍କ 'ପୁଅ', 'ସନାସାମଲ', ବିପିନ ନାୟକଙ୍କ 'ପୁଅ', 'ଗୀତବୋଲୁଛିସନାତନ', କେଦାରମିଶ୍ରଙ୍କ 'ପୁରୁଷ', ହରପ୍ରସାଦ ଦାସଙ୍କ 'ସାତଶଙ୍ଖରରଘୁ', ଦୃଦାନନ୍ଦ ପାଣିଗ୍ରାହୀଙ୍କ 'ବାପା', କୃପାସିନ୍ଧୁ ନାୟକଙ୍କ 'ସେଦିନ ଅମାନିଆ ପିଲା', ସଚ୍ଚିଦାନନ୍ଦ ମିଶ୍ରଙ୍କ 'ଉତ୍ତର ପୁରୁଷ', 'ସ୍ୱପ୍ନ ଦେଖୁଥିବାଲୋକ,, 'ଦାନମାଝୀ ଓ ବିକ୍ରମାଦିତ୍ୟ', 'ବାଇମୁଣ୍ଡି' ଓ ପବିତ୍ରମୋହନ ଦାଶଙ୍କ 'ଦଳବେହେରା' ଆଦି କବିତାଗୁଡ଼ିକରେ ପୁରୁଷ ଚେତନାର ସଫଳ ରୂପାୟନ ଆମେ ଦେଖିବାକୁ ପାଉ ।

ଗବେଷକ, ବିଶ୍ୱଭାରତୀ, ଶାନ୍ତିନିକେତନ ।

ISSN -2583-147X(P), **Vol.- 8, Issue No. I, April 2022**
Bastabatara Pariprakash Prachee
Peer Reviewed and Referred Research Journal

କୁହୁକ ବାସ୍ତବତା ଓ କଥାକାର କୃପାସାଗର ସାହୁ

ସୁନୀଲ ସେଠୀ

ଉତ୍ତର ଅଶୀ ଓଡ଼ିଆ ଗଳ୍ପଧାରାର ଜଣେ ସ'ଳ ସ୍ଥପତି ହେଉଛନ୍ତି କଥାକାର କୃପାସାଗର ସାହୁ । ସେ ତିନି ଶତରୁ ଅଧିକ ଗଳ୍ପ ଓ ଆଠରୁ ଅଧିକ ଉପନ୍ୟାସ ରଚନା କରି ଓଡ଼ିଆ କଥା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ସାରିଛନ୍ତି । ତାଙ୍କ ଗଳ୍ପ ପୁସ୍ତକଗୁଡ଼ିକ ମ୍ଭରେ ଲୌକିକ ଓ ଅଲୌକିକ, ଶୁଆ କହେ ଶାରୀ ଲୋ, ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟା ଗଳ୍ପ, ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ, କାହାଣୀ-୧୯୯୮ ଓ ଅନ୍ୟାନ୍ୟ ଗଳ୍ପ, ଗଡ଼ଜାତ ଗଳ୍ପ, କୃପାସାଗର ସାହୁଙ୍କ ରେଳ ଗଳ୍ପ, କୃପାସାଗର ସାହୁଙ୍କ ବ୍ୟଙ୍ଗ ଗଳ୍ପ, କାହାଣୀ-୨୦୦୫ ଓ ଅନ୍ୟାନ୍ୟ ଗଳ୍ପ ଇତ୍ୟାଦି ତାଙ୍କ କଥା ରାଜ୍ୟର ସ୍ୱାକ୍ଷର ବହନ କରିଛି । ସାହିତ୍ୟର ବିଭିନ୍ନ ବାଦ କି ତତ୍ତ୍ୱ ଉପରେ ଭରସା କରୁନଥିବା କୃପାସାଗର ସାହୁ ନିଜର ଅନୁଭୂତି ଓ ଅନୁଭବକୁ ଗଳ୍ପରେ ବଖାଣନ୍ତି । କେତେବେଳେ ଯେ କାହାଣୀ ଭିତରେ ସାହିତ୍ୟ ତତ୍ତ୍ୱ ଓ ବାଦଗୁଡ଼ିକ 'ୁଟି ଉଠନ୍ତି ଗାଳ୍ପିକ ମ୍ଭ ଜାଣିପାରନ୍ତି ନାହିଁ । ଯାହା ତାଙ୍କ ସାହିତ୍ୟର ଗୋଟିଏ ଗୋଟିଏ ଦିଗକୁ ସୂଚିତ କରେ । ଏ ଦିଗ ମ୍ଭରୁ ଗୋଟିଏ ହେଉଛି କୁହୁକ ବାସ୍ତବତା ।

ତେବେ ଏ କୁହୁକ ବାସ୍ତବତା କ'ଣ ? ଏ ପ୍ରଶ୍ନର ଉତ୍ତରରେ ଏତିକି କୁହାଯାଇ ପାରେ ଯେ, ସଂପ୍ରତି ସାହିତ୍ୟ କ୍ଷେତ୍ରରେ ଦେଖା ଦେଇଥିବା କେତେକ ନୂତନ ତତ୍ତ୍ୱ ମ୍ଭରେ କୁହୁକ ବାସ୍ତବତା ହେଉଛି ଅନ୍ୟତମ । 'କୁହୁକ' ଓ 'ବାସ୍ତବତା' ଦୁଇଟି ଶବ୍ଦ ପରସ୍ପର ବିରୋଧୀ ହେଲେ ମ୍ଭ, ଉଭୟ ସମ୍ମିଶ୍ରଣରେ ସାହିତ୍ୟ ସମୃଦ୍ଧ ହୋଇଛି । ଇଭଶରକ୍ଷ ଋରକ୍ଟକ୍ୱରସ୍ୱଙ୍କ ମତରେ ଗରଶସମବକ୍ଷ ଜରବକ୍ଷସସ୍ୱଞ୍ଜ ବାସ୍ତବତା ଓ ଚମତ୍କାରିତାର ମିଶ୍ରଣ ଅଟେ । କୁହୁକ ବାସ୍ତବତା(ଗବଶସମ ଜରବକ୍ଷସସ୍ୱଞ୍ଜ) ହେଉଛି ଉପନ୍ୟାସ ଓ ବାସ୍ତବତା, ସାଧାରଣ ଓ ଅସାଧାରାଣ, ସ୍ୱପ୍ନ ଓ ଅତିବାସ୍ତବତା, ମୂର୍ତ୍ତ ଓ ଅମୂର୍ତ୍ତର ଅଦ୍ଭୁତ ସମ୍ମିଶ୍ରଣ । ଏହା ଏପରି ଏକ କଳାତ୍ମକ ପଦ୍ଧତି, ଯେଉଁଥିରେ ଆଦର୍ଶବାଦ ଓ ରୋମାଂଟିକ୍ ଆତ୍ମନିଷ୍ଠ ଭାବକୁ ପରିହାର କରାଯାଇଥାଏ ।[୧] ବାସ୍ତବତାର ରୂପ ପ୍ରଚ୍ଛନ୍ନ ଭାବରେ ଥାଇ ତା'ର କଙ୍କାଳକୁ ସମୃଦ୍ଧ କଲାବେଳେ ତା'ର ବେଶ ଓ ପରିପାଟୀ, ଅବାସ୍ତବ ଦୁନିଆର କଳ୍ପନାର ଇନ୍ଦ୍ରଜାଲ ଓ କୁହୁକର ଚମ୍ତ୍କାରିତା ପରିପୁଷ୍ଟି ଆଣିଥାଏ । ଏଣୁ ଐତିହାସିକ ଘଟଣାବଳୀର କାହାଣୀ, ପୁରାଣ ସାହିତ୍ୟର କଥାବସ୍ତୁ ଏକ ଧାରାରେ ଗତିଶୀଳ ନୁହେଁ । ଐତିହାସିକ ଘଟଣାବଳୀ ବାସ୍ତବତା ଉପରେ ପର୍ଯ୍ୟବେସିତ ଥିବା ବେଳେ, ପୌରାଣିକ କାହାଣୀ ମଣିଷ ଚିନ୍ତାଧାରାର ବାହାରେ ଅଗମ୍ୟ, ଦୁର୍ଲଭ ଓ କାଳ୍ପନିକ କଥାବସ୍ତୁକୁ ନେଇ ଗଢି ଉଠିଥାଏ । ଏଥିପାଇଁ ବାସ୍ତବତା ସତ୍ୟ ଉପରେ ଆଧାରିତ ଥିବାରୁ ତାହା ପାଠକକୁ ଯେପରି ଆନନ୍ଦ ଦିଏ ସ୍ୱପ୍ନ ବିଜଡ଼ିତ ପରୀରାଇଜର କାହାଣୀ, ଅତିମାନସିକ ସ୍ତରର ଘଟଣାବଳୀ, ଅବଚେତନ ମନରେ ଦୃଶ୍ୟମାନ ଇନ୍ଦ୍ରଜାଲ ଆଦି କିମ୍ଭୁତକିମ୍ଭାକାର ଅଦ୍ଭୁତ ପରିବେଶ ଗଳ୍ପଧାରାକୁ ଅତିରଞ୍ଜିତ କରୁଥିଲେ ହେଁ, ତାହା ଅଧିକ ସୁଖପାଠ୍ୟ ଓ ଆନନ୍ଦଦାୟକ ହୋଇଥାଏ ।

କୁହୁକ ବାସ୍ତବତାକୁ ପ୍ରଥମେ ପ୍ରୟୋଗ କରିଥିଲେ ୧୯୬୫ ମସିହାରେ ଜର୍ମାନର ସମାଲୋଚକ ଋକ୍ୱବଭଚ୍ଛ ଜକ୍ଟକ୍ଷ କଳା ଓ ଚିତ୍ରଶିଳ୍ପ କ୍ଷେତ୍ରରେ । ୧୯୪୦ ମସିହାରେ ଆମେରିକା ଓ ୧୯୫୫ ମସିହାରେ ଲାଟିନ୍ ଆମେରିକାରେ ଦେଖାଦେଇ ଧିରେ ଧିରେ ବିଶ୍ୱସାହିତ୍ୟରେ ପ୍ରବାହିତ ହୋଇ କୁହୁକ ବାସ୍ତବବାଦକୁ ପ୍ରତିନିଧିତ୍ୱ କଲା । ଏ କ୍ଷେତ୍ରରେ ପ୍ରଥମ ସାହିତ୍ୟ-କୃତି ସୃଷ୍ଟି କଲେ ଜୁଆନ ଚୁଲ େ'। ବୋଲି କେତେକ ଆଲୋଚକ ମତ ଦିଅନ୍ତି । ବିଂଶ ଶତାବ୍ଦୀର ଷାଠିଏ ଦଶକରୁ ଅଶୀ ଦଶକ ଥିଲା କୁହୁକବାସ୍ତବତା ବିସ୍ଫୋରଣର ଅସଲ କାଳଖଣ୍ଡ । ଏଥିରେ ଲାଟିନ ଆମେରିକାର ଲେଖକଙ୍କ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଇସାବେଲ ଆଲେଣ୍ଡି (ଓସ୍ୱବଭରକ୍ଷ ଇକ୍ଷକ୍ଷରଭୟର) ଙ୍କ ଐକ୍ଟଙ୍କସ୍ୱର କ୍ଟଲ ସ୍ୱକ୍ଟସକ୍ୱସସ୍ୱସ୍ୱ ଓ ଗାବ୍ରିଏଲ ଗାର୍ସିଆ ମାର୍କ୍ୱେଜ (ଏବଭକ୍ୱସରକ୍ଷ ଏବକ୍ୱମସବ ଗବକ୍ୱକ୍ତଙ୍କରଚ୍ଛ)ଙ୍କ ଲିଖିତ ଉପନ୍ୟାସ 'ଙଭର ଐଙ୍କଭୟକ୍ୱରୟ ଛରବକ୍ୱସ୍ୱ କ୍ଟଲ ସ୍ୱକ୍ଟକ୍ଷସସ୍ୱଙ୍କୟର' ଥିଲା ଖୁବ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ କୃତି, ଯେଉଁଥିରେ କୁହୁକବସ୍ତବତାର ବିଶେଷ କଳାତ୍ମକ ପ୍ରୟୋଗ ହୋଇଥିଲା ।[୨]

ଗଳ୍ପରେ ଇନ୍ଦ୍ରଜାଲ ପ୍ରୟୋଗ କରି ପାଠକମନରେ ଅଦ୍ଭୁତ ଭାବନା ସୃଷ୍ଟି କରି ତା ମନରାଜ୍ୟକୁ ବିସ୍ତାରିତ କରିଥାଏ କାହାଣୀ । ସେ ନିଜେ ଜାଣିପାରେ ନାହିଁ ଯେ ସେ କେଉଁଠି ଅଛି । ତାକୁ ଲାଗେ ସେ ଗୋଟିଏ ଅଜଣା ରାଜ୍ୟରେ ବିଚରଣ କରୁଛି । ସାଧାରଣ ଗଳ୍ପ ଓ କୁହୁକ ବାସ୍ତବଧର୍ମୀ ଗଳ୍ପରେ ଏହି ପାର୍ଥକ୍ୟ ଦେଖାଯାଏ । ଏହି ଗଳ୍ପ ମାନଙ୍କରେ ଇତିହାସ ଲୋକ କଥା ପୌରାଣିକ ଚରିତ୍ରମାନଙ୍କ ଉପରେ ବିଶେଷ ୍ମାନ ଦିଆଯାଇଥାଏ । ବର୍ଣ୍ଣନା, ଉପସ୍ଥାପନା ଓ କାହାଣୀର ବିଷୟବସ୍ତୁରେ ନୂତନତା ପରିଲକ୍ଷିତ ହୁଏ । ନିମ୍ନବର୍ଗ, ଅବାଂଛିତ ଚରିତ୍ରଗୁଡ଼ିକର ପ୍ରାଧାନ୍ୟ ରହିଥାଏ । ବ୍ୟଙ୍ଗ, ବିଦ୍ରୋହ ଓ ବକ୍ତବ୍ୟର ଭୂମିକା ଏସବୁ ଗଳ୍ପରେ ଦେଖାଯାଏ । ମାନବୀୟ ମୂଲ୍ୟବୋଧ, ସମାଜ ତତ୍ତ୍ୱ, ରାଜନୀତି ଓ ଇତିହାସର ସମାବେଶ ଏକ ନୂତନ ଶୈଳୀରେ ଉପସ୍ଥାପିତ ହୋଇଥାଏ ।

ଓଡ଼ିଆ ସାହିତ୍ୟର ଗଳ୍ପ ମାନଙ୍କରେ ପ୍ରାଚୀନ କାହାଣୀ ବୁଢ଼ୀ ଅସୁରୁଣୀ କଥା, ରାଜାରାଣୀ କଥା, ଶୁଆଶାରୀ ପଶୁପକ୍ଷୀ କଥା, ପରୀ ରାଇଜର କଥା ଦେଖିବାକୁ ମିଳେ । ଏଗୁଡ଼ିକ ଅଲୌକିକ ଓ କାଳ୍ପନିକ କଥାବସ୍ତୁ ଉପରେ ଆଧାରିତ ଥିବାରୁ ପାଠକଙ୍କୁ ଆନନ୍ଦ ଦେଇଥାଏ । କଳ୍ପନା ଓ ସ୍ୱପ୍ନ ରାଇଜର ଅସମ୍ଭାବ୍ୟ ଓ ଅଦ୍ଭୁତ କଥାବସ୍ତୁ ମ୍ନରେ ବାସ୍ତବତାରେ ରୂପାନ୍ତର କରିଛନ୍ତି ଗାଳ୍ପିକମାନେ । ଗାଳ୍ପିକ ମନୋଜ ଦାସ, ହୃଷୀକେଶ ପଣ୍ଡା, ଅଖିଳ ମୋହନ ପଟ୍ଟନାୟକ, କଇଳାସ ପଟ୍ଟନାୟକ, ବିଷ୍ଣୁ ସାହୁ ଆଦି ଗାଳ୍ପିକମାନଙ୍କର ଗଳ୍ପରେ କୁହୁକବାସ୍ତବତାର ଚିତ୍ର ଦୃଷ୍ଟିଗୋଚର ହୁଏ । ଯେଉଁଥିରେ ମିଶିରହିଛି ଇତିହାସ, ସତ୍ୟ ତଥା ନାନାଦି ଲୋକ କାହାଣୀ । ଗାଳ୍ପିକ ମନୋଜ ଦାସଙ୍କ 'ଗୋପନ ସଂଳାପ', 'କୁତୁକୁତିଆ ଭୂତ', 'ଚତୁର୍ଥ ବନ୍ଧୁ', 'ରାକ୍ଷସୀ କନ୍ୟା' ଆଦି ଗଳ୍ପରେ କୁହୁକ ବାସ୍ତବତାର ବହୁଳ ରୂପ ଦେଖିବାକୁ ମିଳେ । ମନୋଜ ଦାସଙ୍କ ଗଳ୍ପରେ ଫାଣ୍ଟାସି, ଉଦ୍ଭଟତା, ରୂପଧର୍ମିତା କେବଳ ନାହିଁ ଏସବୁର ସଙ୍ଗେସଙ୍ଗେ କଳ୍ପନା, ଅତିକଳ୍ପନା ସହ ବାସ୍ତବତାକୁ ନେଇ ଗଳ୍ପଗୁଡ଼ିକ ହୋଇଉଠିଛି ଗତିଶୀଳ । ସେହିପରି ଅଖିଳମୋହନ ପଟ୍ଟନାୟକଙ୍କ 'ଶେଷ ଆବିଷ୍କାର', କଇଳାଶ ପଟ୍ଟନାୟକଙ୍କ 'ଟୁଆଁ ଟୁଇଁ', 'କୁହୁକ କାହାଣୀ', 'ନିହାତି ସତ ଭୂତ', ବିଷ୍ଣୁ ସାହୁଙ୍କ 'ଜଣେ ବ୍ୟାଘ୍ରାକାନ୍ତ ମହିଳାଙ୍କ ସଂପର୍କରେ' ଆଦି ଗଳ୍ପରେ କୁହୁକ ବାସ୍ତବତା ଦେଖାଯାଏ ।

ଏ ପରିପ୍ରେକ୍ଷୀରେ କଥାକାର କୃପାସାଗର ସାହୁଙ୍କ କେତେକ ଗଳ୍ପ କୁହୁକ ବାସ୍ତବତା ଦ୍ୱାରା ପ୍ରଭାବିତ । ସେଗୁଡ଼ିକ ମ୍ନରେ ରହିଛି- 'ପ୍ରବାସୀ ପୁତ୍ର', 'ମୟୂରୀ ଓ ନାଗକନ୍ୟା', 'ମହାମରଣ', 'ନଈର ଡାକ', 'ଅହିନକୁଳ ଉପାଖ୍ୟାନ', 'ସ୍ୱପ୍ନରେ ସାରାରାତି', 'ଲୁସି', 'ମଧୁର ମୋକ୍ଷ', 'ନାଇଟ୍ ଇନ୍ସପେକସନ', 'ଡାହାଣୀ', 'ହାତୀ ସହ ହାତାହାତୀ', 'ସେଇ ଝଡରାତି', 'ଦୁଃଖିଆତ୍ମା' ଭଳି ଅନେକ ଗଳ୍ପ । ଏଗୁଡ଼ିକ ବାସ୍ତବ ଜୀବନର ରୂପ ସହ ତାଳଦେଇ ମନ୍ତ୍ର ମନ୍ତ୍ର ପାଠକଙ୍କୁ କୁହୁକର ଇନ୍ଦ୍ରଜାଲରେ ବାନ୍ଧି ରଖିଛି । ପାଠକ ଘୂରି ବୁଲିଛି ପରୀ ରାଇଜର ମନପବନ ଘୋଡ଼ାରେ; ଚିନ୍ତିତ ହୋଇଛି ମାଲୁଣୀର ଭେଣ୍ଡାକୁ ମେଣ୍ଢା କରିବାର ମନ୍ତ୍ରରେ । ବାସ୍ତବତାର ପରିପାଟୀ ଦେଇ ସତରେ କଣ ଏ ସବୁ ସମ୍ଭବ? ଏମିତି ଅନେକ ପ୍ରଶ୍ନ ଆସେ ପାଠକ ମନରେ । ଯାହା ବିଭିନ୍ନ ଚରିତ୍ର ମ୍ନ ଦେଇ କୃପାସାଗର ଥୋଇଦେଇଛନ୍ତି ଏକ କୌତୁହଳ ପରିବେଶ । ବାସ୍ତବରେ ଏହା କୌତୁହଳ ନୁହେଁ ତ ଆଉ କ'ଣ? ଏହି କୌତୁହଳତା ହିଁ ଚମ୍‌ତ୍କାରିତା । ଏହି ଚମ୍‌ତ୍କାରିତା ହିଁ ଗଳ୍ପର ସଫଳତା ।

'ପ୍ରବାସୀ ପୁତ୍ର' ଗଳ୍ପରେ ନାୟକ ଅଗଣି ମନରେ ବୁଢ଼ି ମାଲ୍ୟାଣିର ପୁରୁଷକୁ ଦିନରେ ମେଣ୍ଢା ଓ ରାତିରେ ଭେଣ୍ଢା କରିବାର ମାୟାକୁ ସୃଷ୍ଟି କରିଛନ୍ତି । ଯେଉଁ ମାୟାରେ ସେ ପଡ଼ିଯାଇଛି । ଚାହିଁଲେବି ସେଥିରୁ ସେ ମୁକୁଳି ପାରୁନାହିଁ । ସେହି ବୁଢ଼ି ଅସୁରୁଣି ହେଉଛି ତା'ର ସ୍ତ୍ରୀ । ଯାହାର ପାଖରେ ସେ ଆଜି ବନ୍ଦୀ । "ସତକୁ ସତ ସେ ଏକ ମାଲ୍ୟାଣି ହାବୁଡ଼ରେ ପଡିଯାଇଛି । ଦିନରେ ତାକୁ ସେ ମେଣ୍ଢା କରି ଏବଂ ରାତିରେ ଭେଣ୍ଢାକରି ରଖିଛି ।"[୩] 'ମୟୂରୀ ଓ ନାଗକନ୍ୟା' ଗଳ୍ପରେ ଦୁହିଁଙ୍କ ମ୍ନରେ ଖାଦ୍ୟ ଖାଦକର ସମ୍ପର୍କ ହୋଇଥିଲେ ମ୍ନ ଦୁହେଁ କଥୋପକଥନ ହେବାର ଦେଖାଇଛନ୍ତି ଗାଳ୍ପିକ । ନାଗକନ୍ୟାଟି ତାର କୁହୁକ ଜାଲରେ ବନ୍ଦୀକରିଦେଇଛି ମୟୁରୀକୁ । ମୟୂରୀ ଓ ନାଗକନ୍ୟା ଉଡ଼ିଯାଇଛନ୍ତି ଆକାଶକୁ । ମୟୂରୀଟି ପକ୍ଷୀ ଝାଡ଼ି ଉଡୁଥିବାବେଳେ ବେକରେ ଝୁଲିଥିଲା ନାଗକନ୍ୟା । ସେହିପରି 'ମହାମରଣ' ଗଳ୍ପରେ ସମାଜର ସେବା ପାଇଁ ଜୀବନକୁ ଉତ୍ସର୍ଗ କରିଦେଇଥିବା ବ୍ୟକ୍ତିଟି ତା'ର ଶେଷ ଜୀବନରେ ଏକଲା ପଡ଼ିରହିଛି ଏକ ଛୋଟିଆ କେବିନ୍‌ରେ । ରାତିରେ ଖଟିଆ ଉପରେ ଶୋଇ ଚାହିଁ ରହିଛି ଆକାଶକୁ । ଯେଉଁଠି ତାର ସାଙ୍ଗମାନେ ତାରା ହୋଇଯାଇଛନ୍ତି । ସେ ସେମାନଙ୍କ ସହିତ କଥା ହେଉଛି । ସେମାନେ ତାକୁ ତାଙ୍କ ପାଖକୁ ଡାକୁଛନ୍ତି । "ବର୍ଷ ବର୍ଷ ଧରି କେତେ ଯେ ସାଥି ସହକର୍ମୀ ତାର ଆଖି ସାମ୍ନାରେ ଆରପୂରକୁ ଚାଲି ଯାଇଛନ୍ତି । ନିଜ ହାତରେ ସେମାନଙ୍କ ଶେଷକୃତ୍ୟ କରିଥିବାରୁ ଏବେ ବି ସେମାନଙ୍କର ଚେହେରା ଜଳଜଳ ଦିଶି ଯାଉଛି । ସେମାନେ ସବୁ ତାରା ହୋଇ ହାତଠାରିଲା ଭଳି ଲାଗେ । ସେମାନଙ୍କ ସହ ସେ ନିବୃତରେ ଆଳାପକରେ ।"[୪] ପ୍ରେମିକ ପ୍ରେମିକା ଦୁଇ ନୃତ୍ୟ ରସରେ ମାତିଯାଇ ପ୍ରେମିକାର କପୋଳରେ ପ୍ରେମିକଟି ଚୁମ୍ବନ ଦେଉଥିବାର ଏକ ସ୍ୱପ୍ନ ଦେଖିଛି ପ୍ରେମିକ । ଯାହାକୁ ଗାଳ୍ପିକ 'ସ୍ୱପ୍ନରେ ସାରା ରାତି' ଗଳ୍ପରେ ଦେଖାଇଛନ୍ତି ।

'ଲୁସି' ଗଳ୍ପରେ କଥା କହିଛି ବହୁବର୍ଷ ପୁର୍ବେ ମରିଥିବା କଙ୍କାଳଟି । କିପରି ତା'ର ମୃତ୍ୟୁ ହେଲା ପ୍ରଫେସରଙ୍କ ଆଗରେ ବଖାଣିଛି ଲୁସି । ଏହି 'ଲୁସି' ଗଳ୍ପଟି ବିଗତ ଦିନରେ ଦିଲ୍ଲୀରେ ଘଟିଥିବା ନିର୍ଭୟା ହତ୍ୟାକାଣ୍ଡର ଚିତ୍ରକୁ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ସେହିପରି 'ମଧୁମୋକ୍ଷ' ଗଳ୍ପରେ ନାୟକର ସ୍ୱପ୍ନରେ ଆସିଛନ୍ତି ଦୁଇଟି ଆତ୍ମା । ସେ ଦୁହେଁଥିଲେ ପ୍ରେମୀ ଯୁଗଳ । ସେମାନଙ୍କ ଜୀବନର କଥାକୁ କହିଛନ୍ତି ଏବଂ ଲୋକ ଅପବାଦରୁ ସେମାନେ କରିଛନ୍ତି ଆତ୍ମହତ୍ୟା ।

'ହାତୀ ସହ ହାତାହାତୀ' ଗଳ୍ପରେ ହାତୀମାନେ କଥାହେଉଥିବାର ଦୃଶ୍ୟ ଦେଖାଇଛନ୍ତି ଗାଳ୍ପିକ । ଲୋକମାନେ ଜଙ୍ଗଲକୁ ନଷ୍ଟ କରିବା ଫଳରେ ହାତୀମାନେ ସହର ଆଡକୁ ମାଡ଼ି ଆସୁଛନ୍ତି । ମଣିଷମାନଙ୍କର ଏହି ଅମାନୁସିକ କାର୍ଯ୍ୟକୁ ହାତୀମାନଙ୍କୁ ଦଳପତି ଦନ୍ତା ଅନ୍ୟ ହାତୀମାନଙ୍କୁ କହୁଛି । ଶିଶୁପୁତ୍ର କାହ୍ନୁର ଅଭାବନୀୟ ସ୍ୱପ୍ନ ଦେଖିବାର କଥା ଲେଖକ 'ସେଇ ଝଡ଼ରାତି' ଗଳ୍ପରେ ଦେଖାଇଛନ୍ତି । ସେହିପରି 'ଡାହାଣୀ'ଗଳ୍ପରେ ଦେହୁରୀକୁ ଠାକୁରାଣୀ ଲାଗିଛନ୍ତି । ଦେହୁରି କହିଉଠିଛି ଯେ ଗାଁରେ ଡାହାଣୀ ମାଡିବାରୁ ଗାଁର ଲୋକମାନେ ମୃତ୍ୟୁବରଣ କରୁଛନ୍ତି । ପ୍ରାଚୀନକାଳରେ ଲୋକମାନଙ୍କ ମନରେ ଥିବା ଭୂତ ଓ ଡାହାଣୀ ଲାଗିବା କଥା ବର୍ଣ୍ଣନା କରାଯାଇଛି । 'ନାଇଟ୍ ଇନ୍‌ସପେକସନ' ଗଳ୍ପରେ ଭୁତମାନେ କଥା ହେଉଥିବାର ବର୍ଣ୍ଣନା କରାଯାଇଛି । ନାଇଟ୍ ଇନ୍ସପେକସନରେ

ଯାଇଥିବା ଅଫିସର ଏକ ଷ୍ଟେସନରେ ପହଁଚିବାପରେ ଦେଖିଛନ୍ତି ଷ୍ଟେସନର କିଛି ଦୂରରେ କେତେଜଣ ଲୋକ ବାଲୁକା ଉପରେ ବସି କଥା ହେଉଛନ୍ତି ଓ ମଦ୍ୟପାନ କରୁଛନ୍ତି । "ବାଲୁକା ଶଯ୍ୟା ଉପରେ ପାଞ୍ଚ ଛଅଟି ଛାୟାମୂର୍ତ୍ତି ତାଙ୍କର ନଜରକୁ ଆସିଲେ । ତାଙ୍କର ଚେହେରା ସ୍ପଷ୍ଟ ଦିଶୁନଥିଲା କିନ୍ତୁ ଆଖିଗୁଡ଼ିକ ଜଳୁଥିଲା ରଡ ନିଆଁପରି ।"(୪) ସକାଳୁ ଅଫିସର ଜଣକ ଜାଣିବାକୁ ପାଇଲେ ଯେ ଷ୍ଟେସନଟି ରାତିରେ ବନ୍ଦରୁହେ ଓ ସେ ଯେଉଁମାନଙ୍କୁ ଦେଖିଥିଲେ ସେମାନେଥିଲେ କିଛି ବର୍ଷ ପୂର୍ବେ ଟ୍ରେନ ଆକ୍ସିଡେଣ୍ଟରେ ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀମାନେ ।

କୃପାସାଗର ସାହୁ ବାସ୍ତବତାକୁ ପାଠକ ଦୃଷ୍ଟିଗୋଚର କରିବା ନିମନ୍ତେ ଇତିହାସ, ଲୋକକଥା, ଆଖ୍ୟାନ, ଅତିକଳ୍ପନା ଆଦି ମାଧ୍ୟମରେ ଗଳ୍ପକୁ ପରିପ୍ରକାଶ କରିଛନ୍ତି । ଅନେକ ସମୟରେ ବାସ୍ତବତାକୁ ପରିପ୍ରକାଶ କରିବା ପାଇଁ ପଶୁପକ୍ଷୀ ଚରିତ୍ରମାନଙ୍କର ସାହାଯ୍ୟ ନେଇଛନ୍ତି । ଏହି ମାନବେତର ଚରିତ୍ରମାନେ ଆବେଗପୂର୍ଣ୍ଣ ଭାବେ ମାନବୀୟ ହୋଇ ମାନବସତ୍ତାକୁ ଉନ୍ମୋଚନ କରିଛନ୍ତି । ଯାହା'ଲରେ ସଂପ୍ରତି ବାସ୍ତବ ସତ୍ୟକୁ ପାଠକ ଉପଲବ୍ଧି କରିପାରିଛି ।

ପ୍ରାନ୍ତଟୀକା

୧. ମିଶ୍ର ପଞ୍ଚାନନ । ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ । ବଜୟିନୀ ପବ୍ଲିକେଶନ: ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ-୧୨, ୧ମ ପ୍ରକାଶନ-୨୦୧୯, ପୃଷ୍ଠା-୧୮୭ ।

୨. ତତ୍ରୈବ ।

୩. ସାହୁ କୃପାସାଗର । କାହାଣୀ-୨୦୦୫ । କୁସୁମିତା ପବ୍ଲିକେଶନ: ପ୍ଲଟ ନଂ- ଏଚ୍.ପି-୩, ଷ୍ଟେଜ-୨, ଲକ୍ଷ୍ମୀସାଗର, ଭୁବନେଶ୍ୱର-୦୬, ୩ୟ ପ୍ରକାଶ-୨୦୧୬, ପୃଷ୍ଠା-୯୩ ।

୪. ସାହୁ କୃପାସାଗର । ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ ଗଳ୍ପ । କୁସୁମିତା ପବ୍ଲିକେଶନ: ୩ୟ ପ୍ରକାଶ-୨୦୧୬, ପୃଷ୍ଠା-୨୮ ।

୫. ସାହୁ କୃପାସାଗର । ଲୌକିକ ଓ ଅଲୌକିକ । କୁସୁମିତା ପବ୍ଲିକେଶନ: ୧ମ ପ୍ରକାଶ-୨୦୧୬, ପୃଷ୍ଠା-୧୦୨ ।

ରେଭେନ୍‌ସା ୟୁନିଭରସିଟି, କଟକ ।

ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ବାଥୁଡ଼ି ଜନଜାତିର ସୃଷ୍ଟି ଉପଖ୍ୟାନ

ଡକ୍ଟର ରାଜାକୁମାର ନାଏକ

ବାଥୁଡ଼ି ଜାତିର ସୃଷ୍ଟି ସମ୍ବନ୍ଧରେ ନାନା ପ୍ରକାର ମତ ଦେଖାଯାଏ । ଏହି ଜଗତ କ'ଣ ? ଏହାର ଉତ୍ପତ୍ତି ହେଲା କିପରି ? ବିଶ୍ୱ ସୃଷ୍ଟି କିଭଳି ହୋଇଛି ? ଏହି ପ୍ରଶ୍ନଟି ସମସ୍ତଙ୍କ ହୃଦୟରେ ଉଙ୍କିମାରେ । ପୃଥିବୀ କେବେ ସୃଷ୍ଟିହେଲା ସଠିକ୍ ଭାବରେ ସମୟ ନିରୂପଣ କରିବା କଷ୍ଟବ୍ୟାପାର । ବୈଜ୍ଞାନିକମାନେ ଅନୁମାନ କରି ପୃଥିବୀର ସୃଷ୍ଟି ସଂପର୍କରେ ମତ ଦେବାକୁ ଯାଇ କହିଛନ୍ତି– ଆଜକୁ ପ୍ରାୟ ୪୬୦୦ ନିୟୁତ ବର୍ଷ ପୂର୍ବେ ସୃଷ୍ଟି । ଏ ବିଷୟରେ ବେଦ, ଉପନିଷଦ, ଦର୍ଶନ ଓ ପୁରାଣ ପ୍ରଭୃତିରେ ବହୁ ପ୍ରକାର ପ୍ରଶ୍ନ ଓ ଉତ୍ତର ଦୃଷ୍ଟିଗୋଚର ହୁଏ । ଓଡ଼ିଶାର ପଞ୍ଚସଖାଙ୍କ ଧର୍ମୀୟ ଗ୍ରନ୍ଥଗୁଡ଼ିକରେ ସୃଷ୍ଟି ପ୍ରକ୍ରିୟା ସଂପର୍କରେ ଯେଉଁ ତତ୍ତ୍ୱ ମିଳେ, ସେଗୁଡ଼ିକ ମଧ୍ୟରେ 'ବ୍ରହ୍ମାଣ୍ଡ ଭୂଗୋଳ', 'ଅମରକୋଷଗୀତା', 'ବିରାଟଗୀତା', 'ତୁଳାଭିଣା', 'ଶୂନ୍ୟସଂହିତା' ଆଦି ପ୍ରଧାନ ।

ପଞ୍ଚସଖା ଗୋଷ୍ଠୀର ବୟୋଜ୍ୟେଷ୍ଠ ସାଧକ ବଳରାମ ଦାସଙ୍କ 'ବିରାଟଗୀତା' ଅନୁସାରେ ଭଗବାନ ବିରାଟ ରୂପରେ ଶୂନ୍ୟରେ ବାସ କରୁଥିଲେ । ଏହି ସମୟରେ ସେ ସୃଷ୍ଟିପ୍ରକ୍ରିୟା ନିମିତ୍ତ ଶୂନ୍ୟରୁ ବିନ୍ଦୁ ନିକ୍ଷେପ କଲେ । ସେହି ବିନ୍ଦୁ ଆକାଶରୁ ଧୂମ୍ରବର୍ଣ୍ଣ ଧାରଣ କରି ଖସିଲା । ଧୂମ୍ରବର୍ଣ୍ଣରୁ ଶକ୍ତି ଓ ଶକ୍ତିରୁ ଓଁକାର ଜାତ ହେଲା । ଓଁକାରରୁ ତ୍ରିବୀଜ ଓ ପରେ ତ୍ରିବୀଜରୁ ନାମର ଉତ୍ପତ୍ତି ହେଲା । ନାମରୁ ବ୍ରହ୍ମା, ବିଷ୍ଣୁ, ଶିବ ଜାତ ହେଲେ । ତାପରେ ଜଗତ ଓ ଛପନକୋଟି ଜୀବଜନ୍ତୁର ଉତ୍ପତ୍ତି ପ୍ରକ୍ରିୟା ସୃଷ୍ଟି ହେଲା ।

ପଞ୍ଚସଖା ଯୁଗର ଅନ୍ୟଜଣେ ସାଧକ ହେଉଛନ୍ତି ଜଗନ୍ନାଥ ଦାସ । ତାଙ୍କ ରଚିତ 'ତୁଳାଭିଣା'ରେ ଜଗତର ସୃଷ୍ଟି ପ୍ରକ୍ରିୟା ସଂପର୍କରେ ବର୍ଣ୍ଣନା କରି ଅଛନ୍ତି ।

"ମହାଶୂନ୍ୟ ଯେ ଜ୍ୟୋତିରୂପ । ଜ୍ୟୋତିରୁ ଜାତ ଠୁଳରୂପ ।।

ଠୁଳରୁ ଅର୍ଦ୍ଧମାତ୍ରା ହେଲା । ମାତ୍ରାରୁ ଓଁକାର ଜନ୍ମିଲା ।।

ଓଁକାରୁ ବ୍ରହ୍ମ ଯେ ଜଗତ । ଶୁଣ ପାର୍ବତୀ ଦେଇ ଚିତ୍ତ ।।"

(୧ମ ଅଧ୍ୟାୟ)

ଏଥିରୁ ପ୍ରମାଣିତ ହୁଏ ମହାଶୂନ୍ୟରେ ଜ୍ୟୋତିରୂପ ଥିଲା । ଜ୍ୟୋତିରୁ ଠୁଳରୂପ ଜାତ ହେଲା । ଠୁଳରୁ ଅର୍ଦ୍ଧମାତ୍ରା ଓ ଅର୍ଦ୍ଧମାତ୍ରାରୁ ଓଁକାର ଜନ୍ମଲାଭ କଲା । ଓଁକାରରୁ ଜଗତର ସୃଷ୍ଟି ।

ଅଚ୍ୟୁତାନନ୍ଦ ସୃଷ୍ଟି ପ୍ରକ୍ରିୟାରେ ପ୍ରକୃତିକୁ ପ୍ରାଧାନ୍ୟ ଦେଇଅଛନ୍ତି । ତାଙ୍କ ରଚିତ 'ଛୟାଳିଶ ପଟଳ'ରେ ପ୍ରକୃତିତତ୍ତ୍ୱର ବହୁ ଉଦାହରଣ ପରିଲକ୍ଷିତ ହୁଏ । ସେ ବର୍ଣ୍ଣନା କରିବାକୁ ଛୟାଳିଶ ପଟଳରେ ଲେଖିଛନ୍ତି–

"ଆଦ୍ୟରେ ସ୍ୱୟଂ ଏକ ବ୍ରହ୍ମଥିଲା

ତହିଁରୁ ପ୍ରକୃତି ଜାତ ହୋଇଲା ।

ପ୍ରକୃତିରୁ ସବୁ ହୋଇଲା ଜାତ

ଏକୋଇଶ ପୁର ହୋଇଲା ଖ୍ୟାତ ।"

(୪ର୍ଥ ପଟଳ)

ଆଦି ପୁରୁଷ ଓ ଆଦି ନାରୀ ପରିକଳ୍ପନା ବହୁ ପୁରାତନ ଓ ଉପନିଷଦୀୟ ଚିନ୍ତାଧାରା ଦ୍ୱାରା ପୃଷ୍ଟ । ଆଦ୍ୟରେ କେବଳ ପୁରୁଷ ବା ଶୂନ୍ୟପୁରୁଷ ଥିଲେ । ସେ ଏକରୁ ଦୁଇ ହେବାକୁ ଇଚ୍ଛା ପ୍ରକଟ କରିବାରୁ ପ୍ରକୃତିର ସୃଷ୍ଟି ହେଲା । ପ୍ରକୃତି ଓ ପୁରୁଷର ମିଳନ 'ଳରେ ସୃଷ୍ଟି ସମ୍ଭବ ହେଲା । ସୃଷ୍ଟି ପ୍ରକ୍ରିୟା ସଂପର୍କୀୟ ବହୁ ତତ୍ତ୍ୱ ପରିଲକ୍ଷିତ ହେଉଥିଲେ ମଧ୍ୟ ତାହା ଆଲୋଚ୍ୟ ବିଷୟ ନୁହେଁ ।

ସୃଷ୍ଟି ପ୍ରକ୍ରିୟା ଈଶ୍ୱରଙ୍କ ପ୍ରାଣୀଜଗତ ପାଇଁ ଶ୍ରେଷ୍ଠ ଉପହାର । ତନ୍ମଧ୍ୟରେ ଆଦିବାସୀ ହେଉଛନ୍ତି ସଂସ୍କୃତିର ଆଦି ପ୍ରବର୍ତ୍ତକ । ବର୍ତ୍ତମାନ ମଧ୍ୟ ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ ଭାବେ ପରିଗଣିତ । ଆମରାଜ୍ୟରେ ଏବେ ମଧ୍ୟ ୬୨ ପ୍ରକାର ଆଦିବାସୀ ସଂପ୍ରଦାୟର ଲୋକ ବସବାସ କରନ୍ତ । ଓଡ଼ିଶାର ସମୁଦାୟ ଜନସଂଖ୍ୟାର ୨୩ ଭାଗ ଲୋକ ହେଉଛନ୍ତି ଆଦିବାସୀ । ତନ୍ମଧ୍ୟରୁ ବାଥୁଡ଼ି ଏକ ଐତିହ୍ୟ ସଂପନ୍ନ ଜନଜାତି । ଏହି ଜନଜାତିର ଲୋକମାନେ କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱର ନୀଳଗିରି ଅଞ୍ଚଳରେ ବସବାସ କରୁଥିଲେ ମଧ୍ୟ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ ବହୁଳ ମାତ୍ରାରେ ବସବାସ କରନ୍ତି । ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କଠାରୁ ବାଥୁଡ଼ି ସମ୍ପ୍ରଦାୟର ଜୀବନ ଯାପନ ଶୈଳୀ ଅନ୍ୟମାନଙ୍କୁ ଦୃଷ୍ଟି ଆକର୍ଷଣ କରିଥାଏ । ବିଭିନ୍ନ ମାନବ ଗୋଷ୍ଠୀର ସୃଷ୍ଟିତତ୍ତ୍ୱ ଭିନ୍ନ ଭିନ୍ନ ମତବାଦ ଉପରେ ପ୍ରତିଷ୍ଠିତ । ବାଥୁଡ଼ି ସମ୍ପ୍ରଦାୟର ସୃଷ୍ଟିତତ୍ତ୍ୱ ଓ ନାମକରଣକୁ ନେଇ ମଧ୍ୟ ବହୁ ଆଲୋଚକ ଭିନ୍ନ ଭିନ୍ନ ମତବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ଏ ଜାତିର ସୃଷ୍ଟି ଓ ନାମକରଣ ସମ୍ପର୍କରେ ପୁରାଣ, କିମ୍ବଦନ୍ତୀ ଓ ଲୋକକଥାରୁ ମଧ୍ୟ ବହୁ ପ୍ରମାଣ ପରିଲକ୍ଷିତ ହୁଏ ।

ବାଥୁଡ଼ି ଏକ ପ୍ରାଚୀନତମ ଜନଜାତି ହୋଇଥିବାରୁ ଏ ଜାତିର ସୃଷ୍ଟି ସମ୍ପର୍କରେ 'ଆଦ୍ୟଶୂନ୍ୟ ଗୁପ୍ତପୁରାଣ' ଓ 'ବତାମ ପୁରାଣ' ମ୍ନ ଏ ଜାତିର ସୃଷ୍ଟି ରହସ୍ୟ କଥା ବର୍ଣ୍ଣିତ ହୋଇଛି । ଆଦ୍ୟଶୂନ୍ୟ ଗୁପ୍ତ ପୁରାଣର ରଚୟିତା ହେଉଛନ୍ତି ବିପ୍ର ତ୍ରିଲୋଚନ । ଆଦ୍ୟଶୂନ୍ୟ ଗୁପ୍ତପୁରାଣ ପୋଥିଟି ତିନିଶହ ବର୍ଷରୁ ଉର୍ଦ୍ଧ୍ୱକାଳ ହେବ କେନ୍ଦୁଝର ଜିଲ୍ଲାର ସାହାରପଡ଼ା ବ୍ଲକ ଅନ୍ତର୍ଗତ ହଳଦିବଟା ଗ୍ରାମରେ ସ୍ୱର୍ଗତ ଗୋକୁଳଚନ୍ଦ୍ର ଦଳେଇଙ୍କ ଗୃହରେ ପୂଜାପାଇ ଆସୁଅଛି । ତାହାକୁ ଆଧାରକରି ବାଥୁଡ଼ି ଜନଜାତିର ଗବେଷକ ଡକ୍ଟର ରାଜକିଶୋର ନାୟକ ତାଙ୍କ "ବାଥୁଡ଼ି ଜାତିର ସୃଷ୍ଟିତତ୍ତ୍ୱ- ଏକ ଅନୁଶୀଳନ" ପ୍ରବନ୍ଧରେ ଲେଖିଛନ୍ତି-

" ଜୀବଜଗତ ସୃଷ୍ଟି ପୂର୍ବରୁ ସମଗ୍ର ବ୍ରହ୍ମାଣ୍ଡ ମହାଶୂନ୍ୟ ଓ ଅନ୍ଧକାର ଭିତରେ ବୁଡ଼ି ରହିଥିଲା । ପ୍ରଭୂ ନିରାକାର ସବୁଆଡେ ପରିବ୍ୟାପ୍ତ ହୋଇ ରହିଥିଲେ । ସମଗ୍ର ବ୍ରହ୍ମାଣ୍ଡ ଜଳରେ ବୁଡ଼ି ରହିଥିଲା । ଅନନ୍ତକାଳ ପରେ ନିରାକାର ପୁରୁଷ ବଡ଼ ବୃକ୍ଷଟିଏ ସୃଷ୍ଟିକରି ଭାସମାନ ବଟପତ୍ରରେ ଭାସମାନ ଅବସ୍ଥାରେ ଶୋଇ ରହିଥିଲେ । କିଛିକାଳ ପରେ ସେ ଆଦିମାତାଙ୍କୁ ସୃଷ୍ଟିକଲେ । ଏହାପରଠାରୁ ଆଦିମାତା ନିରାକାରଙ୍କ ପଦସେବାରେ ବ୍ୟସ୍ତ ରହିଲେ । ଏହି ସମୟରେ ପ୍ରଭୁ ନିରାକାରଙ୍କ କର୍ଣ୍ଣ କୁଣ୍ଡାଇ ହେବାରୁ ଆଙ୍ଗୁଠି ପୁରାଇ କୁଣ୍ଡାଇଲେ । ତତ୍ ସହିତ ନିରାକାରଙ୍କ ଆଙ୍ଗୁଳିରେ ଯେଉଁ ମଇଳା ଲାଗିଲା, ତାକୁ ସେ ପାଦରେ ଲେପିଦେଲେ । ଉକ୍ତ ମଇଳା ଆଦିମାତାଙ୍କ ହାତରେ ଲାଗିବାରୁ ତାକୁ ଦ୍ୱିଭାଗ କରି ପ୍ରଳୟ ଜଳକୁ ଫିଙ୍ଗିଦେଲେ । ସେଥିରୁ ମଧୁ ଓ କୈଟଭ ନାମରେ ଦୁଇ ରାକ୍ଷାସ ଜନ୍ମ ନେଇଥିଲେ । ସେମାନେ କ୍ଷୁଧାର୍ତ୍ତ ଥିବାରୁ ଆଦିମାତାଙ୍କୁ ଭୋଜନ ମାଗିଥିଲେ । ଆଦିମାତା ପ୍ରଳୟ ଜଳ ପାନକରି କ୍ଷୁଧା ମେଣ୍ଟାଇବାକୁ କହିଥିଲେ । ରାକ୍ଷାସ ଦ୍ୱୟ ନିଜର କ୍ଷୁଧା ମେଣ୍ଟାଇବାକୁ ଯାଇ ଅର୍ଦ୍ଧେକ ଜଳ ପାନ କରିଦେଲେ । କ୍ରମେ ସେମାନେ ବଳିୟାନ ହୋଇ ଆଦିମାତାଙ୍କୁ ସ୍ତ୍ରୀ ରୂପେ ପାଇବାକୁ ଇଚ୍ଛା ପ୍ରକଟ କଲେ । ଆଦିମାତା ରାକ୍ଷାସ ଦ୍ୱୟଙ୍କୁ କହିଲେ, ତୁମେ ଦୁହେଁ ନିରାକାରଙ୍କୁ ହତ୍ୟାକଲେ ମୁଁ ତୁମର ସ୍ତ୍ରୀ ହୋଇ ରହିବି । ଏହାକହି ଆଦିମାତା ନିରାକାରଙ୍କ ନାଭିମଣ୍ଡଳରେ ଆତ୍ମଗୋପନ କଲେ । ରାକ୍ଷାସ ଦ୍ୱୟ ନିରାକାରଙ୍କୁ ନିଦରୁ ଉଠାଇବାରେ ବିଫଳ ହେବାରୁ ବିଧା ଗୋଇଠା ମାରିଲେ । ଶେଷରେ ନିରାକାରଙ୍କ ନିଦ୍ରାଭଙ୍ଗ ହେବାରୁ ମଧୁ କୈଟଭଙ୍କୁ ଚକ୍ରଦ୍ୱାରା ଛେଦନ କଲେ ଏବଂ ସେମାନଙ୍କ ଅସ୍ଥି ଓ ମେଦକୁ ସାତଭାଗ କରି ଚାରିଆଡେ ଫିଙ୍ଗିଦେଲେ । ତହିଁରୁ ସାତଟି ଦ୍ୱୀପ ସୃଷ୍ଟିହେଲା । ଯାହା ଆଜି ସାତଟି ମହାଦେଶ ହୋଇଛି । ଉଦ୍‌ବୃତ୍ତ ମେଦରେ ଦୁଇଟି ପୁରୁଷ ଓ ନାରୀମୂର୍ତ୍ତି ଗଢ଼ିଥିଲେ ଏବଂ ଉକ୍ତ ମୂର୍ତ୍ତି ଦୁଇଟିକୁ ଜୀବନ୍ୟାସ ଦେବାରୁ ବାସୁକୀ ଓ ବସୁମାତା ନାମରେ ଆବିର୍ଭାବ ହେଲେ । ଏ ଦୁହେଁ ହେଲେ ବାଥୁଡ଼ି ଜାତିର ଆଦିମାତା ଓ ଆଦିପିତା । ତେଣୁ ବାଥୁଡ଼ି ଜାତିର ପ୍ରତ୍ୟେକ ପୂଜାରେ ପୂଜକ ବାସୁକୀ ଓ ବାସୁମାତାଙ୍କୁ ସ୍ମରଣ କରି ପ୍ରଥମେ ସିନ୍ଦୁର ଟିପା ଦେଇଥାନ୍ତି ।"

ଏଥିରୁ ଅନୁମାନ କରି ହେଉଛି ନିରାକାର ସର୍ବ ପ୍ରଥମେ ବାସୁକୀ ଓ ବାସୁମାତାଙ୍କୁ ସୃଷ୍ଟି ପ୍ରକ୍ରିୟା ପାଇଁ ଆଦେଶ ଦେଇଥିଲେ । ନିରାକାରଙ୍କ ଆଦେଶ ପାଇ ବାସୁକୀ ଓ ବସୁମାତା ସୃଷ୍ଟି ସର୍ଜନା ପାଇଁ ଆଗ୍ରହ ପ୍ରକାଶ କଲେ । ମାତ୍ର ବହୁବର୍ଷ ଅତିକ୍ରାନ୍ତ ସତ୍ତ୍ୱେ ବାସୁକୀ ଓ ବସୁମାତା ସୃଷ୍ଟି ସର୍ଜନା କରିପାରିଲେ ନାହିଁ । ଶେଷରେ ବସୁମାତା ମୋହିନୀ ରୂପ ଧାରଣ କରି ନିରାକାରଙ୍କୁ ମୋହିତ କଲେ । 'ଳରେ ନିରାକାରଙ୍କ ଶରୀରରୁ ରେତ ସ୍ଖଳିତ ହେଲା । ନିରାକାର ରେତକୁ ଧରିବା ପାଇଁ ଚେଷ୍ଟା କରିବା ସମୟରେ ଆଙ୍ଗୁଳି 'ାଙ୍କରୁ ତିନିବୁନ୍ଦା ରେତ ବହି ଯାଇଥିଲା ଏବଂ ତହିଁରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଜନ୍ମ ନେଇଥିଲେ । ବିପ୍ର ତ୍ରିଲୋଚନ ଆଦ୍ୟଗୁପ୍ତ ପୁରାଣରେ ସୃଷ୍ଟି ସର୍ଜନା ସମ୍ପର୍କରେ ଲେଖିଛନ୍ତି –

"ହୋଇଲେ ମାୟା ଯେ ମୋହିନୀ
ନୀରାକାରଙ୍କ ଠାକୁରାଣୀ
କାମେ ମୋହିଲେ ଅନାଦିଙ୍କି
ସେ ମୂର୍ତ୍ତି ଚାହିଁଣ ଅନାଦି
ହଜିଲା ତାଙ୍କ ଜ୍ଞାନ ବୁଦ୍ଧି
ଲିଙ୍ଗରୁ ବୀର୍ଯ୍ୟ ଯେ ସ୍ଖଳିତ
ହୁଅନ୍ତେ ପ୍ରଭୁ ପଦ୍ମନେତ୍ର
ହସ୍ତରେ ଧରନ୍ତେ ସେ ରେତ
ତତ୍‌କ୍ଷଣେ ପଡିଲା ଗଳିତ
ହସ୍ତ ମୁଠାରୁ ଗଳିଗଲା
ତିନି ରନ୍ଧ୍ରେ ସେ ବହିଲା
ତ୍ରିବିନ୍ଦୁ ତ୍ରିଦେବ ଜନମ
ହୋଇଲେ ଶୁଣ ନୃପଗଣ
ବ୍ରହ୍ମା, ବିଷ୍ଣୁ ଯେ ମହେଶ୍ୱର
ନାମ ବହିଲେ ଆଦିଶ୍ୱର ।"

ବାସୁକୀ ଓ ବସୁମାତା ଦୀର୍ଘକାଳ ପର୍ଯ୍ୟନ୍ତ ସୃଷ୍ଟି ସର୍ଜନା ନ କରିବା ଯୋଗୁଁ ନିରାକାର ବ୍ରହ୍ମାଙ୍କୁ ସୃଷ୍ଟି ସର୍ଜନା ପାଇଁ ଆଦେଶ ଦେଲେ । ବାସୁକୀ ଓ ବସୁମାତା ସୃଷ୍ଟି ସର୍ଜନା ପାଇଁ ଦୀର୍ଘକାଳ ଧରି

ତପସ୍ୟାରତ ଥିଲେ ମାତ୍ର ତାଙ୍କ ଯୋଗଭଗ୍ନ ପରେ ଦେଖିଲେ ସୃଷ୍ଟି ସର୍ଜନା ହୋଇସାରିଛି । ଏକଥା ଜାଣି ବାସୁକୀ ଓ ବସୁମାତାଙ୍କ ମନରେ କ୍ରୋଧ ଜାତ ହେଲା । ପରବର୍ତ୍ତୀ ସମୟରେ ବାସୁକୀ ଓ ବସୁମାତାଙ୍କଠାରୁ ବାରପୁତ୍ର ଜନ୍ମଲାଭ କରିଥିଲେ । ସେହି ବାର ପୁତ୍ରଙ୍କୁ ବାସୁକୀପୁତ୍ର କୁହାଗଲା । କ୍ରୋଧରେ ଜର୍ଜରିତ ବାସୁକୀ ଓ ବସୁମାତା ତାଙ୍କ ବାରପୁତ୍ରଙ୍କୁ ସୃଷ୍ଟି ଧ୍ୱଂସ ପାଇଁ ନିର୍ଦ୍ଦେଶ ଦେଲେ । ପିତାମାତାଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ବାରପୁତ୍ରଙ୍କ ଧନୁ ଚାଳନାରେ ସମସ୍ତ ବ୍ରହ୍ମାଣ୍ଡ ଥରହର ହେବାକୁ ଲାଗିଲା । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏତାଦୃଶ୍ୟ ଦେଖି ନିରାକାରଙ୍କୁ ସାକ୍ଷାତ କରିସମସ୍ତ କଥା ଜଣାଇଲେ । ନିରାକାର ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ନିର୍ଦ୍ଦେଶ ଦେଲେ ବାସୁକୀ ପୁତ୍ରମାନଙ୍କୁ ସାକ୍ଷାତ କରି ସୃଷ୍ଟି ଧ୍ୱଂସ ନକରିବା ପାଇଁ ଅନୁରୋଧ କଲେ ଏବଂ ସେମାନଙ୍କ ବୀରତ୍ୱର ପ୍ରଶଂସା ଗାନ କଲେ । ଏକଥା ମ୍ନ ପୁରାଣରେ ଲିପିବଦ୍ଧ ହୋଇଛି ।

"ଆଦ୍ୟ ସୃଷ୍ଟିରେ ତୁମେ ଏକ
ବୀରମାନଙ୍କ ମଙ୍କ ତୁମେ ଶ୍ରେଷ୍ଠ
ତେଣୁ ନାୟକ ବୋଲି ନାମ
ବହିଲୁ ଅଟୁ ତିନି ଦିଅଁ
ବାସୁକୀ ବୋଲି ନାମ ବହି
ଥିଲ ଯେ ତୁମେ ବାର ଭାଇ
ଆଜୁଁ ବାଥୁଡି ବୋଲାଇବ
ଜଗତେ କୀରତି ରଖିବ ।"

ଏଥିରୁ ଅନୁମାନ କରାଯାଏ ବାସୁକୀ ପୁତ୍ରମାନେ ବାଥୁଳି ନାମରେ ଏ ଦୁନିଆଁରେ ପରିଚିତ ହୋଇଥିଲେ । ପରବର୍ତ୍ତୀ କାଳରେ ବାଥୁଳି ଶବ୍ଦଟି ବାଥୁଡ଼ି ଶବ୍ଦରେ ରୂପାନ୍ତରିତ ହୋଇଛି ।

ବାଥୁଡ଼ି ଜନଜାତିର ସୃଷ୍ଟି ସଂପର୍କିତ କଥା ଚକ୍ରଧର ମହାପାତ୍ରଙ୍କ ରଚିତ 'ବତାମ ପୁରାଣ'ରେ ମଧ୍ୟ ଉଲ୍ଲେଖ ରହିଛି । ବାସୁଳୀ ହେଉଛନ୍ତି ବାଥୁଡ଼ି ଜନଜାତିର ଆଦିମାତା । ତାଙ୍କରି ବାହୁମୂଳରୁ ବାହୁବଳୀର ଜନ୍ମ । ମାତା ପାର୍ବତୀଙ୍କ ଝୋଡ଼ରୁ ଜନ୍ମିତ କନ୍ୟା ଉଥୁଳୀ ସହିତ ବାହୁବଳୀର ବିବାହ ପରେ ଯେଉଁ ପୁତ୍ର ଜନ୍ମ ନେଇଥିଲା ଏକଥା ଚକ୍ରଧର ମହାପାତ୍ର ତାଙ୍କ ବତାମ ପୁରାଣରେ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି-

ପିତା ନାମ ବାହୁବଳୀ ମାଆ ନାଁ ଉଥୁଳି
ତେଣୁ ତାଙ୍କ ପୁତ୍ର ନାମ ରହୁଯେ ବାଥୁଡ଼ି ।
ସେହିଦିନ ଠାରୁ ନାମ ବାଥୁଡ଼ି ରହିଲା
ବାଥୁଡ଼ି ନାମେ ସଂସାରେ ପ୍ରକଟ ହୋଇଲା ।

(ପୃ-୩୬)

ଲେଖକ ସ୍ୱର୍ଗତ ନିରଂଜନ ଦାସ ତାଳପତ୍ର ପୋଥି ଆଦ୍ୟଶୂନ୍ୟ ଆଧାରରେ ବାଥୁଡ଼ି ଜାତିର ଉତ୍ପତ୍ତି ସମ୍ପର୍କରେ କିଞ୍ଚିତ ଆଭାସ ଦେଇଛନ୍ତି । ଆଦ୍ୟଶୂନ୍ୟ ପୁରାଣରେ ଉଲ୍ଲେଖ ଅଛି, ଶୂନ୍ୟ ପୁରୁଷ ବତାମ ନାମରେ ନାମିତ ହୋଇ ମର୍ତ୍ତ୍ୟପୁରକୁ ତପସ୍ୟା କରିବାକୁ ଆସିଥିଲେ । ତପସ୍ୟା ସ୍ଥାନରେ କିଛି ସୃଷ୍ଟି ସର୍ଜନା କରିଥିଲେ । ଶୂନ୍ୟ ପୁରୁଷ ବତାମ ନିଜ ଶରୀରକୁ ଚାହିଁବାରୁ ଯିଏ ଜନ୍ମଲାଭ କଲା ତାକୁ ବାହୁରେ ତୋଳିଆଣି ଭୂମିରେ ଠିଆ କରାଇଲେ । ବାହୁ ସାହାଯ୍ୟରେ ତୋଳା ହୋଇଥିବାରୁ ତାକୁ ବାହାତୁଳି (ବାତୁଳି) ନାମକରଣ କଲେ । ପରବର୍ତ୍ତୀ ସମୟରେ ବାତୁଳି ଶବ୍ଦଟି ଅପଭ୍ରଂଶ ଘଟି ବାଥୁଳି ନାମରେ ନାମିତ ହେଲେ ।

ବାଥୁଡ଼ି ଜାତିର ସୃଷ୍ଟି ଓ ନାମକରଣ ସାର୍ଥକରେ କେବଳ ପୁରାଣରେ ବର୍ଣ୍ଣିତ ହୋଇଛି ତା ନୁହେଁ, ବାଥୁଡ଼ି ଜାତିର ସୃଷ୍ଟି ଓ ନାମକରଣ ସମ୍ପର୍କରେ ଲୋକକଥାରେ ମ୍ନ ଦେଖିବାକୁ ମିଳେ । ଏହି ଆଧାରକୁ ନେଇ ଆଲୋଚନା କଲେ ଜଣାଯାଏ ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଜାନକୀକୁ ପତ୍ନୀ ରୂପେ ଗ୍ରହଣ କଲାପରେ ଅଯୋ୍ୟା ପ୍ରତ୍ୟାବର୍ତ୍ତନ କଲେ । ପ୍ରଭୁ ରାମଚନ୍ଦ୍ର ଅଯୋ୍ୟା ପ୍ରାତ୍ୟାବର୍ତ୍ତନ ପରେ ଅରଣ୍ୟବାସୀମାନେ ନିଜର ନୃତ୍ୟ ମ୍ନମରେ ଅଭିନନ୍ଦନ ଜଣାଇଲେ । ଗୋଟିଏ ବନବାସୀ ନୃତ୍ୟରେ ମୁଗ୍ଧ ହୋଇ ସେ ଜାତି ସମ୍ପର୍କରେ କିଛି ତତ୍ତ୍ୱ ଜାଣିବାକୁ ଇଚ୍ଛା ପ୍ରକଟ କଲେ । ଲକ୍ଷ୍ମଣ ଜାତି ସମ୍ପର୍କରେ ପଚାରନ୍ତେ କିଛି ଉତ୍ତର ନମିଳିବାରୁ ଲକ୍ଷ୍ମଣ ଏହି ଦଳକୁ ବାହାତୋଳି କହିଥିଲେ । ବାହାତୋଳି ଶବ୍ଦରୁ ସମୟକ୍ରମେ ବାତୋଳି ଶବ୍ଦ ସୃଷ୍ଟି ହୋଇପାରେ । ଏହି ବାତୋଳି କ୍ରମେ ବାଥୁଳିରେ ପରିଣତ ହୋଇ ବାଥୁଡ଼ି ଶବ୍ଦରେ ରୂପାନ୍ତରିତ ହୋଇଛି । କିମ୍ବଦନ୍ତୀ ଅନୁସାରେ ବାଥୁଡ଼ି ଶବ୍ଦ ବାହାତୋଳି ଶବ୍ଦରୁ ଆସିଥିବା ଅଧିକ ଯୁକ୍ତିସଙ୍ଗତ ।

ଦ୍ୱିତୀୟ କଥାଟି ଯୁକ୍ତି ସଙ୍ଗତ ମନେ ହେଉନଥିଲେ ମଧ୍ୟ କେତେ କୁହନ୍ତି କୌଣସି କାରଣ ବଶତଃ ରାଜା ଭରତଙ୍କ କେତେକ ଗୋଷ୍ଠୀଙ୍କ ସହିତ ମନମାଳିନ୍ୟ ଘଟିଥିଲା । ଫଳରେ ଭରତ ବାଟୁଳି ବାଣ ପ୍ରୟୋଗ କଲେ । ଭରତଙ୍କ ବାଟୁଳି ବାଣ ପ୍ରୟୋଗ ଏକ ଗୋଷ୍ଠୀକୁ ବ୍ୟସ୍ତ ବିବ୍ରତ କରିଥିଲା । ଯାହା 'ଳରେ ସେହି ଗୋଷ୍ଠୀ ଅଯୋଧ୍ୟା ଛାଡ଼ିବାକୁ ବାଧ୍ୟ ହେଲେ । ଆସିବା ସମୟରେ ସେମାନଙ୍କ ମୁହଁରୁ କେବଳ ବାଟୁଳି ଶବ୍ଦ ଉଚ୍ଚାରିତ ହେଉଥିଲା । ଏହି ଗୋଷ୍ଠୀକୁ କେତେକ ବାଟୁଳି ବାୟା ଅଥବା ବାତୁଳି ଗୋଷ୍ଠୀ କହିଲେ । ବାଟୁଳି

ଏବଂ ବାତୁଳୀ ଶବ୍ଦରୁ କାଳକ୍ରମେ ଏମାନଙ୍କୁ ବାଥୁଡ଼ି ଗୋଷ୍ଠୀ କୁହାଯିବାର କେତେକ ମତ ଦିଅନ୍ତି ।

କିମ୍ବଦନ୍ତୀ ତଥା କୁରାଳ ତାଳପତ୍ର ପୋଥି ଅନୁସାରେ ସଂସାରର ଯାବତୀୟ ଅନ୍ୟାୟ ଅନୀତିକୁ ଦେଖି ଅନନ୍ତନାଗ (ବାସୁକୀ) ତାଙ୍କ ବାହୁରୁ ଏକ ପୁତ୍ର ଜାତ କଲେ ଏବଂ ତାହାର ନାମକରଣ କଲେ ବାହୁବଳୀ । କୁହାଯାଏ ବାହୁବଳୀ ବିଷ୍ଣୁ ଭକ୍ତ ଥିଲେ । ବିଷ୍ଣୁ ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ତାଙ୍କୁ ପାର୍ବତିଙ୍କ ପାଖକୁ ପଠେଇଲେ । ବାହୁବଳୀ ପାର୍ବତୀଙ୍କ ପାଖକୁ ଯିବାରୁ ପାର୍ବତୀ ତାଙ୍କ ଝୌଡ଼ରୁ ଏକ କନ୍ୟା ଜାତ କରି ବାହୁବଳୀଙ୍କୁ ଉପହାର ଦେଲେ । ତାହାର ନାମ ହେଲା ଉଥୁଡ଼ି । ବାହୁବଳୀ ଉଥୁଡ଼ିକୁ ନେଇ ସୁଖରେ ସଂସାର କଲେ । କିଛି କାଳ ପରେ ଉଥୁଡ଼ିଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା । ପିତାମାତାଙ୍କ ନାମକୁ ମିଶାଇ ତାହାର ନାମ ରଖାଗଲା ବାଥୁଡ଼ି ।

ବାଥୁଡ଼ି ଜାତିର ସୃଷ୍ଟି ଓ ନାମକରଣକୁ ନେଇ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ ନଗେନ୍ଦ୍ର ନାଥ ବସୁ ତାଙ୍କ ଲିଖିତ ଇକ୍ସମଷବରକ୍ଟକ୍ଷକ୍ଟଶସମବକ୍ଷ ଝଙ୍କକ୍ସଙ୍ଖରଛ କ୍ଟଲ ଗବଛଙ୍କକ୍ସଭଷବଭହ ପୁସ୍ତକରେ ଲେଖିଛନ୍ତି ଓଭ ଗ୍ବଷର ଭରଶସଭଭସଭଶ ଗ୍ବଷରକ୍ସର ଙ୍ଖବଗ୍ବ ଭକ୍ଟଗ୍ବଷସଭଶ ଭଙ୍କଗ୍ବ ମଙ୍କଭଛବ ବଭୟ ଲକ୍ସକ୍ଟଙ୍କ ଗ୍ବଷର ବକ୍ସଙ୍କଗ୍ବ କ୍ଟଲ ମଙ୍କଭଛବ ଙ୍କବଷବକ୍ଟ୍ରକ୍ସବଭଷଙ୍କ ଗ୍ବକ୍ଟ୍ରକ୍ସକ୍ଟଭଶ ସଭଗ୍ବକ୍ଟ ରଙ୍ଖସଗ୍ବଗ୍ବରଭମର ଗ୍ବଷର ଲକ୍ଟଙ୍କଭୟରକ୍ସ କ୍ଟଲ ଗ୍ବଷରସକ୍ସ ଗ୍ବକ୍ସସଭର. ଙ୍ଖଷସଗ୍ବ ଗ୍ବକ୍ସସଭର ମକ୍ଟଙ୍କର ଗ୍ବକ୍ଟ ଭର ଲଭକ୍ଟଙ୍ଖଭ ବଗ୍ବ ଛବଷଙ୍କକ୍ସସ କ୍ଟକ୍ସ ଛବଗ୍ବଷଙ୍କକ୍ସସ. ଅର୍ଥାତ୍ ପ୍ରାଥମିକତା ଅବସ୍ଥାରେ କେବଳ ଶୂନ୍ୟତା ପୂରି ରହିଥିଲା । ସୃଷ୍ଟିକର୍ତ୍ତା ଶୂନ୍ୟ ମହାପ୍ରଭୁଙ୍କ ବାହୁରୁ ଏ ଜାତିର ପ୍ରତିଷ୍ଠାତା ଜନ୍ମ ନେଇଥିବା ହେତୁ ଜାତିର ନାମ ବାଉରୀ ବା ବାଥୁଳି ହୋଇଥିଲା ।

ବିଭିନ୍ନ ଲେଖା ଓ ଲେଖନୀ ଆଧାରରେ ବାଥୁଡ଼ି ଜାତିର ନାମ ନକରଣକୁ ଅନ୍ୟାନ୍ୟ କଲେ ଜଣାଯାଏ ବାଥୁଡ଼ିମାନେ ଅଯୋଧାର ବାତୁଳି ଗଡ଼ର ଅଧିବାସୀ ଥିଲେ । ପରେ ଏଠାକୁ ଆସି ବସତି ସ୍ଥାପନ କଲେ । ବାତୁଳି ଗଡ଼ର ଅଧିବାସୀ ହୋଇଥିବାରୁ ଏ ଜାତିର ନାମକରଣ ବାତୁଳି ହୋଇଛି । ପରବର୍ତ୍ତୀ ସମୟରେ ବାତୁଳି ଶବ୍ଦ ଅପଭ୍ରଂଶ ହୋଇ ବାଥୁଳି ବା ବାଥୁଡ଼ି ହୋଇଅଛି ।

ଉପରୋକ୍ତ ଆଲୋଚନାରୁ ବାଥୁଡ଼ି ସଂପ୍ରଦାୟର ସୃଷ୍ଟି ଓ ନାମକରଣ ଅନୁମାନ କରାଯାଏ । ଏହି ଗୋଷ୍ଠୀ ଯେଉଁଠୁ ଆସନ୍ତୁ ନା କାହିଁକି ଏମାନଙ୍କ ଆଦ୍ୟ ବାସ୍ଥଳୀ ଶିମିଳିପାଳ ଅଟେ । ଏକଥା ଚକ୍ରଧର ମହାପାତ୍ରଙ୍କ ବତାମ ପୁରାଣରେ ବର୍ଣ୍ଣିତ ହୋଇଛି । ସେ ବତାମ ପୁରାଣରେ ଲେଖିଛନ୍ତି –

ବାଥୁଡ଼ିର ଘର ଅଟେ ବନସ୍ତ ମଧ୍ୟରେ
ଶିମିଳିପାଳ ବନସ୍ତ ପର୍ବତ ଗୁହାରେ ।

ବିଭିନ୍ନ ପୁରାଣ, କିମ୍ବଦନ୍ତୀ, ଲୋକକଥା ଆଧାରକୁ ଭିତ୍ତି କରି ବିଭିନ୍ନ ଆଲୋଚକ ଭିନ୍ନ ଭିନ୍ନ ମତପ୍ରଦାନ କଲେ ମଧ୍ୟ ଆମେ ଆମେ ଏକ ସ୍ଥୁଳ ସିଦ୍ଧାନ୍ତରେ ଉପନୀତ ହୋଇଥାଉ, ତାହା ହେଉଛି ବାସୁକୀ ଓ ବସୁମାତା ହିଁ ଏ ଜାତିର ଆଦିପିତା ଓ ଆଦିମାତା । ସେମାନଙ୍କ ଠାରୁ ଏ ଜନଜାତି ସୃଷ୍ଟିଲାଭ କରିଛି ।

ସହାୟକ ଗ୍ରନ୍ଥସୂଚୀ

ଓଡ଼ିଶା ସାହିତ୍ୟ ଏକାଡେମୀ (ସଂ)

ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡେମୀ,

ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ ୨୦୦୪

ଚିତ୍ରସେନ ପ୍ରସାୟତ (ସଂ)

ଆଦିବାସୀ ମୌଖିକ ସାହିତ୍ୟ ପରଂପରା, ସାହିତ୍ୟ ଅକାଦେମି, ଦ୍ୱିତୀୟ ସଂସ୍କରଣ ୨୦୧୬

ରବିନ୍ଦ୍ର ମୋହନ ସେନାପତି

ଓଡ଼ିଶାର ଆଦିବାସୀ, ବିଦ୍ୟାବାରତୀ,କଟକ ପ୍ରଥମ ସଂସ୍କରଣ ୨୦୦୬

ନୃସିଂହପ୍ରସାଦ ମିଶ୍ର,ଶୁକଦେବ ସାହୁ

ଆଦିବାସୀ ସମାଜ ଓ ସଂସ୍କୃତି, ମନୋରମା ପବ୍ଲିଶର୍ସ, କଟକ,

ଦ୍ୱିତୀୟ ସଂସ୍କରଣ, ୨୦୧୬

ରାଜକିଶୋର ନାୟକ,ଶରତ ଚନ୍ଦ୍ର ନାଏକ

ବାଥୁଡି ଜାତିର ଅଜ୍ଞାତ ଆମ୍ନାୟ, ପ୍ରକାଶକ,

ବାଥୁଡି ସାଂସ୍କୃତିକ ସମାଜ
କେନ୍ଦୁଝର

ଆସିଷ୍ଟାଣ୍ଟ ପ୍ରଫେସର

ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ସତ ରାଜନୀତି ମିଛ ମହାତ୍ମା

ପରୀକ୍ଷିତ ଭୋଇ

ଓଡ଼ିଶାରେ ଜଣେ କଥାଶିଳ୍ପୀ, ସାମ୍ବାଦିକ ଓ ରାଜନୀତିଜ୍ଞ ଭାବରେ ଖ୍ୟାତି ଅର୍ଜନ କରନ୍ତି ସୁରେନ୍ଦ୍ର ମହାନ୍ତି । ତାଙ୍କ ଜୀବନର ଅନେକ ଅଭିଜ୍ଞତାର ଭାଷା ହେଉଛି ତାଙ୍କର ସୃଷ୍ଟିଗୁଡ଼ିକ । ଆତ୍ମଜୀବନୀ ପଥ ଓ ପୃଥିବୀ ଗୋଟିଏ ସମୟଖଣ୍ଡର ଘଟଣା ପ୍ରବାହର ସ୍ଥୁଳ ପ୍ରାମାଣିକ ଓ ଆତ୍ମିକ ବିକାଶର ଅନ୍ତରଙ୍ଗ କାହାଣୀ । ସର୍ବମୋଟରେ ତାଙ୍କର ପନ୍ଦର ଖଣ୍ଡ ଉପନ୍ୟାସ, ତେର ଖଣ୍ଡ ଗଳ୍ପ ସଂକଳନ ଓ ସ୍ତମ୍ଭ ଆକାରରେ ଧାରାବାହିକ ପ୍ରକାଶିତ 'ଶ୍ରେଷ୍ଠ ସ୍ତମ୍ଭ' ଇତ୍ୟାଦି ସୃଷ୍ଟିକୁ ଅଧ୍ୟୟନ କଲେ ଓଡ଼ିଶାର ରାଜନୈତିକ, ଐତିହାସିକ ଓ ସାହିତ୍ୟିକ ବାତାବରଣ ଜଣାପଡ଼ିଥାଏ । ତାଙ୍କର ଅନ୍ୟ ସୃଷ୍ଟି ଅପେକ୍ଷା ଉପନ୍ୟାସଗୁଡ଼ିକ ଜୀବନର ରହସ୍ୟ ଉନ୍ମୋଚନ ଓ ମୂଲ୍ୟବୋଧ, ଅତୀତର ଗୌରବମୟ ମୁହୂର୍ତ୍ତ ବହୁ ଭାବରେ ପର୍ଯ୍ୟବେକ୍ଷିତ ।

"ତମେ ମୋ ପାଇଁ ଯେଉଁ ତ୍ୟାଗ ବରଣ କରିଛ, ତାହାର ପ୍ରତିଦାନ ନାହିଁ । ତମ ଦେବତା, ତମ ବୀର, ଦେବତ୍ୱ ଓ ବୀରତ୍ୱ ବଡ଼ ବଡ଼ ଘଟଣାରେ ଫୁଟେ ନାହିଁ । ନିତିଦିନିଆ ଜୀବନର ସାମାନ୍ୟ ତୁଚ୍ଛ ଘଟଣାମାନଙ୍କରେ ତାହାର ପରିଚୟ ମିଳିଥାଏ ।" (ଅନ୍ଧଦିଗନ୍ତ-୨୭୬) ଅନ୍ଧଦିଗନ୍ତ ଉପନ୍ୟାସର ମୁଖ୍ୟ ନାୟିକା ଗୌରୀର ଏହି ବାର୍ତ୍ତାକୁ ନିଧିଦାସକୁ ଗୁରୁତ୍ୱ ଦେଇ କହିଛି । ଲେଖକଙ୍କ ଅଭିଜ୍ଞତାପୂର୍ଣ୍ଣ ଜୀବନ ଦର୍ଶନକୁ ପାଠକ ଭେଟନ୍ତି 'ଅନ୍ଧଦିଗନ୍ତ' (୧୯୬୪) ଉପନ୍ୟାସ ମାଧ୍ୟମରେ । ସୁରେନ୍ଦ୍ର ମହାନ୍ତି ଅନ୍ଧଦିଗନ୍ତକୁ କାଳ୍ପନିକତା ଆଧାରରେ ସତ୍ୟତାର ଉନ୍ମୋଚନ କରିଛନ୍ତି । କାରଣ ତା' ଭିତରେ ତାତ୍ତ୍ୱିକ ଓ ଐତିହାସିକ ବିବରଣୀ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଉଠିଛି । ବାସ୍ତବତାର ପ୍ରତିଛବି ଅତି ମନୋଜ୍ଞ ଓ ପ୍ରାଞ୍ଜଳ୍ୟ ଭାବରେ ପରିବେଷିତ । ସେଥିପାଇଁ ସେ ଅନେକ ଅସୁବିଧାର ସମୁଖୀନ ହେବାକୁ ପଡ଼ିଛି । ସେହି କେତେକ ସମସ୍ୟାର ସମ୍ମୁଖୀନ ହୋଇଥିବା ଗୋଟିଏ ଉପନ୍ୟାସ ହେଉଛି ଅନ୍ଧଦିଗନ୍ତ । ଏଥିରେ ବାସ୍ତବ ରାଜନୀତିର ଚିତ୍ର ପ୍ରତିଫଳିତ ଏବଂ ବନ୍ୟା, ମରୁଡ଼ି, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ଘଟଣାକୁ ନେଇ କେମିତି ରାଜନୀତି କରାଯାଇପାରେ, ତାହା ସ୍ପଷ୍ଟ । କେତେକ ଦ୍ୱନ୍ଦ୍ୱ ଓ ସମସ୍ୟା ହେତୁ ତାଙ୍କୁ ୧୯୬୫ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରରୁ ବଞ୍ଚିତ ହେବାକୁ ପଡ଼ିଛି । ତାଙ୍କର ନୂତନତାର ପ୍ରୟୋଗରେ କଥାସାହିତ୍ୟ ଯେମିତି 'କଲେଜ ବୟ' (୧୯୪୭), 'ସହସ୍ର ଶଯ୍ୟାର ନାୟିକା' (୧୯୫୨), 'ବଧୂ ଓ ପ୍ରିୟା' (୧୯୮୪) ଲେଖାର ମୋଡ଼କୁ ପରିବର୍ତ୍ତନ କରିଛି । ଠିକ୍ ସେମିତି ଇତିହାସ, ରାଜନୀତି ଓ ବୌଦ୍ଧଧର୍ମ ସଂପର୍କୀୟ ଲେଖାରୁ ମଧ୍ୟ ବହୁ ଚର୍ଚ୍ଚିତ ହୁଅନ୍ତି । ସେହି ଦୃଷ୍ଟିରୁ 'ଅନ୍ଧଦିଗନ୍ତ'ର ପୃଷ୍ଠଭୂମି ନିର୍ବାଚନରେ ଔପନ୍ୟାସିକଙ୍କର ସ୍ୱତନ୍ତ୍ରତା ରହିଛି ନିଶ୍ଚୟ । ଯେଉଁ ଦୀର୍ଘ ବର୍ଷର ସ୍ୱାଧୀନତା ସଂଗ୍ରାମୀ ଜୀବନ ଓ କମ୍ୟୁନିଷ୍ଟ, ଚିନ୍ତାଧାରା ପର୍ଯ୍ୟବେକ୍ଷିତ । ଏହା ପ୍ରତ୍ୟକ୍ଷ ରାଜନୀତି ଜୀବନର ଅଭିଜ୍ଞତା ଓ ସାମ୍ବାଦିକ ଜୀବନର କାରୁଣ୍ୟ ପରିପ୍ରକାଶ ଘଟିଛି ଏବଂ ଗତାନୁଗତିକତାକୁ ପରିହାର କରି ନୂତନ ବିଷୟବସ୍ତୁର ସମାଗମ ହୋଇଛି ଯଦିଓ ଏହା ପୂର୍ବରୁ ହରେକୃଷ୍ଣ ମହତାବ, ରାମପ୍ରସାଦ ସିଂହଙ୍କ ଉପନ୍ୟାସରେ ରାଜନୀତି ଚେତନା ଦେଖାଯାଏ । କିନ୍ତୁ ସେହି ଚେତନାଠାରୁ ଦୁଇପାଦ ଆଗକୁ ଯାଇ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରଥମେ ସେ ରାଜନୀତି ସମ୍ପର୍କରେ ଲେଖୁଛନ୍ତି ।

ଅନ୍ଧଦିଗନ୍ତ ଉପନ୍ୟାସକୁ ଡ. ମାୟାଧର ମାନସିଂହ ଜାତୀୟଗାଥା ବୋଲି କୁହନ୍ତି – "ଓଡ଼ିଆ ଭାଷାର ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ଧଦିଗନ୍ତ ଭାରତ ଜାତୀୟ ଆତ୍ମାଙ୍କୁ ସ୍ୱାଧୀନୋତ୍ତର ଯୁଗରେ ଅମାନିଶା ବ ଝଡ଼ବୃଷ୍ଟି ଜର୍ଜରିତ ଦୁର୍ଦ୍ଦିନ ପରି ଘେରି ରହିଥିବ । ଏହିପରି ନୈତିକ, ଆଧ୍ୟାତ୍ମିକ ଓ ସାମାଜିକ ବିଚାରରେ ବୋଧହୁଏ ପ୍ରଥମ ଓ ବଳିଷ୍ଠ ବିହଙ୍ଗାବଲୋକନ ଓ ଅନ୍ତର୍ଭାବଲୋକନ । ସାହିତ୍ୟିକ ସୃଷ୍ଟି-କଷଟି ପଥର ରୂପେ ଇଂରାଜୀରେ ଏବେ ଗୋଟିଏ ସୁନ୍ଦର ଯୁକ୍ତିଯୁକ୍ତ ବାକ୍ୟାଂଶ ବ୍ୟବହୃତ ହୋଇଥାଏ Soul exploration ବା ଆତ୍ମନିରୀକ୍ଷଣ । ଯେଉଁ କାବ୍ୟ, ନାଟକ ବା ଉପନ୍ୟାସରେ ଏହି ଆତ୍ମନିରୀକ୍ଷଣ ନାହିଁ, ଯେତେ ଲିଖନ ଚର୍ଚ୍ଚ ସ୍ଲୋଗାନ ଦେଲେ ମଧ୍ୟ କୌଣସି ଜାତିର ଆତ୍ମାରେ ରେଖାପାତ କରିପାରିବ ନାହିଁ । ରାମାୟଣ ବା ମହାଭାରତ କାହାଣୀ ନୁହନ୍ତି । ଭାରତବାସୀର ପ୍ରାଣରେ ସେସବୁ ଶାଶ୍ୱତ ଗାର କାଟି ଯାଉଛନ୍ତି । କାରଣ ସେଥିରେ ଆମେ ଆମ ନିଜର Soul exploration ହିଁ ଦେଖୁ । 'ଅନ୍ଧଦିଗନ୍ତ'ରେ ସୁରେନ୍ଦ୍ର ମହାନ୍ତି କିଛି ଏହି ପ୍ରକାର Soul exploration ର ଚେଷ୍ଟା କରିବାରୁ ତାଙ୍କର ବହି କେବଳ କାହାଣୀ ନ ହୋଇ ଜାତୀୟଗାଥାରେ ପରିଣତ ହେବାକୁ ଯାଉଛି ।" (ଅନ୍ଧଦିଗନ୍ତ, ଷଷ୍ଠ ସଂସ୍କରଣର ଭୂମିକା)

ଉପନ୍ୟାସରେ ଭାରତୀୟ ଜାତୀୟତା ଆନ୍ଦୋଳନ ସ୍ରୋତ ପ୍ରତି'ଳିତ । ଦକ୍ଷିଣ ଆଫ୍ରିକାରୁ ଗାନ୍ଧିଜୀ ଭାରତକୁ ଆସୁଛନ୍ତି ୧୯୧୫ ମସିହାରେ । ଭାରତବର୍ଷରେ ଗାନ୍ଧୀଙ୍କ ଆଗମନ ପୂର୍ବରୁ ସ୍ୱାଧୀନ ଚିନ୍ତାଧାରା ପ୍ରଚାରପ୍ରସାର ହୋଇଥିଲେ ହେଁ ତାହା ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧଠାରୁ ହିଁ ଘନ ଘୋର ଆରମ୍ଭ ହୋଇଯାଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଭିତରେ ଭାରତରେ ଚମ୍ପାରନ୍

ସତ୍ୟାଗ୍ରହ ୧୯୧୭ ମସିହାରେ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ହେଉଛି ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଅନେକ କୃଷକ ଏଥିରେ ସାମିଲ ହୋଇଛନ୍ତି । ୧୯୧୮ ମସିହାରେ 'ଖେଦା' ସତ୍ୟାଗ୍ରହ ଏବଂ ଆଲ୍ଲାହାବାଦ୍ ମିଲ୍‌ର ଶ୍ରମିକ ଆନ୍ଦୋଳନ ହୋଇଥିଲା । ତା' ପରେ ପରେ ୧୯୧୮ରେ ଖିଲା'ତ୍ ଆନ୍ଦୋଳନ ଦେଶବ୍ୟାପୀ ଅଶାନ୍ତି ବାତାବରଣ ସୃଷ୍ଟି କରିଥିଲା । ଫଳରେ ସ୍ୱରାଜ ପାଇଁ ସୃଷ୍ଟି ହେଲା ଅସହଯୋଗ ଆନ୍ଦୋଳନ ୧୯୨୧ ମସିହାରେ । ଏହା ପରେ ଆଇନ ଅମାନ୍ୟ ଆନ୍ଦୋଳନ ୧୯୩୦ ଭାରତଛାଡ଼ ଆନ୍ଦୋଳନ ୧୯୪୨ରୁ ୧୯୪୫ ମସିହାରେ । ତା' ଭିତରେ ଅନେକ ବାଧାବିଘ୍ନ ସୃଷ୍ଟି ହୋଇ ଭାରତ ସ୍ୱାଧୀନତା ଲାଭ କରିଛି ୧୯୪୭ରେ ଏବଂ ଆରମ୍ଭ ହେଲା ଗୋରା ଶାସନ ପରିବର୍ତ୍ତେ କଳାମାନଙ୍କ ଶାସନ । ଏହି ଜାତୀୟ ଆନ୍ଦୋଳନରେ ଓଡ଼ିଶା କେଉଁ ଭୂମିକା ଗ୍ରହଣ କରିଥିଲେ ଏବଂ ତହିଁରେ ଓଡ଼ିଶାର ରାଜନୀତି ଗୁରୁତ୍ୱ କେତେ ତାହା ସବୁ ପ୍ରମାଣ ଦିଏ ଅନ୍ଧଦିଗନ୍ତ ଉପନ୍ୟାସ । ଏମିତି ସ୍ୱାଧୀନତା ପରବର୍ତ୍ତୀ କାଳର ସାମାଜିକ, ରାଜନୀତି ଓ ସର୍ବୋପରି ନେତାମାନଙ୍କର କାର୍ଯ୍ୟକଳାପର ବିବରଣୀ ମଧ୍ୟ ରହିଛି ।

ଜାତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରତ୍ୟେକ ମୁହୂର୍ତ୍ତ ଓଡ଼ିଶାର ପୁରପଲ୍ଲୀରେ ଖେଳିଯାଇଥିଲା । ମଧୁପୁର ଗାଁର ନିଧିଦାସ ଓ ବରଜା ଚମାର କ'ଣ ବୁଝି ନଥିବା ବା ଗାନ୍ଧୀଙ୍କୁ କେବେ ଦେଖି ନଥିବା ଲୋକ ସ୍ୱରାଜ ପାଇଁ ପ୍ରାଣବଳି ଦେଇଛନ୍ତି । ଭାରତର କୋଣ–ଅନୁକୋଣରେ ଏହିପରି ପ୍ରାଣବଳି ଦେଇଥିବା ଲୋକ ବହୁ ଅଛନ୍ତି କିନ୍ତୁ କୌଣସି ଭାରତ ଇତିହାସରେ ସେମାନଙ୍କର ନାମ ଉଲ୍ଲେଖ ନାହିଁ କି ସେମାନଙ୍କ ମୃତ୍ୟୁର କୌଣସି ପ୍ରକାରର ଖବର ନାହିଁ । ଅନ୍ଧଦିଗନ୍ତର ଶୁଦ୍ଧୋଦନ ପରି ଶିକ୍ଷିତମାନେ ସ୍ୱାଧୀନତା ପରେ ଦେଶର ଭୋଟ ରାଜନୀତିରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓ ଭାରତ ତଥା ରାଜ୍ୟର ମୁଖ୍ୟ ମୁଖ୍ୟ ଆଶନରେ ଆସିନ ହୋଇଛନ୍ତି । ସେମାନେ ଗାନ୍ଧୀନୀତିକୁ ବାହାରେ ପ୍ରଦର୍ଶନ କରି ଅନ୍ତରରେ ଗୋରାଙ୍କ ପରି ଶୋଷଣ, ଲୁଣ୍ଠନ ତଥା ଅନ୍ୟାୟ ଅତ୍ୟାଚାରରେ ଲିପ୍ତ ରହିଛନ୍ତି । ସେହି ଯୋଗୁଁ ଆଜିର ସମାଜ ଅତିଷ୍ଠ ହୋଇପଡ଼ିଲେଣି ।

ଉପନ୍ୟାସର ଆରମ୍ଭ ହେଉଛି ମୁଖ୍ୟ ଚରିତ୍ର ନିଧିଦାସଙ୍କ ମୃତ୍ୟୁ ଚିଠିରୁ । ୧୯୧୭ରୁ ୧୯୫୨ ମସିହାର ସ୍ୱାଧୀନତାର ସମ୍ପୂର୍ଣ୍ଣ ବିଷୟବସ୍ତୁ 'ଅନ୍ଧଦିଗନ୍ତ' । ୧୯୫୨ ପରବର୍ତ୍ତୀ ସମୟରେ ବିଭିନ୍ନ ସରକାରୀ ଯୋଜନା ସାଙ୍ଗକୁ କଂଗ୍ରେସ ବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବସ୍ଥା ଅତି ଶୋଚନୀୟ ହୋଇଯାଇଥିଲା । ସେମାନେ ପ୍ରାଚୀନ ଲୋକ ହୋଇଗଲେ । ଗାନ୍ଧୀବାଦୀ ଅଚଳ ହୋଇଗଲା । ଶ୍ରେଣୀହୀନ ସମାଜ ଗଠନ କରିବା ବଦଳରେ ଆହୁରି ଅଧିକତର ବିଭେଦତା ସୃଷ୍ଟି ହେଲା । ଜଣକ ପାଖରେ ସବୁ ପ୍ରକାରର ବଳ ରହିଲା । ସେହି ଲୋକ ପୁଣି କେବେବି ସ୍ୱାଧୀନତା ବିଷୟରେ ଜାଣି ନଥିଲା । ସ୍ୱପ୍ନଭଙ୍ଗ, ନିରାଶା ଓ ଅସହାୟ ଜନସାଧାରଣଙ୍କ ମଧ୍ୟରେ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଲା । ବ୍ୟବସ୍ଥା ନାମରେ ଅବ୍ୟବସ୍ଥା ଓ ନ୍ୟାୟ ନାମରେ ଅନ୍ୟାୟରେ ରୂପ ନେଲା । ଔପନ୍ୟାସିକ ଏସବୁ ପ୍ରତିଛବି ନିଧିଦାସଙ୍କ ଦ୍ୱାରା ଉପସ୍ଥାପନା କରିଛନ୍ତି । ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ପ୍ରାରମ୍ଭରୁ ଅନ୍ଧଦିଗନ୍ତକୁ ଗୋଟିଏ କାଳ୍ପନିକ ଉପନ୍ୟାସ କହିଥିଲେ ସୁଦ୍ଧା ବାସ୍ତବତା ପ୍ରତି ରୂପ ଅତି ସ୍ପଷ୍ଟ ଓ ପ୍ରାଞ୍ଜଲ୍ୟ ଜଣାପଡ଼େ । ସେଥିପାଇଁ ଏହାକୁ ସ୍ୱାଧୀନତା ସଂଗ୍ରାମ ଇତିହାସର କିଛି ଅଂଶ ବୋଲି ବିବେଚନା କରାଯାଏ ।

'ଡଗର' ପତ୍ରିକାରେ କିଛି ଅଂଶ 'ଭଗ୍ନଦୂତ', 'କୂର୍ମ' ଓ 'କୋଣାର୍କ' ଶିରୋନାମାରେ ଧାରାବାହିକ ଭାବରେ ପ୍ରକାଶ ପାଉଥିଲା । ସୁରେନ୍ଦ୍ର ମହାନ୍ତି ନିର୍ବାଚନରେ ବ୍ୟସ୍ତ ଯୋଗୁଁ ତାହା ବନ୍ଦ ହୋଇଯାଇଥିଲା । କିନ୍ତୁ ପାଠକୀୟ ଶ୍ରଦ୍ଧା ପାଇଁ ଔପନ୍ୟାସିକ ଅନ୍ଧଦିଗନ୍ତକୁ ସଂପୂର୍ଣ୍ଣ ରୂପ ଦେଇ ୧୯୬୪ ମସିହାରେ ପ୍ରକାଶ କଲେ । ଏହାର ନାମକରଣରୁ ସ୍ପଷ୍ଟ ଯେ ଦିଗନ୍ତ ବିସ୍ତାରୀ ଅନ୍ଧକାର ଜାଣିବା ପରେ ବି ସଂଗ୍ରାମ ଅବିରତ ଚାଲିଛି ଓ ଚାଲିଥିବ । ମୁଖ୍ୟ ଚରିତ୍ର ନିଧିଦାସ ପରାଧୀନ ଭାରତ ସମୟରେ ଜେଲ୍ ଯାଇଛି ନିଜର ଅଧୀକାର ପାଇଁ ଏବଂ ଜେଲ୍‌ରେ ଯେତେବେଳେ ମୁକ୍ତ ହେଉଛନ୍ତି ସ୍ୱାଧୀନତା ଭାରତକୁ ଦେଖୁଛନ୍ତି । ଏହି ଦେଖିବାର ଆକସ୍ମିକତା ଅନ୍ଧଦିଗନ୍ତ ଉପନ୍ୟାସର ଆକର୍ଷଣ ବିଷୟ । କିଛି ଦିନ ପରେ ସେହି କର୍ମୀମାନେ ଦଙ୍ଗା ନାମରେ ପୁଣି ଜେଲକୁ ଯିବା ଲୋକଙ୍କୁ ଅତିଷ୍ଠ କରିଛନ୍ତି । ନିଧିଦାସ ସ୍ୱାଧୀନତା ପରେ ଜେଲରୁ ଗାଁକୁ ଫେରିବା ବାଟରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ଘରେ ରହି ଲୋକଙ୍କୁ କୁହନ୍ତି – "ଜୀବନ ମୁକ୍ତି ପାଇଛି କିନ୍ତୁ ଲୋକ ମୁକ୍ତି ପାଇବା ପାଇଁ ଆହୁରି ଅନେକ ବାକି ଅଛି ।" ସ୍ୱାଧୀନତା ପରବର୍ତ୍ତୀ ଜୀବନ ଦିଗନ୍ତ ବିସ୍ତାରୀ ଅନ୍ଧାର । ଏହି ରାଜନୀତି ଅନ୍ଧାରର ଘନଘଟା ଆଡ଼କୁ ଟାଣି ନେଇଛି । ତେଣୁ ଔପନ୍ୟାସିକ ଏହାକୁ ଅନ୍ଧଦିଗନ୍ତ ନାମକରଣ କରିବା ଯଥାର୍ଥ ।

ମନୁଷ୍ୟ ଜୀବନର ସଂଗ୍ରାମ କାଳେ କାଳେ ନିରବଚ୍ଛିନ୍ନ । ସଂଗ୍ରାମ ସବୁ ମୁହୂର୍ତ୍ତରେ ନୂତନ ଆଶା ହୋଇ ସର୍ବସମ୍ମୁଖରେ ନୈପଥ୍ୟ ଦଣ୍ଡାମାନ ହୁଏ । ଏହି ପରିପ୍ରେକ୍ଷୀରେ ଗାନ୍ଧିନୀତି ଏକ ସମୟ ଖଣ୍ଡ ପାଇଁ ପ୍ରଯୁଜ୍ୟ ହୋଇଛି । ସ୍ୱାଧୀନତା ପରବର୍ତ୍ତୀରେ ତାହା ସେତିକି କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ଏଠାରେ ହରେକୃଷ୍ଣ ମହତାବଙ୍କ 'ତୃତୀୟ ପର୍ବ ଓ ୧୯୭୫' ଉପନ୍ୟାସ କଥା ମନେପଡ଼େ । ଏହି ତିନୋଟି ଉପନ୍ୟାସର କଥାବସ୍ତୁ ସମାନ ନହେଲେ ବି ଭାବବସ୍ତୁ ଓ ଉପନ୍ୟାସ ପରିପ୍ରକାଶର ଲକ୍ଷ ଗୋଟିଏ । ରାମଚନ୍ଦ୍ର ଗୁହାଙ୍କ 'India after Gandhi' (୨୦୦୭), ନୟନତାରା ସହଗଲଙ୍କ 'The day in shadow' (୧୯୭୧) ହିନ୍ଦୀର କମଳେଶ୍ୱରଙ୍କ 'ସମୁଦ୍ର ମେ ଖୋୟା ହୁଆ ଆଦ୍‌ମୀ' ଓ 'କାଳି ଅନ୍ଧି' (୧୯୭୪), ରାମଦରଶ୍ ମିଶ୍ରାଙ୍କ 'ଜାଲ୍ ଟୋଟା ହୁଆ' (୧୯୬୨), ହିମାଂଶୁ ଶ୍ରୀବାସ୍ତବଙ୍କ 'ନଦୀ ଫିର ବାହୁ ଗଲି' (୧୯୭୬) ଇତ୍ୟାଦି ଉପନ୍ୟାସ ସହିତ ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧଦିଗନ୍ତ' ବହୁ ସାମଞ୍ଜସ୍ୟ ରହିଛି । କେବଳ ସମୟ ଅନୁସାରେ ଉପସ୍ଥାପନ ଶୈଳୀ ବଦଳିଛି । ରାଜନୀତି, ଅର୍ଥବ୍ୟବସ୍ଥା, ପ୍ରଶାସନିକ ବ୍ୟବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ

ଇତ୍ୟାଦି କ୍ଷେତ୍ରରେ ଦେଖା ଦେଇଥିବା ଅବକ୍ଷୟମାଣର ମୁଖ୍ୟ କାରଣ ଭାବେ ଗାନ୍ଧୀ ଆଦର୍ଶର ମୃତ୍ୟୁକୁ ହିଁ ଦାୟି କରିଛନ୍ତି । ଭାରତର ସ୍ୱାଧୀନ ସଂଗ୍ରାମୀ ଚିନ୍ତାଧାରା ପୁରାଣ ବୋଲି ନୂତନ ପିଢ଼ିର ନେତାମାନଙ୍କର ଅଣଦେଖା ହିଁ ଜାତୀୟ ଅବ୍ୟବସ୍ଥାର ମୁଖ୍ୟ ବିଷୟ । ସମସ୍ତ ସଂଗ୍ରାମୀକୁ କମ୍ୟୁନିଷ୍ଟ ବା ବାମପନ୍ଥୀ ବୋଲି ହାଜତରେ ରଖିବାର ପ୍ରତିଟି ଚିତ୍ର ଉପସ୍ଥାପନା କରିବାରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଭିନ୍ନ ନିଶ୍ଚିତ । ନିଧିଦାସଙ୍କ ପରି ଅନେକ ଲୋକ ଖଦୀ ଓ ଚରଖା ଧରି ସଚେତନତା ସୃଷ୍ଟି କରୁଥିବା ବ୍ୟକ୍ତି ଠିକ୍ ସ୍ୱାଧୀନତା ପରେ ଦର୍ପ ନାରାୟଣ ଓ ଶୁଦ୍ଧୋଦନର ମନ୍ତ୍ରୀମଣ୍ଡଳରେ ଯୋଗ ଦେଇଛନ୍ତି । ଭାରତର ସ୍ୱାଧୀନତା ନିମିତ୍ତ ଗାନ୍ଧୀନୀତି ଭୋଟ ରାଜନୀତି ପାଇଁ ଅକ୍ଷମ ହୋଇପଡ଼ି କ୍ଷମତା ପାଇଁ ଆଦର୍ଶର ମୁଖା ତଳେ ଆତ୍ମଗର୍ବ, ନିଷ୍ଠୁରତା ଲୁଚି ରହିଲା । ଲେଖକଙ୍କ ଅଭିଜ୍ଞତା ଓ ଅନୁଭୂତି ହିପୋକ୍ରାସି ଉପନ୍ୟାସ 'ଅନ୍ଧଦିଗନ୍ତ' ସୃଷ୍ଟି କରିବାରେ ପ୍ରଥମ ଓଡ଼ିଆ ଔପନ୍ୟାସିକ । ହିପୋକ୍ରାଟମାନଙ୍କର ଅନ୍ତରୂପ ବାହାରକୁ ଆଣିବାପାଇଁ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି 'ଅନ୍ଧଦିଗନ୍ତ' ଉପନ୍ୟାସର ସାହାଯ୍ୟ ନେଇଛନ୍ତି ।

ସ୍ୱାଧୀନତା ପୂର୍ବର ଆଶା, ଆକାଂକ୍ଷା କାଳକ୍ରମେ ଧୂଳିସାତ୍ ହୋଇଯିବା ସହ ସମସ୍ତ କ୍ରିୟାକଳାପ ବିଫଳତା ସ୍ୱୀକାର କରିବାକୁ ପଡ଼ିଛି ଏବଂ ଗଢ଼ିଉଠିଛି କ୍ଷମତା ଲିପ୍ସା, ସ୍ୱାର୍ଥପରତା, ଶୋଷଣ, ଅନ୍ୟାୟ ଇତ୍ୟାଦି । ନିରକ୍ଷର ଗରିବ ସାଧାରଣ ବର୍ଗ ପ୍ରତାରିତ ଓ ନିର୍ଯ୍ୟାତିତ ହୋଇଛନ୍ତି । ରାମଚନ୍ଦ୍ର ଆଚାର୍ଯ୍ୟଙ୍କ 'ବୀର ଓଡ଼ିଆ', ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'କଣାମାମୁଁ', କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ଲୁହାର ମଣିଷ' ଓ ହରେକୃଷ୍ଣ ମହତାବଙ୍କ 'ଟାଉଟର' ଇତ୍ୟାଦି ଉପନ୍ୟାସଗୁଡ଼ିକ ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ଧଦିଗନ୍ତ ଲେଖିବାରେ ପ୍ରେରଣା ଦେଇଥିବ ନିଶ୍ଚୟ । ସମସ୍ତ ପ୍ରକାରର କ୍ରିୟାକଳାପ ବ୍ୟକ୍ତି ପ୍ରଚାର ବା Propagandaରେ ପରିଣତ ହୋଇଯାଇଛି । ସେଥିପାଇଁ ନିଧୀଦାସ ବିରୂପା କୂଳରେ ଗଢ଼ିଉଠିଥିବା ଗାନ୍ଧୀ ଆଶ୍ରମକୁ ଛାଡ଼ିଦେଇ ଲଳିତା ଦାସଙ୍କ ସଖୀ ଭେକୀ ମଠକୁ ଚାଲିଗଲେ । ଶୁଦ୍ଧୋଦନଙ୍କ ଦ୍ୱାରା ହୋଇଥିବା ଅପରାଧ ନିଧିଦାସ ଜାଣିପାରିଛନ୍ତି । କୌଶଲ୍ୟାର ଆତ୍ମହତ୍ୟା ଓ ଗୌରୀର ନିର୍ଯ୍ୟାତନା ପାଇଁ ଶୁଦ୍ଧୋଦନ ହିଁ ଦାୟୀ ଏବଂ ଶୁଦ୍ଧୋଦନର କିଛି ସହକର୍ମୀ ଯେଉଁମାନେ ମିଛ ଦେଶ ସେବା ନାମରେ ଗାନ୍ଧୀ ଆଶ୍ରମରେ ରହି ଭାରତ ତଥା ଓଡ଼ିଶାର ରାଜନୀତିର ଶାସନ ମୁଖ୍ୟ ହୋଇଛନ୍ତି । ନିଧିଦାସ ଜାଣିଶୁଣି ଗୌରୀକୁ ନିଜର ସ୍ତ୍ରୀ ଓ ତା'ର ପୁତ୍ରକୁ ନିଜର ପୁତ୍ର ବୋଲି ଅନ୍ୟମାନଙ୍କ ଆଗରେ ପରିଚୟ କରାଇଛନ୍ତି । ଏଠାରେ କଳଙ୍କିତ ଅଧ୍ୟାୟ ଆରମ୍ଭ ହୁଏ । ଗାନ୍ଧୀବାଦ ପ୍ରତି ଲୋକଙ୍କ ଆସ୍ଥା, ଭରସା ତୁଟିଯାଏ ଏବଂ ଅନ୍ୟମାନେ ତା'ର ଲାଭ ଉଠାନ୍ତି । ଔପନ୍ୟାସିକ ନିଧିଦାସ, ଶୁଦ୍ଧୋଦନ, ଶ୍ୟାମବନ୍ଧୁ, ବରଜୁ ଚମାର, ହରିହର, ଦଣ୍ଡସେନା, ଆକ୍ରମ ମିଆଁ ଓ ନାରାୟଣ ମାଝି ବ୍ୟକ୍ତିଙ୍କୁ ଭେଟିଛନ୍ତି ଓ ବିଶ୍ଳେଷଣ କରିଛନ୍ତି ଏହି ଉପନ୍ୟାସ ମାଧ୍ୟମରେ । ସ୍ୱାଧୀନତା ପାଇଁ ବ୍ୟକ୍ତିସ୍ୱାର୍ଥକୁ ପରିତ୍ୟାଗ କରି ସାମୁହିକ ସ୍ୱାର୍ଥ ଗୁରୁତ୍ୱ ଥିଲା, ଯାହା ଆମେ ଦେଖୁଛୁ ନିଧିଦାସ, ଶ୍ୟାମବନ୍ଧୁ ଓ ବରଜୁ ଚମାରଙ୍କ ମଧ୍ୟରେ । ସେମାନେ ଗାନ୍ଧିନୀତିର ଅନୁପ୍ରାଣିତ ହୋଇ ଅହିଂସା ଓ ଆଦର୍ଶବାଦକୁ ଗୁରୁତ୍ୱ ଦେଇଛନ୍ତି ।

ବିଶ୍ୱ ସାହିତ୍ୟରେ ଗାନ୍ଧୀବାଦର ପ୍ରଭାବବିସ୍ତାର ହୋଇଚାଲିଛି ସରଳ, ତ୍ୟାଗପୁତ, ନିଃସ୍ୱାର୍ଥପରତା ଓ ଅହିଂସା ହୋଇଛି ତାହାର ଭିତ୍ତି । ୧୯୪୭ ମସିହାରେ ଆମେରୀକିୟ ଲେଖକ Aidous Huxleyଙ୍କ 'Ape and Assence' ଏବଂ ୧୯୩୪ ମସିହାରେ ପ୍ରକାଶିତ Thornton Wilderଙ୍କ 'Heaven's my destination'ରେ ଗାନ୍ଧୀଙ୍କ ଅହିଂସା, ଶିକ୍ଷ ଅର୍ଥନୀତି ଓ ଆଦର୍ଶବୋଧ ଅନୁଭୂତ ହୁଏ । 'Heaven's my destination'ର ମୁଖ୍ୟ ଚରିତ୍ର Geenge Marvins Brash ଅନ୍ଧଦିଗନ୍ତର ନିଧିଦାସ ଓ ଅନ୍ୟ ଚରିତ୍ର Herb ଓ ଶୁଦ୍ଧୋଦନ ଗୋଟିଏ ପୃଷ୍ଠଭୂମିରେ ଚିତ୍ରିତ ହୋଇଛନ୍ତି । ୧୯୧୫ରେ ନୋବେଲ ପୁରସ୍କୃତ Romain Rolland ଗାନ୍ଧୀଙ୍କ ନୀତିରେ ଅନୁପ୍ରାଣିତ ହୋଇ 'Mahatma Gandhi' ବୋଲି ଏକ ପୁସ୍ତକ ଲେଖିଥିଲେ । ଭାରତ ବାହାରେ ଯେତିକି ଗାନ୍ଧୀଚେତନା ପ୍ରଭାବ ଥିଲା, ତାହା ନିଜ ଦେଶରେ ପ୍ରଭାବ ପକାଇବା ସ୍ୱାଭାବିକ । Mulk Raj Anandଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବାସ୍ତବବାଦୀ ଚିନ୍ତାଧାରାରେ ପର୍ଯ୍ୟବେକ୍ଷିତ ହୋଇଛି ଭାରତୀୟ ସାହିତ୍ୟ । ଏହି ଦୃଷ୍ଟିରୁ ଅନ୍ଧଦିଗନ୍ତର ଚରିତ୍ର ଓ ବିଷୟବସ୍ତୁ ଭାରତୀୟ ସାହିତ୍ୟ ଧାରାରେ ନିଜକୁ ସାମିଲ କରିଛି । ସମଗ୍ର ଦେଶରେ ସୃଷ୍ଟି ହୋଇଥିବା ସାହିତ୍ୟ ନିଜ ନିଜ ଅଞ୍ଚଳର ବାସ୍ତବ ଚିତ୍ରର ପ୍ରତିଛବି । ଓଡ଼ିଶାର ରାଜନୈତିକ ବାତାବରଣ, ସହରୀ ଓ ଗ୍ରାମୀଣ ହାବଭାବ ୧୯୧୭ ଠାରୁ ୧୯୫୨ ମସିହା ପର୍ଯ୍ୟନ୍ତ ବିଭିନ୍ନ ଘାତପ୍ରତିଘାତରେ ପଡ଼ିଛି ଏବଂ ସ୍ୱାଧୀନତା ଲାଭ କରିଛି । ସ୍ୱାଧୀନତାର ଫଳସ୍ୱରୂପ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଅସହିଷ୍ଣୁ ହୋଇପଡ଼ିଛି । ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଶ୍ୟାମବନ୍ଧୁ ଓ ନିଧିଦାସଙ୍କୁ ଉପନ୍ୟାସର ପରିସମାପ୍ତିରେ ମୃତ୍ୟୁବରଣ କରାଇଛନ୍ତି । ଅର୍ଥାତ୍ ଏଠାରେ ଗାନ୍ଧୀ ଆଦର୍ଶ ଓ ଚିନ୍ତାର ଅବସାନ ଘଟୁଛି ଏବଂ ଶିକ୍ଷିତ ଶୁଦ୍ଧୋଦନ ଓ ପୁଞ୍ଜିପତି ଦର୍ପନାରାୟଣଙ୍କ ଭଳି ଶୋଷଣଲିପ୍ତ ଲୋକଙ୍କ ପାଖରେ ଦେଶର ଭାଗ୍ୟ ରହିଛି । ଏକଲବ୍ୟ ପରି ଆଜୀବନ ନିଧିଦାସ ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ହୋଇପଡ଼ିରହିଛି ।

ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ନିଧିଦାସଙ୍କ ମୃତ୍ୟୁ ଖବର ଶୁଣି ତତ୍ପର ହୋଇ ଖବରକାଗଜ ଓ ଅନ୍ୟ ଆଲୋଚନା ଶୁଣିବା ପାଇଁ ବହୁ ଆଡ଼େ ଧନ୍ଦି ହୁଅନ୍ତି – "ନିଧିଦାସ ମରିବାର ଆଜି ସପ୍ତମ ଦିନ । ଖବର କାଗଜ ଖୋଲି, ମଫସଲ ସମ୍ବାଦ ଉପରେ ଆଖି ବୁଲାଇ ଗଲି ଯେଉଁ ରାଜନୈତିକ କର୍ମୀଙ୍କର ଶାଶୁ ନଣନ୍ଦ ଅଥବା ଶଳାର ଶ୍ୱଶୁର ବାଧିକା ପଡ଼ିଲେ, ସେ ସମ୍ବାଦ ଖବରକାଗଜରେ ବାହାରିଥାଏ । ତେଣୁ ନିଧିଦାସଙ୍କ ପରି ଆଜୀବନ, ନିରଳସ କଂଗ୍ରେସ କର୍ମୀଙ୍କ ମୃତ୍ୟୁ ସମ୍ବାଦଟା ନିଶ୍ଚୟ ବାହାରିଥିବ । ଛଅଦିନ ତଳର ପୁରୁଣା ଖବରକାଗଜ ସବୁ ମଧ୍ୟ ଖୋଜି ବାହାର କଲି । ସେଥିରେ ମଫସଲ

ଅଞ୍ଚଳର ବହୁ ଖବର ବାହାରିଥିଲା, କେତେଟା ମୃତ୍ୟୁ ସମ୍ବାଦ ମଧ୍ୟ ଆଖିରେ ପଡ଼ିଲା । କିନ୍ତୁ ଅନମଧ୍ୟେୟତାର ଅତଳ ସମୁଦ୍ର ମଧ୍ୟରେ ନିଧିଦାସଙ୍କ ମୃତ୍ୟୁ ସମ୍ବାଦଟା ଗୋଟିଏ ବୁଦ୍‌ବୁଦ୍ ପରି କେଉଁ ଆଡ଼େ ନିଶ୍ଚିହ୍ନ ହୋଇଯାଇଥିଲା ।"(ଅନ୍ଧଦିଗନ୍ତ, ପୃ.୩)

ଅନ୍ଧଦିଗନ୍ତ ଉପନ୍ୟାସରେ ବର୍ଣ୍ଣିତ ବନ୍ୟା ସମସ୍ୟା, ଚରିତ୍ରମାନଙ୍କର ରାଜନୀତିର ପ୍ରବଞ୍ଚନା ଲେଖକଙ୍କ ବାସ୍ତବ ଜୀବନରେ ଜଡ଼ିତ । ସେଥିପାଇଁ ସେ ଭାରତୀୟ ପ୍ରେକ୍ଷାପଟ୍ଟରେ ଓଡ଼ିଶାର ପାଣିପବନକୁ ଆଣିବା ପାଇଁ ଚେଷ୍ଟା କରିଛନ୍ତି । ବର୍ତ୍ତମାନ ବହୁ ବର୍ଷ ଅତିକ୍ରାନ୍ତ ହୋଇସାରିଛି ସ୍ୱାଧୀନତା ପ୍ରାପ୍ତିର । ଇତି ମଧ୍ୟରେ ବହୁ ପରିବର୍ତ୍ତନ ସଂଘଟିତ ହୋଇସାରିଛି । ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ବହୁ ଉନ୍ନତି ହୋଇଛି । କିନ୍ତୁ ଅଶିକ୍ଷିତ ବରଜୁ ଚମାର ଓ ନିଧିଦାସର ଆଦର୍ଶ ପୋତି ହୋଇଯାଇଛି । ଯେଉଁଥିପାଇଁ ଭାରତ ସ୍ୱାଧୀନତାର ବହୁବର୍ଷ ପରେ ବି Under developed ବା developing country ହିସାବରେ ରହିଛି ଏଯାବତ୍ । ଆମେ developed country ହୋଇପାରିନାହୁଁ ଏହା ଗୋଟିଏ ବିଡ଼ମ୍ବନାର ବିଷୟ । ଉପନ୍ୟାସଟି କାଳ୍ପନିକ ହୋଇଥିଲେ ହେଁ ଜାତୀୟ ଜୀବନରେ ବିଷୟବସ୍ତୁ ଓ ଚରିତ୍ରଗୁଡ଼ିକ ବାସ୍ତବ ଓ ଜୀବନ୍ତ ।

ସୁରେନ୍ଦ୍ର ମହାନ୍ତି ନିଜ ଶିକ୍ଷାର ପରିସମାପ୍ତି ପରେ ବଲାଙ୍ଗିର ରାଜା ରାଜେନ୍ଦ୍ର ନାରାୟଣଙ୍କ ଅଧୀନରେ ରହି 'ଚତୁରଙ୍ଗ' ପତ୍ରିକାର ସଂପାଦକ ଓ ରାଜାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରୁଥିଲେ । ପରେ ପରେ ସେ ରାଜନୀତିରେ ଯୋଗଦେଇ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କ ସହିତ ରାଜନୀତିରେ ସକ୍ରିୟ ରହିବା ପାଇଁ ତାଙ୍କୁ ନିଜର ସମ୍ବାଦିକତା ବହୁ ଗୁଣରେ ସାହାଯ୍ୟ କରିଥିଲା । ସେଥିପାଇଁ ସେ ସମାଜ ଓ ରାଜନୀତି ମହଲରୁ ଶୁଦ୍ଧୋଦନ, ଶ୍ୟାମବନ୍ଧୁ, ନିଧିଦାସ, ବରଜା ଚମାର, ବାବାଜୀ ଅବଧୂତାନନ୍ଦ, ଗୌରୀ ଓ କୌଶଲ୍ୟା ପରି ଚରିତ୍ର ଖୋଜି ବାହାର କରି ସଫଳ ରୂପାୟନ କରିପାରିଛନ୍ତି । 'ଅନ୍ଧଦିଗନ୍ତ' ଉପନ୍ୟାସ ମାଧ୍ୟମରେ ଗଣଚେତନାର ଏକ ଉଷ୍ମ ଜାତୀୟ ଚେତନାର ନୂତନତା ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି । ଗୋଟେ ପଟେ ଶୁଦ୍ଧୋଦନ ଓ ତା'ର ଅନ୍ୟ ସାଥିମାନେ ସମସ୍ତେ ଶିକ୍ଷିତ, ଅନ୍ୟ ପଟରେ ନିଧିଦାସ, ଶ୍ୟାମବନ୍ଧୁ ଓ ବରଜା ଚମାର ଏମାନଙ୍କ ପାଖରେ ଶିକ୍ଷା ନାହିଁ କେବଳ ଆଦର୍ଶକୁ ହିଁ ଜାଣନ୍ତି । ଗୌରୀ ଓ କୌଶଲ୍ୟାର ମାନମହତ ଯିବା ପଛରେ ଭଦ୍ରମୁଖା ପିନ୍ଧିଥିବା ଶୁଦ୍ଧୋଦନର ହାତ ଅଛି । ନିଧିଦାସ ଗୌରୀକୁ ସମସ୍ତ ସମ୍ମୁଖରେ 'ଗୌରୀ ମୋର ସ୍ତ୍ରୀ' କହିବା ଓ ନିଜକୁ ପିତୃତ୍ୱ ପ୍ରଦାନ କରିବା ଗୋଟିଏ ଦେବତ୍ୱ ଭାବ ପରିପ୍ରକାଶ ଘଟୁଛି । ସ୍ୱାଧୀନତା ପ୍ରାପ୍ତି ପରେ ଦେଶର ରାଜନୀତି ଦୁଇ ଧାରରେ ପରିବର୍ତ୍ତନ ହେଲା । ଗୋଟିଏ ଶୁଦ୍ଧୋଦନର କଂଗ୍ରେସ ଦଳ ଓ ଅନ୍ୟଟି ନିଧିଦାସ ଚରିତ୍ର ଭଳି ଚରିତ୍ରମାନଙ୍କର କଂଗ୍ରେସ ଦଳ । ଏହି ଦଳ ବିଭାଜନ କେବଳ ଓଡ଼ିଶାରେ ନୁହେଁ ସାରା ଭାରତବର୍ଷରେ ବିଭାଜିତ ହୋଇଯାଇଥିଲା । ରାଜନୀତିରେ ଶୁଦ୍ଧୋଦନ ଭଳି ରାଜନେତା ମନ୍ତ୍ରୀମଣ୍ଡଳ ଗଠନ କରି ବିଭିନ୍ନ ପଦ ପଦବୀରେ ରହିଲେ । ନିଧିଦାସି ଭଳି ସଚ୍ଚୋଟ ରାଜନେତାମାନେ ବିଫଳ ହେଲେ । ଫଳରେ ସ୍ୱାଧୀନତା ପୂର୍ବ ଓ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ରାଜନୀତି ଭିତରେ ବଡ଼ ପ୍ରଭେଦ ପରିଲକ୍ଷିତ ହେଲା । ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଭାରତୀୟ ରାଜନୀତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲେ । ଏତତ୍‌ବ୍ୟତୀତ ସାମ୍ବାଦିକତା ଓ ଜଣେ ଲେଖକ ଭାବରେ ଭିନ୍ନ ଦୃଷ୍ଟି ଦେଖିପାରିଛନ୍ତି । ତେଣୁ ସେ ଭାରତୀୟ ଦଳୀୟ ରାଜନୀତିର ପ୍ରତାରଣା, କପଟତା, ଲୁଣ୍ଠନ ଓ ଶୋଷଣର ପ୍ରତିଟି ଖବର ଦୃଷ୍ଟିରେ ରଖୁଥିଲେ । ନିଧିଦାସଙ୍କ ପରେ ଅବଧୂତାନନ୍ଦ କୁହନ୍ତି – "ଦେଶ ସ୍ୱାଧୀନ ହୁଏ ନାହିଁ, ମଣିଷ ହୁଏ ସ୍ୱାଧୀନ । କିନ୍ତୁ ମାଟିର ସ୍ୱାଧୀନତା ମଣିଷର ସ୍ୱାଧୀନତା ନୁହେଁ । ତାହା ଦାସତ୍ୱର ଏକ ରୂପାନ୍ତର, ଏକ ଘଟାନ୍ତର ମାତ୍ର । ମଣିଷ ଏପରି ଏକ ବିଚିତ୍ର ଜୀବ ତା'ର ଲୋଡ଼ା ବନ୍ଧନର ଶୃଙ୍ଖଳ । ବନ୍ଧନର ଶୃଙ୍ଖଳ ନ ରହିଲେ ଅନାହତ ମୁକ୍ତି ମଧ୍ୟରେ ମନୁଷ୍ୟର ଅପମୃତ୍ୟୁ ଘଟିବ । ସେ ଶୃଙ୍ଖଳ ଲୁହାର ହେଉ ବା ସୁନାର ହେଉ; କିନ୍ତୁ ଶୃଙ୍ଖଳର ବଦଳ ସ୍ୱାଧୀନତା ନୁହେଁ ବା ସ୍ୱରାଜ ନୁହେଁ ।" (ଅନ୍ଧଦିଗନ୍ତ, ପୃ.୫୬)

ସୁରେନ୍ଦ୍ର ମହାନ୍ତି ତତ୍‌କାଳୀନ ସ୍ୱାଧୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ । ତାଙ୍କ ବ୍ୟତୀତ ରାଜେନ୍ଦ୍ର ନାରାୟଣ ସିଂଦେଓ, ବିରେନ୍ ମିତ୍ରଙ୍କ ସହିତ ମିଶି କାମ କରିବାର ସୁଯୋଗ ପାଇଛନ୍ତି । ନବକୃଷ୍ଣ ଚୌଧୁରୀ ଓ ହରେକୃଷ୍ଣ ମହତାବଙ୍କୁ ମୁଖ୍ୟମନ୍ତ୍ରୀରୁ ହଟାଇ ସେହି ଆସନରେ ଆସିନ ହେବାପାଇଁ ଓଡ଼ିଶାରେ ବହୁ ଦ୍ୱନ୍ଦ୍ୱ ଓ ସଂଘର୍ଷର ସୂତ୍ରପାତ ହୋଇଥିଲା । 'ଅନ୍ଧଦିଗନ୍ତ' ଉପନ୍ୟାସ ଏହି ରାଜନୀତିର ଏକ ଝଲକପରି ମନେହୁଏ । ନିଧିଦାସ, ଶୁଦ୍ଧୋଦନ, ଶ୍ୟାମ, ବରଜା, ଅବଧୂତାନନ୍ଦ, ଦର୍ପନାରାୟଣ, ଅର୍ଜ୍ଜୁନ, ବୈରିଶଲ୍ୟ ଆଦି ତତ୍‌କାଳୀନ ସମୟର ଜଣେ ଜଣେ ଜଣାଶୁଣା ଚରିତ୍ର । ଓପନ୍ୟାସିକ ଜଣେ ସାମ୍ବାଦିକ ଚରିତ୍ର ଭାବରେ ଉପନ୍ୟାସର ଆରମ୍ଭରୁ ଜଣାପଡ଼ନ୍ତି । ଉପନ୍ୟାସର ପ୍ରଥମରୁ ସୁରେନ୍ଦ୍ର ମହାନ୍ତି କହି ରଖିଛନ୍ତି ଯେ, ଏହା ସଂପୂର୍ଣ୍ଣ କାଳ୍ପନିକ ଉପନ୍ୟାସ ବୋଲି । କିନ୍ତୁ ରାଜନୀତି ଓ ବନ୍ୟାର ପ୍ରତିଛବିରୁ ଯାହା ସୂଚନା ମିଳୁଛି, ଏହା ସଂପୂର୍ଣ୍ଣ କାଳ୍ପନିକ ନୁହେଁ । ଏଥିରେ ସତ୍ୟତା ଭିତରେ କଳ୍ପନା ନ ରଖି ଔପନ୍ୟାସିକ କଳ୍ପନା ଭିତରେ ସତ୍ୟତାକୁ ରଖିଛନ୍ତି । ଓଡ଼ିଶାର ଏ ପ୍ରକାରର ରାଜନୀତି ବ୍ୟତୀତ ଭାରତରେ ପ୍ରଧାନମନ୍ତ୍ରୀ ପଦପାଇଁ ମହମ୍ମଦ ଅଲ୍ଲୀଜିନା ଓ ଜବାହାରଲାଲ ନେହେରୁଙ୍କ ଦ୍ୱନ୍ଦ୍ୱାତ୍ମକରୁ ଭାରତ ଓ ପାକିସ୍ଥାନର ବିଭାଜନ ଏବଂ ଅନେକ ରାଜନୈତିକ କାରଣରୁ ଓଡ଼ିଶାର ଅନ୍ୟ ପ୍ରାନ୍ତୀୟ ରାଜ୍ୟମାନଙ୍କରେ ବି କଂଗ୍ରେସ ଦଳର ରୂପ ପରିବର୍ତ୍ତନ ହୋଇଥିଲା । ଏହିରୂପ ପରିବର୍ତ୍ତନ ସଂକୀର୍ଣ୍ଣବୋଧ ଆଡ଼କୁ ଗତି କରିଛି । ଦଳକନ୍ଦଳ, କନ୍ଦଳ ରାଜନୀତି ଭାରତରେ ଭାରତୀୟଙ୍କୁ ମାନସିକ ଅଶାନ୍ତି ଦେଇଛି । କିଛି ରାଜନୀତି କାରଣରୁ ପୁଞ୍ଜିବାଦୀମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦେବାକୁ ପଡ଼ିଛି । ଏଥିପାଇଁ କମ୍ୟୁନିଷ୍ଟ ଓ ନକ୍ସଲପନ୍ଥୀ ମନୋଭାବ ସୃଷ୍ଟି ହୋଇଛି । ଦେଶ, ରାଜନୀତି ଓ ଜନତା ସମସ୍ତେ ଭିନ୍ନଭିନ୍ନ

ହୋଇଯାଇଛନ୍ତି । ଫଳରେ ସୃଷ୍ଟି ହୋଇଛି ସାଂପ୍ରତିକ ଦଙ୍ଗା । ଅନ୍ଧଦିଗନ୍ତ ଉପନ୍ୟାସରେ ରହିଥିବା ବିଷୟବସ୍ତୁ ଓ ଚରିତ୍ର ଭାରତର ପ୍ରତ୍ୟେକ ରାଜ୍ୟର ହୋଇପାରନ୍ତି । ଉପନ୍ୟାସରେ ଗାନ୍ଧିନୀତିକୁ ଆପଣେଇଥିବା ନେତା ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉପେକ୍ଷିତ ହୋଇଥିବା କଥା ହିଁ ଉପନ୍ୟାସକୁ ଗତିଶୀଳ କରାଇଛି ।

Thornton Nive Willderଙ୍କ 'Heavens my Destination', R.K. Narayanଙ୍କ 'Waiting for Mahatama' ଭବନ ଭଟ୍ଟାଚାର୍ଯ୍ୟଙ୍କ 'Shadow from Ladakh' Mulk Raj Anandଙ୍କ 'Untouchable' ଇତ୍ୟାଦି ବ୍ୟତୀତ ପ୍ରେମଚନ୍ଦ, ତାରଶଙ୍କର ବନ୍ଦୋପାଧ୍ୟାୟ, ମନୋଜ ବସୁ ଆଦିଙ୍କ ଉପନ୍ୟାସ ଗାନ୍ଧୀ ଚିନ୍ତାଧାରା ଓ ପରେ ତା'ର ଅବକ୍ଷୟତାକୁ ନେଇ ଲେଖାଯାଇଛି । ଏହି ଆଧାରରେ କାଳିନ୍ଦୀଚରଣ ପାଣିଗ୍ରାହୀ, ହରେକୃଷ୍ଣ ମହତାବ, ରାମପ୍ରସାଦ ସିଂ, ନିତ୍ୟାନନ୍ଦ ମହାପାତ୍ର, ଗୋଦାବରୀଶ ମିଶ୍ର ଆଦିଙ୍କ ଲେଖା ସାମିଲ ହୋଇଛି । ଅହିଂସା ନୀତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉପେକ୍ଷିତ ହୋଇଛି ଏବଂ ପୁଞ୍ଜିବାଦ ସବୁଠାରୁ ଶ୍ରେଷ୍ଠ ମାର୍ଗ ବୋଲି ବିବେଚିତ ହୋଇଛି । ଗୋପୀନାଥ ମହାନ୍ତିଙ୍କ 'ସପନ ମାଟି', କମଳାକାନ୍ତଙ୍କ 'ମଦଭାଟି', ଦଶରଥ ସାମଲଙ୍କ 'ସ୍ଥିର ତରଙ୍ଗ' ଇତ୍ୟାଦି କେତେକ ଉପନ୍ୟାସରେ ଭାରତର ବଦଳିଯାଇଥିବା ରାଜନୀତିର ବିଷୟ ବର୍ଣ୍ଣିତ ।

'ଅନ୍ଧଦିଗନ୍ତ' ଉପନ୍ୟାସର ଖଳ ଚରିତ୍ର ଓ ଶୁଦ୍ଧୋଦନର ଗୋଷ୍ଠୀଙ୍କଭଳି ଲୋକ ବର୍ତ୍ତମାନର ସମୟରେ ଅଭାବ ନାହାନ୍ତି । ଏହି ସମୟର ପ୍ରତ୍ୟେକ ଉପନ୍ୟାସରେ କିଛି ନା କିଛି ଏପରି ଚିତ୍ର ଦେଖିବାକୁ ମିଳୁଥିଲା । ଦର୍ପନାରାୟଣ ଚୋରୀ, ଲୁଣ୍ଠନ, ଋଷୀଙ୍କୁ ଶୋଷଣ, ରାଜନୀତି କ୍ଷେତ୍ରରେ ମନ୍ତ୍ରୀଙ୍କୁ ସାହାଯ୍ୟ କରି ମନ୍ତ୍ରୀଙ୍କ ନିଜ ଲୋକ ହେବା, ପରିଶେଷରେ ନିର୍ବାଚନରେ ବିପୁଳ ସଖ୍ୟାଗରିଷ୍ଠ ଭୋଟରେ ଜୟଯୁକ୍ତ ହେବା ଇତ୍ୟାଦି ଏକ ଆକସ୍ମିକ ସୃଷ୍ଟି କରିଛି । ଶୁଦ୍ଧୋଦନ ଓ ଦର୍ପନାରାୟଣ ଦୁହେଁ ନିଶ୍ଚିତ ଭାବରେ ଓଡ଼ିଶାର କିମ୍ବା ଅନ୍ୟ ରାଜ୍ୟର ଜଣେ ଜଣେ ମୁଖ୍ୟମନ୍ତ୍ରୀ ହୋଇଥିବେ ନଚେତ ଭାରତର ପ୍ରଧାନମନ୍ତ୍ରୀ ହୋଇଥାଇପାରନ୍ତି । ଏହି ସମୟରେ ଔପନ୍ୟାସିକ ସାମାଜିକ କାମ କରି ପରେ ରାଜନୀତିରେ ଯୋଗ ଦେଇଥିବା କଥା ତାଙ୍କ 'ପଥ ଓ ପୃଥିବୀ' ଆତ୍ମଜୀବନୀରେ ଉଲ୍ଲେଖ ଅଛି । ତେଣୁ 'ଅନ୍ଧଦିଗନ୍ତ' ଗୋଟିଏ କାଳ୍ପନିକ ଉପନ୍ୟାସ ବୋଲି ସୁରେନ୍ଦ୍ର ମହାନ୍ତି ସ୍ୱୀକାର କରିଥିଲେ ବି ବହୁଭାବରେ ସତ୍ୟତା ବାରିହୋଇପଡ଼େ ।

ସହାୟକ ଗ୍ରନ୍ଥସୂଚୀ :

- ଦେ, ମିଥୁନ ଚନ୍ଦ୍ର : ଓଡ଼ିଆ ରାଜନୀତିକ ଉପନ୍ୟାସ, ଟାଇମ୍‌ପାସ, ଭୁବନେଶ୍ୱର, ୨୦୧୩ ।
- ପଣ୍ଡା, ହୃଷିକେଶ : ସୁରେନ୍ଦ୍ର ମହାନ୍ତିଙ୍କ ଉପନ୍ୟାସରେ ଶିଳ୍ପବିଧି, ବହିଫହି, ଭୁବନେଶ୍ୱର, ୨୦୦୭ ।
- ମହାନ୍ତି, ସୁରେନ୍ଦ୍ର : ଅନ୍ଧଦିଗନ୍ତ, କଟକ ଷ୍ଟୁଡେଣ୍ଟ ଷ୍ଟୋର, ୨୦୦୭ ।
- ମହାନ୍ତି, ସୁରେନ୍ଦ୍ର : ପଥ ଓ ପୃଥିବୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୭ ।
- ବେହେରା, ରମାକାନ୍ତ : ସାହିତ୍ୟ ସାଧକ ମହତାବ, ଡକ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେସନ, କଟକ, ୧୯୯୨ ।
- Das, Devisi Latika : Gandhian Values reviewed in post-Independence India through Indian Novel: English and Hindi (1947-2000), University of Kota, Rajasthan, 2019
- Guha, Ramachanda: The life and death of Indian democracy, https://M.thewire.in, Oct-2020
- Holwa, C. Hugh : A handbook to liteture, The Odyssy Press, New York, 1972
- Panda, Harihara : History of Odisha, Kitab Mahal, Cuttack-2018

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ

ସାହିତ୍ୟ ବିଭାଗ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

ଅମୃତ ବିହାର, ସମ୍ବଲପୁର – ୭୬୮୦୦୪

ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ବିଶ୍ୱଜିତ ଦାସଙ୍କ ନାଟ୍ୟସ୍ୱର

ଜ୍ଞାନୀ ଦେବାଶିଷ ମିଶ୍ର

୧୯୫୦ ପରବର୍ତ୍ତୀ ସମୟରେ ଯେତେବେଳେ ଓଡ଼ିଆ ନାଟକ ପରମ୍ପରା ଓ ପ୍ରଥାବଦ୍ଧତାରୁ କ୍ରମଶଃ ମୁକ୍ତି ଖୋଜିଛି, ସୀମିତତାକୁ ଅତିକ୍ରମ କରି ପାଶ୍ଚାତ୍ୟ ନାଟ୍ୟ ପରମ୍ପରା ସହିତ ନିଜର ସମ୍ପର୍କକୁ ଦୃଢ଼ କରିବାର ଉଦ୍ୟମ କରିଛି ଏବଂ କାହାଣୀ ଅପେକ୍ଷା ବକ୍ତବ୍ୟ ଓ ଚରିତ୍ରର ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛି,ସେହି ସମୟରେ ନାଟ୍ୟକାର ବିଶ୍ୱଜିତ୍ ଦାସଙ୍କର ଓଡ଼ିଆ ନାଟ୍ୟକ୍ଷେତ୍ରରେ ପଦପାତ । ବିଶ୍ୱଜିତ ତେଣୁ କାହାଣୀଟିଏ ଅପେକ୍ଷା ବ୍ୟକ୍ତିମଣିଷର ସଂକଟମୟ ସ୍ଥିତି, ସଂଘର୍ଷ, ଦ୍ୱନ୍ଦ୍ୱ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ପ୍ରଥାବଦ୍ଧ କାହାଣୀଟିଏ କହିବା ଅପେକ୍ଷା କାହାଣୀକୁ ମଣିଷର ଅସହାୟତା ସହିତ ଯୋଡ଼ିବାର ଉଦ୍ୟମ କରିଛନ୍ତି । କାହାଣୀ କଥନ ପରମ୍ପରାରେ ଅଟକି ନଯାଇ କାହାଣୀକୁ ଅତିକ୍ରମି ବ୍ୟକ୍ତିର ସଂଘର୍ଷଶୀଳ ଜୀବନ ପାଖରେ ପହଞ୍ଚିବାର ଉଦ୍ୟମ କରିଛନ୍ତି । ସେଥିପାଇଁ ବଦଳିଛି ହୁଏତ ନାଟକର ଉପସ୍ଥାପନ କୌଶଳ, ଅଙ୍କ-ଦୃଶ୍ୟ ବିଭାଜନ । ଅନାବଶ୍ୟକ ହୋଇଛି ହୁଏତ ସଂଗୀତର ପ୍ରୟୋଗ । ଗୁରୁତ୍ୱପୂର୍ଣ୍ଣ ମନେହୋଇଛି ଆଲୋକ ସମ୍ପାତର ଗୁରୁତ୍ୱପୂର୍ଣ୍ଣ ଅବତାରଣା ।

ସାଂପ୍ରତିକ ଜୀବନର ବ୍ୟକ୍ତି ଅସହାୟତାକୁ ଚିତ୍ରରୂପ ଦେବାରେ ବିଶ୍ୱଜିତ୍ ଦାସ(୧୮ଅଗଷ୍ଟ ୧୯୩୬ - ୩୦ ଡିସେମ୍ବର ୨୦୦୪)ଙ୍କ ନାଟକଗୁଡ଼ିକର ଯଥେଷ୍ଟ ଭୂମିକା ରହିଛି । ତାଙ୍କ ନାଟକଗୁଡ଼ିକରେ ସମ୍ପୂର୍ଣ୍ଣ କାହାଣୀ ଅପେକ୍ଷା ଖଣ୍ଡିତ ବ୍ୟକ୍ତିସତ୍ତାର ଅବଲମ୍ବନରେ ପୂର୍ଣ୍ଣାଙ୍ଗ କାହାଣୀଧର୍ମୀ ଚିତ୍ର-ପ୍ରତୀତି ସୃଷ୍ଟି କରିବାର ଉଦ୍ୟମ ଅଧିକ । ନାଟକର କାହାଣୀ ଅପେକ୍ଷା ବକ୍ତବ୍ୟ ଏବଂ ବକ୍ତବ୍ୟ ଅପେକ୍ଷା ସହଜ, ସରଳ ତଥା ସଂଳ ମଞ୍ଚାୟନ ବିଶ୍ୱଜିତ୍‌ଙ୍କ ନାଟକର ଅନ୍ୟ ଏକ ବୈଶିଷ୍ଟ୍ୟ । ପରିମାଣ ଦୃଷ୍ଟିରୁ କମ୍ ହେଲେ ମଧ୍ୟ ଗୁଣାତ୍ମକ ଉତ୍କର୍ଷ ଲାଭ କରି ତାଙ୍କର ନାଟକଗୁଡ଼ିକ ସ୍ୱୀୟ ଗୁଣରେ ମହିମାନ୍ୱିତ ।

'ଗୋଟିଏ ଦୃଶ୍ୟ'(୧୯୫୫) ଏକାଙ୍କିକାରୁ ତାଙ୍କ ନାଟ୍ୟକାର ଜୀବନର ଶୁଭାରମ୍ଭ । ୧୮୫୭ର ସିପାହୀ ବିଦ୍ରୋହର ଶତବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ 'ବହ୍ନି' ନାଟକରୁ ହିଁ ବିଶ୍ୱଜିତ୍ ପୂର୍ଣ୍ଣାଙ୍ଗ ନାଟ୍ୟରଚନା ଆରମ୍ଭ କରନ୍ତି । ତା' ପୂର୍ବରୁ ରେଭେନ୍ସା ମହାବିଦ୍ୟାଳୟର ଛାତ୍ର ଥିବାବେଳେ ସେ ଏକାଙ୍କିକା ରଚନା ପ୍ରତି ଧ୍ୟାନ ଦେଇଥିଲେ । 'ବହ୍ନି' ପରେ ନିଶିପଦ୍ମ(୧୯୫୭), ପ୍ରତାପଗଡ଼ରେ ଦି' ଦିନ(୧୯୬୭), 'ନାଲିପାନ ରାଣୀ କଳାପାନ ଟୀକା'(୧୯୬୮), 'ନିଜ ପ୍ରତିନିଧିଙ୍କ ଠାରୁ'(୧୯୬୮), 'ଶୁଣ ସୁଜନେ'(୧୯୬୯), 'ମୃଗୟା'(୧୯୭୦), 'ସମ୍ରାଟ'(୧୯୭୨), 'ବୃତ୍ତେ'(୧୯୮୧), 'ପାପୀ'(୧୯୮୨) ଭଳି ନାଟକ ରଚନା କରିଛନ୍ତି ବିଶ୍ୱଜିତ୍ । ଫକୀରମୋହନଙ୍କ 'ରେବତୀ' ଓ ଲକ୍ଷ୍ମୀକାନ୍ତଙ୍କ 'ବୁଢ଼ା ଶଙ୍ଖାରୀ' ଗଳ୍ପର ନାଟ୍ୟରୂପ ପ୍ରସ୍ତୁତ କରିଛନ୍ତି, ଯାହା ଅଜିତ୍ ଦାସଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଛି ।

୧୯୫୭ରେ ପ୍ରକାଶିତ 'ବହ୍ନି' ନାଟକଠାରୁ ୧୯୮୨ ପର୍ଯ୍ୟନ୍ତ ଯେଉଁ ସ୍ୱର ତାଙ୍କ ନାଟକରେ ଦେଖିବାକୁ ମିଳିଥିଲା ୧୯୯୦ ଠାରୁ ୨୦୦୪ ମସିହା ମଧ୍ୟରେ ସେ ସ୍ୱରରେ ଅନେକ ପରିବର୍ତ୍ତନ ଘଟିଛି । ନୂତନ ଧାରାର ନାଟ୍ୟ ରଚନାରେ ସେ ବ୍ରତୀ ହୋଇଛନ୍ତି । ୧୯୯୦ରୁ ୨୦୦୪ ମସିହା ଯାଏଁ ବିଶ୍ୱଜିତ୍ ଦାସଙ୍କ ନାଟକର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଅନନ୍ତ ମହାପାତ୍ର ସରକାରୀ ସହାୟତାରେ ପେଶାଦାର ରଙ୍ଗମଞ୍ଚ ଭଳି ତିଆରିଥିବା ଉତ୍କଳ ରଙ୍ଗମଞ୍ଚ ତରଫରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବିଶ୍ୱଜିତ ଦାସଙ୍କ ଅନେକ ନାଟକ ଅଭିନୀତ ହୋଇଛି । 'ନୂଆଜହ୍ନ'(୧୯୯୦), 'ମହାମାୟା ଅପେରା'(୧୯୯୯), 'ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ'(୨୦୦୦), 'ସେଇ ତିନିଜଣ'(୨୦୦୪) - ଏଇ ଚାରୋଟି ନାଟକକୁ ଆମେ ଦ୍ୱିତୀୟ ପର୍ଯ୍ୟାୟର ନାଟକ ଭାବେ ଗ୍ରହଣ କରିପାରିବା ।

ଆରମ୍ଭରୁ ନୂଆ ସ୍ୱର-ନୂଆବାଗର ନାଟକ ପରିବେଷଣ ଉପରେ ଗୁରୁତ୍ୱ ଦେଇ ଆସୁଥିବା ବିଶ୍ୱଜିତ୍ ଓଡ଼ିଆ ଗ୍ରୁପ୍ ଥିଏଟର୍ ଜଗତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟାଇଥିବା ସୃଜନୀ ନାଟ୍ୟ ସଂସ୍ଥା ସହିତ ଜଡ଼ିତ ଥିଲେ । 'ପ୍ରତାପଗଡ଼ରେ ଦି' ଦିନ' ନାଟକଟି ସୃଜନୀ ନାଟ୍ୟସଂସ୍ଥାର ଦ୍ୱିତୀୟ ନାଟକ ଭାବେ ୧୯୬୭ରେ ଅଭିନୀତ ହୋଇଥିଲା । ପରେ ବିଶ୍ୱଜିତ୍ 'ରୂପକାର' ନାଟ୍ୟସଂସ୍ଥା ଦ୍ୱାରା 'ନାଲିପାନ ରାଣୀ କଳାପାନ ଟୀକା', 'ନିଜ ପ୍ରତିନିଧିଙ୍କଠାରୁ' ନାଟକ ପରିବେଷଣ ସହିତ ସମ୍ପୃକ୍ତ ହୁଅନ୍ତି । ୧୯୭୦ ବେଳକୁ ରୂପକାର ବିଭାଜିତ ହୋଇ 'ସଙ୍କେତ' ଓ 'ଉତ୍ତରପୁରୁଷ' ନାମରେ ଦୁଇଟି ନାଟ୍ୟ ସଂସ୍ଥା ତିଆରି ହେଲା । ବିଶ୍ୱଜିତ୍ ଦାସ 'ସଂକେତ'ର ନେତୃତ୍ୱ ନିଅନ୍ତି । 'ଶୁଣ ସୁଜନେ', 'ମୃଗୟା', 'ସମ୍ରାଟ' ଭଳି ନାଟକ ସଂକେତ ନାଟ୍ୟ ସଂସ୍ଥା ଦ୍ୱାରା ମଞ୍ଚସ୍ଥ ହେଇଥିଲା ।

ଦେଶର ସ୍ୱାଧୀନତାକୁ ପୃଷ୍ଠଭୂମିରେ ରଖି 'ବହ୍ନି' ନାଟକ ରଚିତ । ଜଣେ ସରକାରୀ କର୍ମଚାରୀଙ୍କ ପରିବାରରେ ଜନ୍ମିତ ଯୁବକର ବିପ୍ଳବାତ୍ମକ ମନୋଭାବର ଚିତ୍ର ଏଥିରେ ଦେଖିବାକୁ ମିଳେ । ସରକାରୀ କର୍ମଚାରୀର ବାଧ୍ୟବାଧକତା ଓ ପରବର୍ତ୍ତୀ ପିଢ଼ି ନିକଟରେ

ସରକାରଙ୍କ ପ୍ରତି ବିଦ୍ରୋହ ଓ ପ୍ରତିଶୋଧ ପରାୟଣ ମନୋଭାବ ମଧ୍ୟ ସ୍ପଷ୍ଟ । ଏହି ପ୍ରସଙ୍ଗରେ ସୁରେନ୍ଦ୍ର ମହାନ୍ତିଙ୍କ 'ପତାକା ଉତ୍ତୋଳନ' ଗଳ୍ପ ମନେ ପକାଯାଇପାରେ । ଦେଶପ୍ରେମଭିତ୍ତିକ ନିଆଁ ବା ବହ୍ନିକୁ ନାଟକର ନାମକରଣରେ ବ୍ୟବହାର କରାଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟ ରୁଦ୍ରଚରଣ ଓ ତାଙ୍କର ବିପ୍ଳବୀ ପୁତ୍ର ସୁରେନ୍ଦ୍ରଙ୍କୁ ନେଇ ଏହି ଦୁଇଅଙ୍କ ପାଞ୍ଚଦୃଶ୍ୟ ସମ୍ବଳିତ ନାଟକର କାହାଣୀ ଗତିଶୀଳ ।

ମଧୁସୂଦନ ଆଇନ କଲେଜରେ ଅଭିନୀତ ହୋଇଥିବା 'ନିଶିପଦ୍ମ' ନାଟକ ବିଶ୍ୱଜିତଙ୍କୁ ଅଧିକ ସଫଳତା ଦେଇଛି । ଗୋଟିଏ ସେଟ୍ ଓ ତିନି ଅଙ୍କବିଶିଷ୍ଟ ଏହି ନାଟକରେ ବ୍ୟକ୍ତିସତ୍ତାର ଅନ୍ତରାଳ ଉପରେ ଗୁରୁତ୍ୱ ଦିଆଯାଇଛି । ପଦ୍ମ ସାଧାରଣତଃ ଦିନରେ ଫୁଟେ ଏଠି କିନ୍ତୁ ପଦ୍ମ ରାତିରେ ଫୁଟିବା କଥା କୁହାଯାଉଛି । 'ନିଶିପଦ୍ମ' ନାଟକର ପ୍ରଥମ ଦୃଶ୍ୟ ଯାତ୍ରୀମାନଙ୍କ ଅପେକ୍ଷମାଣ ମୁହୂର୍ତ୍ତର କଥା କହେ । ରାସ୍ତାରେ ଯାଉଥିବା ବସଟି ହଠାତ୍ ଖରାପ ହୋଇଯାଏ । ଖରାପ ହୋଇଯାଇଥିବା ଚଳମାନ ବସ୍ ଟି ହୁଏତ ଗୋଟେ ସ୍ଥିତାବସ୍ଥାର ପ୍ରବହମାନତା । ବସ୍ ଖରାପ ହୋଇଯିବା ଯୋଗୁଁ ସେଠାରେ ଥିବା ଉଚ୍ଚପଦସ୍ଥ ବ୍ୟକ୍ତିମାନେ ଉପସ୍ଥିତ ପାନବାଲୀକୁ ହେୟ ଦୃଷ୍ଟିରେ ଦେଖୁଛନ୍ତି । ସମୟ ବିଳମ୍ବିତ ହେବାରୁ ସମସ୍ତେ କ୍ଷୁଧାତୁର । ପାନବାଲୀ ପାଖରେ ଥିବା ପିଠା, ସେ ସମସ୍ତଙ୍କୁ ବାଣ୍ଟି ଦେଇଛି । ସମସ୍ତେ ପିଠା ଖାଇ ପେଟର ଭୋକ ମେଣ୍ଟାଇପାରିଛନ୍ତି ସିନା, ମନର କ୍ଷୁଧା ମେଣ୍ଟୁଛି କେଉଁଠୁ ! ଭଦ୍ର ପୋଷାକର ମୁଖାପିନ୍ଧା ଲୋକମାନେ ପାନବାଲୀ ଅପ୍‌ସରାର ଚରିତ୍ର ସଂହାର କରୁଛନ୍ତି । ତା' ପ୍ରତି ଅସଦାଚରଣ କରୁଛନ୍ତି । ତା'ଭିତରର ସରଳ ନିର୍ମାୟାପଣ ଅପସରି ଯାଉଛି । ଏଇ ନାଟକରେ ଚରିତ୍ରର ଛଦ୍ମ ଆବରଣ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଛି । ରାତିରେ ଫୁଟିଥିବା ପଦ୍ମଟି(ଅପ୍‌ସରା ଚରିତ୍ର) ଝାଉଁଳିବାକୁ ବାଧ ହେଉଛି । ବ୍ୟକ୍ତି ତଳେ ଲୁଚି ରହିଥିବା ଯୌନତା, ହିଂସ୍ରତା, କାମନା ସାମ୍ନାକୁ ଆସିଛି ।

ସୃଜନୀ ନାଟ୍ୟସଂସ୍ଥା ଦ୍ୱାରା ଅଭିନୀତ ହୋଇଥିବା 'ପ୍ରତାପ ଗଡ଼ରେ ଦି ଦିନ'ରେ ପ୍ରତାପଗଡ଼ ଏକ ପ୍ରତୀକ ରୂପେ ଗୃହୀତ । ଗଡ଼ କହିଲେ ଯେଉଁ ଧୈର୍ଯ୍ୟ, ସ୍ଥିରତା, ଦାୟିକତା ଓ ଗାମ୍ଭୀର୍ଯ୍ୟ ରହିବା କଥା ତାହା ଏଠାରେ ମୂଲ୍ୟହୀନ । ଏଠାରେ ଦୁର୍ନୀତି, ଲାଞ୍ଚ, ମିଛ, ଅବିଶ୍ୱାସ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଛି । ହାସ୍ୟରସାଶ୍ରୟୀ ଏହି ଚାରିଅଙ୍କ ଓ ଦୃଶ୍ୟବିହୀନ ନାଟକରେ ବ୍ୟଙ୍ଗର ପ୍ରୟୋଗ ମଧ୍ୟ ପ୍ରଚୁର । ଏଠାରେ ପଲିଟିକାଲ୍ ଏଜେଣ୍ଟଙ୍କ ଆଗମନ ହିଁ ନାଟ୍ୟ ଉତ୍କଣ୍ଠା ତିଆରି କରୁଛି ଏବଂ ତାଙ୍କ ଆସିବାକୁ ନେଇ ଯେଉଁ ପ୍ରସ୍ତୁତି ଓ ପ୍ରୟାସ ତାକୁ ହିଁ ନେଇ ନାଟକ ଆଗକୁ ବଢ଼ିଛି । ମଣିଷର ମନତଳେ ସଙ୍କିତ ଅବସ୍ଥାରେ ଥିବା ପାପବୋଧଟି ତାକୁ ଯେଉଁ ମାନସିକ ଦ୍ୱନ୍ଦ୍ୱାତ୍ମକ ଦୋଦୁଲ୍ୟମାନ ସ୍ଥିତିରେ ପହଞ୍ଚାଉଛି ନାଟକଟି ସେଇକଥା ହିଁ କୁହେ ।

'ନାଲିପାନ ରାଣୀ କଳାପାନ ଟୀକା'(୧୯୬୮) ଏକ ମନସ୍ତତ୍ତ୍ୱ କୈନ୍ଦ୍ରିକ ନାଟକ । ଅବଚେତନର ସୁପ୍ତ କାମନା-ବାସନା ଦ୍ୱାରା କବଳିତ ମଣିଷର ପାଶବିକ ସ୍ୱରୂପକୁ ନାଟକଟିରେ ଲକ୍ଷ୍ୟ କରାଯାଇପାରେ । ଏହି ନାଟକରେ ଅଧ୍ୟାପକ ପ୍ରଫୁଲ୍ଲଙ୍କ ଜୀବନରେ ଉଠିଥିବା ଝଡ଼ର କଥା କୁହାଯାଇଛି । ଜ୍ୟୋତିଷ ଗଣନା କରିଦେଇଯାଇଛି ଯେ ପୁଅଟି ପିତୃହନ୍ତା ହେବ । ଏଇ କଥାକୁ ନେଇ ସେ ଅସ୍ଥିର ହୋଇଉଠିଛନ୍ତି ଓ ଗର୍ଭନଷ୍ଟ କରିବା ପାଇଁ ବିଚାର କରୁଛନ୍ତି । ନାଲିପାନ ରାଣୀ ଏଠାରେ ସୌନ୍ଦର୍ଯ୍ୟ, ମୁକ୍ତି ଓ ପ୍ରେମର ପ୍ରତୀକ ହୋଇଥିବାବେଳେ କଳାପାନ ଟୀକା ଚେତନା ଅନ୍ତରାଳର ରହସ୍ୟମୟତାର ପ୍ରତୀକ ହୋଇଛି । ତାସ ଖେଳରେ ଟୀକାର ପ୍ରାଧାନ୍ୟ ରହିଥିବା ପରି ସମାଜ ବ୍ୟବସ୍ଥାରେ ପୁରୁଷର ପ୍ରାଧାନ୍ୟ ଭିତରେ ଓ ଅନ୍ଧବିଶ୍ୱାସ, କୁସଂସ୍କାର ଦ୍ୱାରା ସମାଜ କିଭଳି ନିୟନ୍ତ୍ରିତ ହେଉଛି ତାହା ଲକ୍ଷ୍ୟ କରାଯାଏ । ନାଟକରେ ନାଲିପାନ ରାଣୀ ହେଉଛି ଶୈଳ ଓ ପ୍ରଫୁଲ୍ଲ କଳାପାନ ଟୀକା । ସ୍ୱଚ୍ଛ, ସରଳ, ଶୋଭନୀୟ ବ୍ୟକ୍ତିସତ୍ତାର ଅଧିକାରିଣୀ ଶୈଳ । ନାରୀ ଜୀବନର ଜଟିଳ ପରିସ୍ଥିତି, ବାଧ୍ୟବାଧକତା, ଅସହାୟତା ନାଟକର କଥାନକକୁ ନିୟନ୍ତ୍ରଣ କରେ ।

୧୯୭୦ ଜୁନ୍ ମାସ ୨ ତାରିଖରେ 'ସଙ୍କେତ' ସୌଖୀନ୍ ଗୋଷ୍ଠୀ ଦ୍ୱାରା ମୃଗୟା ଅଭିନୀତ ହୁଏ । ଅଙ୍କବିହୀନ ଅଠର ଦୃଶ୍ୟ ସମ୍ମିଳିତ ଏହି ନାଟକର ମଞ୍ଚାୟନ ପଦ୍ଧତି କିନ୍ତୁ ବେଶ୍ ହୃଦୟଛୁଆଁ । 'ମୃଗୟା'ର ବିଷୟବସ୍ତୁ ଏକ କାହାଣୀବିହୀନ କାହାଣୀକୁ ନେଇ ଗତିଶୀଳ । ଯେଉଁ କାହାଣୀର ଉଦ୍ଦେଶ୍ୟ କଥା-କାହାଣୀ ବା ଗପ ଶୁଣେଇବା ନୁହେଁ ବରଂ ନାଟକର ବକ୍ତବ୍ୟକୁ ଯଥା ସମ୍ଭବ ଶତ ପ୍ରତିଶତ ଦର୍ଶକଙ୍କ ପାଖରେ ପହଞ୍ଚେଇବା । ନାଟକର ପ୍ରଥମ ଭାଗ ଚରିତ୍ରମାନଙ୍କ ଖୋଜିଲାପଣରୁ ଆରମ୍ଭ ଏବଂ ଅନ୍ତିମ ପର୍ଯ୍ୟାୟ ମଧ୍ୟ ସେଇ ଖୋଜିଲାପଣ ସହ ଏକାନ୍ତ ଜଡ଼ିତ ।

ସ୍ଥିତିବାଦୀ ଦର୍ଶନ ତଥା ଚମତ୍କାର କାବ୍ୟମୟ ସଂଳାପ ଏବଂ ମଞ୍ଚଗତ ଉତ୍କର୍ଷପଣରେ ଉତ୍ତୀର୍ଣ୍ଣ 'ମୃଗୟା' ବିଶ୍ୱଜିତ୍ ଦାସଙ୍କର ଏକ କାଳଜୟୀ ସୃଷ୍ଟି । ଏହି ନାଟକରେ ଟଭସସ୍ପଛ କ୍ଟଲ ସ୍ପସଙ୍କର(କାଳଗତ ସାମ୍ୟ) ଏବଂ ଟଭସସ୍ପଛ କ୍ଟଲ କ୍ଟ୍ରକ୍ଷବମର(ସ୍ଥାନଗତ ସାମ୍ୟ) ଗୌଣ । ନାଟକର ଆରମ୍ଭ ଗୋଟେ ଅନ୍ଧକାରମୟ ଝାପ୍ସାଝାପ୍ସା ଦିଶୁଥିବା ମଞ୍ଚରୁ । ତିନୋଟି ଛାୟା ମୂର୍ତ୍ତି ସେଇ ମାଛି ଅନ୍ଧାର ଭିତରେ କିଛି ଖୋଜି ଚାଲିଛନ୍ତି । ତାଙ୍କର ଅଙ୍ଗଭଙ୍ଗୀରୁ ହିଁ ସୂଚିତ ହେଉଚି ସେମାନଙ୍କର ଅସହାୟବୋଧ ।

ଏହି ନାଟକର ମୁଖ୍ୟ ଚରିତ୍ର ବିବେକାନନ୍ଦ ଜଣେ ଅବସରପ୍ରାପ୍ତ ଶିକ୍ଷକ । ତାଙ୍କ ପୁଅ ସାରଥୀ ବାରମ୍ବାର ପରୀକ୍ଷାରେ ଅକୃତକାର୍ଯ୍ୟ । କେବେଳ ଶ୍ରେଣୀ ପରୀକ୍ଷା ନୁହେଁ ଜୀବନ ପରୀକ୍ଷାରେ ମଧ୍ୟ ସେ ଅକୃତକାର୍ଯ୍ୟ । ସେ ଆଶା କରିଛି ଯେ ତା' ବାପା ତା' ପାଇଁ କିଛି ବାଟ ବାହାର କରିବେ । ତା' ବାପାଙ୍କର ଏକଦା ଛାତ୍ର ଥିବା ଅନେକ ଉଚ୍ଚପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ନେଇ ତା'ବାପା ତା'ପାଇଁ ଚାକିରିଟିଏ ଯୋଗାଡ଼ କରିଦେବେ ବୋଲି ତା'ର ଇଚ୍ଛା । ଅନ୍ୟପକ୍ଷରେ ବିବେକାନନ୍ଦ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇଛନ୍ତି । ଏଣୁ ସାରଥୀ ଓ ବିବେକାନନ୍ଦ ବାବୁଙ୍କ ମଧ୍ୟରେ ଏକ ବିଚାରଗତ

ପାର୍ଥକ୍ୟ ଓ ପିଢ଼ିଗତ ବ୍ୟବଧାନ ଦେଖାଯାଉଛି । ବିବେକାନନ୍ଦ ବାବୁଙ୍କ ଝିଅ ମୁକ୍ତା, ଯିଏ ବିବାହପୂର୍ବରୁ ସ୍ୱପ୍ନ ଦେଖୁଥିଲା ଆକାଶ ଓ ସମୁଦ୍ରର, ସିଏ କଳ୍ପତରୁଙ୍କୁ ବିବାହ କରିବାପରେ ହିସାବ ନିକାଶ ଭିତରେ ସନ୍ତୁଳି ହେଉଛି । ଭାଲୁନାଚ ଦେଖିବାକୁ ହେଲେ, ଆଇସକ୍ରିମ ଖାଇବାକୁ ହେଲେ, ସରସ୍ୱତୀ ପୂଜା ଚାନ୍ଦା ଦେବାକୁ ପଡ଼ିଲେ ତାକୁ କଳ୍ପତରୁଙ୍କୁ ହିସାବ ଦେବାକୁ ହେଉଛି । ବିବାହ ପୂର୍ବର ସ୍ୱପ୍ନପ୍ରବଣତା ଜୀବନର ଜଞ୍ଜାଳମୟତା ସାମ୍ନାରେ ନଷ୍ଟ ହୋଇଯାଇଛି । ବିବାହ ପୂର୍ବର ସମୁଦ୍ରକୂଳରେ ଘରତୋଳିବାର ସ୍ୱପ୍ନ ଉଜୁଡ଼ିଯାଇଛି । ଏହି କ୍ରମରେ ଶୁଭେନ୍ଦୁ ଓ ମୁକ୍ତା ପ୍ରସଙ୍ଗକୁ ନେଇ ଦେଖିଲେ ବିବେକାନନ୍ଦ ବାବୁ ଓ ଦର୍ଶକମାନଙ୍କ ମଧ୍ୟରେ ମଧ୍ୟ ଏ ଦୁଇଜଣଙ୍କ ସମ୍ପର୍କ ହୁଏତ ବିବାହରେ ପରିଣତ ହେବ ବୋଲି ଆଶାଟିଏ ରହିଥିଲା । କିନ୍ତୁ ତାହା ମଧ୍ୟ ସମ୍ଭବ ହୋଇପାରିନାହିଁ ।

ଏହି ନାଟକରେ ଗୋଟିଏ ପ୍ରସିଦ୍ଧ ସଂଳାପ ରହିଛି- "ତିନି କେ ତିନି, ତିନି ଦୁଣେ ଛ, ତିନି ତିରି ନଅ....ତିନି ସତା, ହେଲା ନାହିଁ, ହେଲା ନାହିଁ ।" ନାଟକଟି ସରିଯାଉଛି କିନ୍ତୁ ତିନି ସତା ଏକୋଇଶ ସେମାନଙ୍କ ପାଟିରେ ପଶୁନାହିଁ । ଏଠାରେ ଏକୋଇଶ ହୁଏତ ଏକବିଂଶ ଶତାବ୍ଦୀର ପ୍ରତିନିଧିତ୍ୱ କରୁଛି । ହୋଇପାରେ ଏହା ପରବର୍ତ୍ତୀ ସମୟ ବା ଏକ କଳ୍ପନାଭିତ୍ତିକ ସ୍ଥାନ-ଯେଉଁଠି ମଣିଷର ପହଁଚିବାକୁ ସ୍ୱପ୍ନଦେଖେ । ମାତ୍ର ସବୁ ସ୍ୱପ୍ନ ଗଣିତର ଅଙ୍କକଷା ଭିତରେ ସୀମିତ ହୋଇ ରହିଯାଏ । ଜୀବନର ସ୍ୱପ୍ନ ଭାଙ୍ଗିଯାଏ । ଅବଶ୍ୟ ସାରଥୀ ଏଠାରେ ପ୍ରଥାବଦ୍ଧତାକୁ ଅସ୍ୱୀକାର କରିଛି ।

'ନିଜ ପ୍ରତିନିଧିଙ୍କଠାରୁ' ନାଟକରେ ଏକ ବହୁକୁଟୁମ୍ବୀ ପରିବାରର ଅଭାବବୋଧ ହିଁ ସ୍ଥାନ ପାଇଛି । 'ରୂପକାର' ନାଟ୍ୟ ସଂସ୍ଥା ଦ୍ୱାରା ଅଭିନୀତ ହୋଇଥିବା 'ନିଜ ପ୍ରତିନିଧିଙ୍କ ଠାରୁ' ନାଟକ ତିନିଅଙ୍କବିଶିଷ୍ଟ । ସେଥିରେ କୌଣସି ଦୃଶ୍ୟଗତ ବିଭାଜନ ନାହିଁ କି ସଂଗୀତର ପ୍ରୟୋଗ ନାହିଁ । ସାମ୍ବାଦିକ ଅଜୟର ସଂଘର୍ଷଶୀଳ ଜୀବନର କାହାଣୀ କହେ ନାଟକଟି । ସାମ୍ବାଦିକ ଜୀବନରେ ଯେଉଁ ଦ୍ୱନ୍ଦ୍ୱ ଓ ସଂଶୟମାନେ ଆସନ୍ତି, ଯାହା କର୍ତ୍ତବ୍ୟ ପ୍ରତିପାଳନରେ ବାଧା ସୃଷ୍ଟି କରନ୍ତି-ସେହିସବୁ ପ୍ରସଙ୍ଗକୁ ନେଇ ନାଟକର କାହାଣୀ ଗତିଶୀଳ । ଗୋଟିଏ ପଟେ ବ୍ୟକ୍ତି ସହିତ ସମାଜର ସଂଘର୍ଷ ଯେଉଁଠି ବହିଃର୍ଦ୍ୱନ୍ଦ୍ୱଟି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ଅନ୍ୟପଟେ ଅଜୟର ପାରିବାରିକ ଜୀବନ, ତାଙ୍କର ପତ୍ନୀଙ୍କ ସହିତ ମନୋମାଳିନ୍ୟ, ଯେଉଁଠି ଅନ୍ତର୍ଦ୍ୱନ୍ଦ୍ୱଟି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ସମାଜ ଓ ପରିବାରର ସଂଘର୍ଷ ଭିତରଦେଇ 'ନିଜ ପ୍ରତିନିଧିଙ୍କ ଠାରୁ' ନାଟକ ଗତିଶୀଳ । ନାଟକର ପରିଣତିରେ ଅଜୟର ଅନୁତାପ ଓ ଅନୁଶୋଚନା ଭିତରଦେଇ ଦର୍ଶକ ହୁଏତ ଉପଲବ୍ଧି କରେ ବ୍ୟକ୍ତିସତ୍ତାର ପରାଜୟ । ମୂଲ୍ୟବୋଧ, ସାମାଜିକ ପ୍ରତ୍ୟୟ, ସାମାଜିକ ପ୍ରତିବଦ୍ଧତା କିପରି ମଣିଷର ଅନ୍ତଃସତ୍ତାକୁ ପ୍ରଭାବିତ କରେ, ନାଟକଟି ସେ କ୍ଷେତ୍ରରେ ଏକ ଗୁରତ୍ୱପୂର୍ଣ୍ଣ ଇସ୍ତାହାର । ପ୍ରଥାବଦ୍ଧତାକୁ ଭାଙ୍ଗିବାକୁ ବାହାରିଥିବା ସାମ୍ବାଦିକ ଅଜୟର ବିବଶତା ମୁକ୍ତିପ୍ରୟାସୀ ମଣିଷର ବିଫଳତା ଭାବରେ ଗ୍ରହଣ କରାଯାଇପାରେ ।

ନୂଆ ନାଟକର ଠିକଣା ଖୋଜିବାକୁ ଯାଇ କାହାଣୀ ଅପେକ୍ଷା ମଞ୍ଚାୟନ ଓ ପରିବେଷଣଧର୍ମିତା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି ବିଶ୍ୱଜିତ୍ । ପାଶ୍ଚାତ୍ୟ ନାଟ୍ୟ ଜଗତର ପ୍ରଭାବଶାଳୀ କାହାଣୀଗୁଡ଼ିକୁ ଓଡ଼ିଆ ରୂପାନ୍ତରୀକରଣର ପ୍ରୟାସ କରିଛନ୍ତି । ପ୍ରତାପଗଡ଼ରେ ଦି ଦିନ(ଏରକ୍ଟଶକ୍ଷରଙ୍କ ଝଷର ଓଭସ୍ମକ୍ଟ୍ରରମସ୍ମକ୍ଟକ୍ସ ଏରଭରକ୍ସବକ୍ଷ), ନାଳିପାନ ରାଣୀ କଳାପାନ ଟୀକା(ଙ'ଭରସକ୍ଷକ୍ଷଙ୍କ ଗକ୍ଟଙ୍କକ୍ସଭସଭଶ ଭରମକ୍ଟଙ୍କର'ସ୍ମ ରକ୍ଷରମସ୍ମକ୍ସବ), ସମ୍ରାଟ(ମବଙ୍କଙ୍କଙ୍କ ଉବକ୍ଷସଶଙ୍କକ୍ଷବ), ପାପୀ (ଈରକ୍ସଭବକ୍ସୟ ସ୍ମଷବଙ୍ଗଙ୍କ ଉରଙ୍ଗସକ୍ଷ'ସ୍ମ ଉସସ୍ମମସକ୍ଟ୍ରକ୍ଷର), ବୃତ୍ତେ (ଈରକ୍ସଭବକ୍ସୟ ସ୍ମଷବଙ୍ଗଙ୍କ ଙଭ ଝଷର ଜକ୍ଟମଳସ୍ମ)କୁ ଆମେ ଉଦାହରଣ ଭାବେ ଗ୍ରହଣ କରିପାରିବା । ମାତ୍ର ଏଗୁଡ଼ିକ ଆଦୌ ସିଧାସଳଖ ଅନୁବାଦ ନୁହେଁ । ବରଂ ନାଟ୍ୟକାର ଚରିତ୍ର ଓ ପୃଷ୍ଠଭୂମିର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ନାଟକଗୁଡ଼ିକୁ ଓଡ଼ିଆ ଅନ୍ତରଙ୍ଗତା ସହ ସମନ୍ୱିତ କରିବାର ପ୍ରୟାସ କରି ସଫଳତା ପାଇଛନ୍ତି ।

'ବୃତ୍ତେ' ନାଟକ ମଧ୍ୟ ଆମେ ଏଇ ଅନୁସର୍ଜନା କ୍ରମରେ ଗ୍ରହଣ କରିପାରିବା । ବିଶ୍ୱଜିତଙ୍କ 'ସମ୍ରାଟ', 'ବୃତ୍ତେ', 'ପାପୀ' ନାଟକ ତିନୋଟିରେ ପାଶ୍ଚାତ୍ୟ ନାଟ୍ୟ ଜଗତର ପ୍ରେରଣା ଗୁରୁତ୍ୱପୂର୍ଣ୍ଣ । ଯଦିଓ ନାଟକ ତିନୋଟି ପାଶ୍ଚାତ୍ୟ ନାଟକର ସିଧାସଳଖ ଅନୁବାଦ ନୁହେଁ ତଥାପି ମଧ୍ୟ ସେଥିରେ ମୂଳ ନାଟକର ପ୍ରଭାବ ଲକ୍ଷ୍ୟ କରାଯାଇପାରେ । ଅବଶ୍ୟ ଏହି ଅନୁବାଦଗୁଡ଼ିକ ବିଶ୍ୱସ୍ତ ଅନୁବାଦ ନୁହେଁ ବରଂ ଛାୟା ବା ଅନୁସର୍ଜନା ଭାବରେ ଗ୍ରହଣ କରାଯାଇପାରେ । ଅଞ୍ଚଳଗତ ଭିନ୍ନତା ଓ ପ୍ରଯୋଜନାର ଆବଶ୍ୟକତା ଦୃଷ୍ଟିରୁ ବିଶ୍ୱଜିତ୍ ଏଥିରେ କିଛିକିଛି ପରିବର୍ତ୍ତନ ମଧ୍ୟ କରିଛନ୍ତି । 'ସମ୍ରାଟ'ର ନାୟକ ରୋମ୍ ସାମ୍ରାଜ୍ୟର ତରୁଣ ନାୟକ ସମ୍ରାଟ କାଲିଗୁଲା, 'ବୃତ୍ତେ'ର ନାୟକ ପ୍ରଧାନମନ୍ତ୍ରୀ ନିଜେ । କ୍ଷମତାର ଶୀର୍ଷତମ ସୋପାନରେ ଠିଆହୋଇଥିବା ଦୁଇଟି ଚରିତ୍ରର ମାନସିକ ସଙ୍କଟମୟ ପରିସ୍ଥିତି ଉଭୟ ନାଟକର କଥାନକକୁ ନିୟନ୍ତ୍ରଣ କରୁଛି । ସଂଘାତ, ସଂକଟ, ସଂଶୟ ଓ ଦ୍ୱନ୍ଦ୍ୱମାନେ ବ୍ୟକ୍ତିସତ୍ତା ଉପରେ କିପରି ପ୍ରଭାବ ବିସ୍ତାର କରୁଛନ୍ତି- ନାଟକ ଦୁଇଟି ସେଇକଥା କୁହେ ।

'ପାପୀ' ନାଟକ ସୈନ୍ୟବାହିନୀର ଅମାନୁଷିକ କାର୍ଯ୍ୟ ଓ ଗୋଟିଏ ପାରିବାରିକ ପ୍ରସଙ୍ଗକୁ ନେଇ ଗତିଶୀଳ । ସୁଦର୍ଶନ ପଟ୍ଟନାୟକଙ୍କ ବଡ଼ଭାଇ ସଙ୍କର୍ଷଣ ପଟ୍ଟନାୟକ ରାଜଦ୍ରୋହ ଦୋଷରେ ଦଣ୍ଡିତ ହେବାପରେ ତାଙ୍କୁ ଦେଖିବାକୁ ଯାଇ ସୁଦର୍ଶନ ପଟ୍ଟନାୟକଙ୍କର ହତାଶା ଓ ମୃତ୍ୟୁ ବରଣ କରିବା ନାଟକର କଥାନକକୁ ନିୟନ୍ତ୍ରଣ କରିଛି । ମୃତ୍ୟୁ ଶଯ୍ୟାରେ ନିଜର ସମ୍ପତ୍ତିକୁ ବଡ଼ପୁଅ ରାଜେନ୍ଦ୍ର ଓ ସାନପୁଅ ବ୍ରଜେନ୍ଦ୍ର ଓ ସ୍ତ୍ରୀ ସାବିତ୍ରୀଙ୍କ ନାମରେ ସେ ବାଣ୍ଟିଦେଇଛନ୍ତି ସତ କିନ୍ତୁ ଏହି ସମୟରେ ସାମ୍ନାକୁ ଆସୁଛି ସଙ୍କର୍ଷଣ ପଟ୍ଟନାୟକଙ୍କ ସନ୍ତାନର ପରିଚୟ ପାଇନଥିବା ନିରୁ । ଗୋଟିଏ ପଟେ ସୈନ୍ୟବାହିନୀର ଅତ୍ୟାଚାର ଓ ଅନ୍ୟପଟେ ପାରିବାରିକ ଜୀବନର ବିଶୃଙ୍ଖଳା । ଉଭୟ ସମନ୍ୱିତ ହୋଇ ନାଟକର କଥାବସ୍ତୁକୁ

ପରିଣତିରେ ପହଞ୍ଚାଇଛନ୍ତି ।

କିଛିବର୍ଷ ଧରି ବିଶ୍ୱଜିତ୍ ସେ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ହୋଇଛନ୍ତି । ତାଙ୍କ ନିର୍ଦ୍ଦେଶନା ଓ ସହ- ନିର୍ଦ୍ଦେଶନାରେ ଅନେକ ଚଳଚ୍ଚିତ୍ର ପ୍ରସ୍ତୁତ ହେଇଛି । 'ପ୍ରିୟତମା', 'ନିଝୁମ ରାତିର ସାଥି' ଚଳଚ୍ଚିତ୍ର ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ । 'ତୁଣ୍ଡବାଇଦ', 'କାବେରୀ', 'ନାଗଫାଶ', 'ଗୌରୀ', 'ଅହଲ୍ୟା' ଆଦି ଚଳଚ୍ଚିତ୍ରରେ ସେ ଚିତ୍ରନାଟ୍ୟ ଲେଖିଛନ୍ତି । ଏଇ ଚଳଚ୍ଚିତ୍ର ସଂପୃକ୍ତି ପରେ ସେ ପୁଣି ନାଟକ ଆଡ଼କୁ ମୁହାଁଇଛନ୍ତି ।

ଅନନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଅଭିନୀତ 'ନୂଆଜହ୍ନ' ନାଟକଟି ୧୯୯୦ ମସିହାରେ ଅଭିନୀତ ହୋଇ ୧୯୯୭ ମସିହାରେ ପୁସ୍ତକର ରୂପ ନେଇଛି । 'ନୂଆଜହ୍ନ' ନାଟକରେ ଜହ୍ନ ଏକ ସ୍ୱପ୍ନ ଓ କଳ୍ପନାର ପ୍ରେରଣା । ଗୋଟେ ସଂଘର୍ଷପୂର୍ଣ୍ଣ ଜୀବନ ବଞ୍ଚୁଥିବା ଆଦିବାସୀ ସଂପ୍ରଦାୟର କଥା ନାଟକର ମୁଖ୍ୟ ବିଷୟବସ୍ତୁ । କେମିତି ଜହ୍ନ ଦେଖି ଜଣେ ଖୁସି ହେଉଛି, ପ୍ରେରଣା ପାଉଛି, ପୁଲକିତ ହେଉଛି । କିନ୍ତୁ ଯେଉଁ ସାମାଜିକ ଦୃଷ୍ଟିକୋଣ 'ନିଶିପଦ୍ମ'ରେ ରାତିରେ ପଦ୍ମକୁ ଫୁଟାଇବାକୁ ଦେଇନଥିଲା, ସେଇ କଳୁଷିତ ସମାଜବ୍ୟବସ୍ଥା ଯେମିତି ନୂଆଜହ୍ନକୁ ଉଇଁବାକୁ ଦେଇନାହିଁ । ଏହି ନାଟକରେ ମଧ ଆଦିବାସୀ ଜୀବନକଥାକୁ କୁହୁକ ବାସ୍ତବତାର ପ୍ରୟୋଗ ଜରିଆରେ ସାଂପ୍ରତିକ ଜୀବନଧାରା ସହ ଯୋଡ଼ିବାର ପ୍ରୟାସ କରାଯାଇଛି । ନାଗୁଣୀ କଥା କହିବା, ନାଗରାଜ ପାହାଡ଼ ପ୍ରସଙ୍ଗ ଆଦି ନୂଆଜହ୍ନ ନାଟକରେ ଆକର୍ଷଣୀୟ ଭାବେ ଚିତ୍ରିତ ।

ଏହି ନାଟକରେ ସରଳ ନିର୍ଭୀକ ଆଦିବାସୀ ଯୁବକ ସୋନାରାମ୍ ସମାଜର ବିଧି ବ୍ୟବସ୍ଥାକୁ ସାମ୍ନା କରିପାରିନାହିଁ । ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ତା' ପାଇଁ ବିଡ଼ମ୍ବନାକୁ ଡାକିଆଣିଛି । ସୋନାରାମକୁ ଶୁକ୍ରୁଠାରୁ ମିଳୁଥିବା ପ୍ରୋତ୍ସାହନ ମଧ ଦ୍ୱନ୍ଦ୍ୱରେ ରୂପାନ୍ତରିତ ହୋଇ ପାରିନାହିଁ ।

ମହାମାୟା ଅପେରା ନାଟକ କଥା ବିଚାର କଲେ ଏହାର ନାମକରଣରେ ବ୍ୟବହୃତ "ଅପେରା' ଶବ୍ଦଟି ଏକ ଲୋକ ପରମ୍ପରାଭିତ୍ତିକ ସମନ୍ୱୟର ସୂଚନା ଦିଏ ଏବଂ ଯାତ୍ରା ପରମ୍ପରାର ପୁନରୁଦ୍ଧାର ପରି ମନେହୁଏ । ଏହା ବିଶ୍ୱଜିତଙ୍କ ନିର୍ଦ୍ଦେଶନାରେ ଉତ୍କଳ ରଙ୍ଗମଞ୍ଚ ଟ୍ରଷ୍ଟ ଆନୁକୂଲ୍ୟରେ ନିୟମିତ ନାଟକଭାବେ ମଞ୍ଚାୟନ ହୋଇଥିଲା ।

ଶେଷ ନାଟକ 'ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ' ଏକ ମନୋରଞ୍ଜନଧର୍ମୀ ନାଟକ । ଏହା ଉତ୍କଳ ରଙ୍ଗମଞ୍ଚ ଟ୍ରଷ୍ଟ ତରଫରୁ ଅଭିନୀତ ହୋଇଥିଲା । ଏଥିରେ କମଳାଦେବୀଙ୍କ ପରିବାରର କଥା କୁହାଯାଉଛି । ତାଙ୍କର ଏକମାତ୍ର କନ୍ୟା 'ପ୍ରିୟା' କବି ପରାଶର ଶର୍ମାଙ୍କୁ ପ୍ରେମ କରୁଥିଲେ ମଧ ଜଣେ ସିମେଣ୍ଟ ବ୍ୟବସାୟୀର ପୁଅ 'ପ୍ରିୟ' ସହ ତାକୁ ବିବାହ କରେଇଦେବାକୁ ଚେଷ୍ଟା କରାଯାଇଛି । ମାତ୍ର ପ୍ରିୟ ହିଁ 'ପରାଶର ଶର୍ମା' -ଏକଥା ଜାଣିନଥିବାରୁ ବିବାହ ଭାଙ୍ଗିଯାଏ । ପରାଶର ଶର୍ମା ଓରଫ୍ ପ୍ରିୟ ଓ ପ୍ରିୟାଙ୍କ ବିବାହ ଅନ୍ୟତ୍ର ଧାର୍ଯ୍ୟ । ମାତ୍ର ଉଭୟେ ଉଭୟଙ୍କ ବିବାହକୁ ଅସ୍ୱୀକାର କରି ଗୋଟିଏ ଗେଷ୍ଟ ହାଉସରେ ଆଶ୍ରୟ ନିଅନ୍ତି । ସେଇଠି ପ୍ରିୟ ଆଉ ପରାଶର ଶର୍ମାର ଗୁମର ଫିଟେ । ନାଟକଟିରେ ହାସ୍ୟରସର ପ୍ରୟୋଗ ଅତ୍ୟନ୍ତ ନିଖୁଣ ।

ଜୀବନରେ ଥିବା ସମସ୍ତ ସ୍ୱପ୍ନ, ଆଶା-ଆକାଂକ୍ଷାର କାଚଘର, କାଚ ଭାଙ୍ଗିବା ଭଳି ଖଣ୍ଡଖଣ୍ଡ ହେଇ ଭାଙ୍ଗିଯିବା ଏବଂ ଜୀବନର ପ୍ରତିଟି ପାହାଚରେ ଯନ୍ତ୍ରଣା, ହତାଶାବୋଧ, ନୈରାଶ୍ୟର ଶିକାର ହେବାର ଘଟଣାବଳୀକୁ ବେଶ୍ ପାରିଲାପଣିଆ ସହ ନାଟ୍ୟରୂପ ଦିଆଯାଇଛି ବିଶ୍ୱଜିତ୍ ନାଟ୍ୟବଳୟରେ । ସାମ୍ପ୍ରତିକ ସମୟର ବିଘଟିତ ମୂଲ୍ୟବୋଧମାନଙ୍କ ଆଗରେ ମଣିଷର ସୂକ୍ଷ୍ମ ଆବେଗପ୍ରବଣ ସ୍ୱପ୍ନମାନେ ଯେ କେତେ ଅସହାୟ, ସେ କଥା ହିଁ ସୂଚେଇ ଦିଅନ୍ତି ତାଙ୍କ ନାଟକର ପ୍ରତିଟି ଚରିତ୍ର ।

ଆଲୋକ ସମ୍ପାଦନର ବିବିଧତା ଉପରେ ବିଶ୍ୱଜିତ୍ ବିଶେଷ ଧ୍ୟାନ ଦେଇଛନ୍ତି । କେଉଁ ରଙ୍ଗର ଆଲୋକରେ ଚରିତ୍ରର ମନସ୍ତତ୍ତ୍ୱ କେତେଦୂର ସାମ୍ନାକୁ ଆସିବ ଏବଂ ଦର୍ଶକମାନଙ୍କ ଉପରେ କେଉଁ ପ୍ରଭାବ ପକାଇବ ତାହା ସେ ନାଟକରେ ଗୁରୁତ୍ୱ ଦେଇଛନ୍ତି । ଦର୍ଶକୀୟ ରୁଚିକୁ ସ୍ୱଚ୍ଛ କରିବାକୁ ଉଦ୍ୟମ କରିଛନ୍ତି । ଆଲୋକ ସମ୍ପାତ ଦୃଷ୍ଟିରୁ ମୃଗୟା ଓ ବୃତ୍ତେ ଭଳି ନାଟକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ମଞ୍ଚରେ ପରିଛନ୍ନ ତଥା ସ୍ୱତନ୍ତ୍ର ଆଲୋକର ବ୍ୟବହାର ଚରିତ୍ରମାନଙ୍କର ଭିତର ପାଖର ସ୍ୱରୂପ ଉନ୍ମୋଚନରେ ସହାୟକ ହୁଏ । ଅଭିନୟ କରୁଥିବା ଚରିତ୍ରର ଚାରିତ୍ରିକ ବିଶ୍ଳେଷଣରେ ଆଲୋକର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱଜିତ୍ ଦାସଙ୍କ ନାଟକରେ ଆଲୋକସମ୍ପାତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । 'ଅଚେତନ-ଚେତନ-ଅବଚେତନ' ମନର ଏଇ ତ୍ରିବିଧ ସ୍ତରର ମଞ୍ଚ ରୂପାୟନ ପାଇଁ ସ୍ୱତନ୍ତ୍ର ଆଲୋକର ପରିକଳ୍ପନା ନାଟକର କାହାଣୀଭାଗକୁ ଅଧିକ ଦର୍ଶକାଭିମୁଖୀ କରିପାରିଛି । ଆଦିମ ପ୍ରବୃତ୍ତି ପରିପୂର୍ଣ୍ଣ ଅବଚେତନ ମନର ପରିପ୍ରକାଶରେ ସ୍ତିମିତ ଘନନୀଳ ଆଲୋକ, ଆଶା-ଆକାଙ୍କ୍ଷା ପ୍ରାପ୍ତି ନିମିତ୍ତ ଗାଢ଼ ହରିତ୍ ବର୍ଣ୍ଣର ଆଲୋକ ଏବଂ ନିଷ୍ଠୁର ବାସ୍ତବତାର ପରିପ୍ରକାଶରେ ଶୁଭ୍ର ଆଲୋକର ବ୍ୟବହାର ତାଙ୍କ ନାଟକର କଥାନକକୁ ନିୟନ୍ତ୍ରିତ କରିଛନ୍ତି । ମଞ୍ଚରେ ଆଲୋକର ଛାଇ-ଆଲୁଅ ଖେଳ ଭିତରେ ହିଁ ଦୃଶ୍ୟର ପରିବର୍ତ୍ତନ ହେବା ଏବଂ ଗୋଟିଏ ଦୃଶ୍ୟର ପରିସମାପ୍ତି ବେଳକୁ କ୍ରମଶଃ କ୍ଷୀଣ ହୋଇ ଆସୁଥିବା ଆଲୋକ ପୁନଶ୍ଚ ପ୍ରଖର ହୋଇ ପରବର୍ତ୍ତୀ ଦୃଶ୍ୟର ଆରମ୍ଭ ହେବା ଭିତରେ ନାଟକଗୁଡ଼ିକ ଆଗକୁ ଗତିଶୀଳ ।

ସାମ୍ପ୍ରତିକ ସମୟର ହଜାରେ ରଙ୍ଗର ଆଲୁଅ ଭର୍ତ୍ତି ଦୁନିଆରେ ମଣିଷକୁ ଚିହ୍ନିବା ସମ୍ଭବ ନୁହେଁ । ମଣିଷକୁ ଚିହ୍ନିବାର ପ୍ରକୃଷ୍ଟ ସମୟ ହେଉଚି ରାତିର ଅନ୍ଧାର । ଅନ୍ଧାରରେ ହିଁ ଜଣାପଡ଼େ

ଲୁକ୍କାୟିତ ଅବସ୍ଥାରେ ଥିବା ମଣିଷର ଚରିତ୍ର । ଏଇ ଅନ୍ଧାର ମହକାଇ ଦିଏ ଆଦିମ ପ୍ରବୃତ୍ତିମାନଙ୍କୁ । ଖସଭସୟକ୍ଟ(ସଂଗୁପ୍ତ ବାସନା)ମାନଙ୍କ ପରିପ୍ରକାଶରେ ଅନ୍ଧାର ହିଁ ଗ୍ରହଣ କରେ ଗୁରୁତ୍ୱପୂର୍ଣ୍ଣ ଭୂମିକା । ତେଣୁ ମଣିଷ ଭିତରେ ଥିବା ମଣିଷଟିର ପରିଚୟ ପାଇଁ ଆଲୋକ ଅପେକ୍ଷା ଅନ୍ଧାରର ପ୍ରୟୋଜନ ବେଶୀ । ଏଣୁ ନାଟ୍ୟକାର ଅଧିକାଂଶ ମଞ୍ଚାୟନରେ ମଞ୍ଚକୁ ଅନ୍ଧାର ରଖି ନାହାନ୍ତି ଯେ, ବରଂ ସେଇ ଛାଇଛାଇ ଅନ୍ଧାର ଭିତରେ ଚରିତ୍ରଗୁଡ଼ିକର ଅବଚେତନର ପୂର୍ଣ୍ଣ ପରିପ୍ରକାଶ ଘଟାଇ ପାରିଛନ୍ତି କହିଲେ ଅତିଶୟୋକ୍ତି ହେବନାହିଁ । ଏଣୁ ଆଲୋକ ସମ୍ପାତ ଦୃଷ୍ଟିକୋଣରୁ ଖାଲି ଛାଇ ଆଲୁଅର ଖେଳ ନୁହେଁ, ବରଂ ତାଙ୍କ ନାଟକ ପାଲଟି ଯାଉଛି ଚେତନ-ଅବଚେତନ, ସ୍ୱପ୍ନ-ସ୍ୱପ୍ନଭଙ୍ଗ, ପ୍ରାପ୍ତି-ଅପ୍ରାପ୍ତିର ଲୁଚକାଳି ଖେଳ ।

ଭାରତୀୟ ସାହିତ୍ୟରେ ୧୯୭୦ ଦଶକ ବେଳକୁ କ୍ରୋଧିତ ଯୁବକ (ଇଭଶକ୍ୱଈ ଶକ୍ଟଙ୍କଭଶଙ୍କବଭ)ର ଚେତନା ଦେଖାହେଉଛି । ୧୯୪୭ରେ ଭାରତ ସ୍ୱାଧୀନତା ପାଇଲା ବେଳକୁ ଯେଉଁମାନେ ସାନ ଥିଲେ ସେମାନେ ସ୍ୱାଧୀନତାକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ, ପତାକା ଉଡ଼ାଇଥିଲେ, ସ୍ଲୋଗାନ ଦେଇଥିଲେ, ସ୍ୱାଧୀନତା ପରର ଭବିଷ୍ୟତକୁ ନେଇ ଅନେକ କଳ୍ପନା କରିଥିଲେ, ଯେତେବେଳେ ସେମାନେ ବଡ଼ ହୋଇ ଯୁବକ ଅବସ୍ଥାରେ ପହଞ୍ଚିଛନ୍ତି, ସେମାନେ ଅନୁଭବ କରୁଛନ୍ତି ଯେ ସେମିତି କିଛି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟିନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି ବ୍ୟବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ଦିଶୁନାହିଁ । ବେରୋଜଗାରୀ ବଢୁଛି । ସ୍ୱପ୍ନ କ୍ରମେ ବିରକ୍ତି ଏବଂ ପରେ କ୍ରୋଧରେ ରୂପାନ୍ତରିତ ହେବା ଆରମ୍ଭ ହୋଇଛି । ଏଇ ସମୟର ନାଟକରେ କ୍ରୋଧ, ବିରୋଧ ଓ ବିପ୍ଳବ ହିଁ ଗୁରୁତ୍ୱ ଲାଭକରିଛି । ଏହି ସମୟଖଣ୍ଡରେ ରଚିତ ଅନେକ ନାଟକରେ ଏକ ବିପ୍ଳବୀ, ସମାଜ ବ୍ୟବସ୍ଥା ବିରୋଧୀ ଚେତନାପ୍ରବଣ ଯୁବକକୁ ହିଁ ନାଟକ ଓ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଦେଖିବାକୁ ମିଳୁଛି । ନାୟକଟି ଗରିବ ହୋଇ ଜନ୍ମ ନେଇଥିବ, ଯୁବକ ଅବସ୍ଥାରେ ପହଞ୍ଚିବା ବେଳକୁ ସେ ସମାଜରେ ଅବହେଳିତ ହୋଇ ହତାଶାବୋଧ ଭିତରେ ନିରାଶ ହୋଇପଡୁଥିବ ଓ ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ମୁଣ୍ଡଟେକି ଛିଡ଼ାହେବାକୁ ସେ ଚୋରି, ଲୁଣ୍ଠନ ଓ ଗୁଣ୍ଡାମୀ ସହ ଜଡ଼ିତ ହେଉଥିବ ଏବଂ ଶେଷରେ ନାୟକଟିର ମୃତ୍ୟୁ ଘଟୁଥିବ । ଏହା ହିଁ ଥିଲା ସେ ସମୟରେ ପ୍ରଚଳିତ ନାଟକ ଓ ଚଳଚ୍ଚିତ୍ର ଧାରାର ବିଷୟବସ୍ତୁରେ ଏକ ସମାନତା । ୧୯୭୦ ବେଳକୁ ଏଇ ଧାରାରେ ଅନେକ ନାଟକ ଓ ଚଳଚ୍ଚିତ୍ର ରଚନା କରାଯାଉଥିବା ଲକ୍ଷ୍ୟ କରାଯାଏ । ବିଶ୍ୱଜିତ ଦାସଙ୍କ ନାଟ୍ୟ ଚରିତ୍ର ଚୟନ ଭିତରେ ମଧ୍ୟ ଜନସମୂହର ଏଇ ପଞ୍ଚୀଭୂତ ଅସନ୍ତୋଷ, କ୍ରୋଧ ଓ ବିରକ୍ତିକୁ ଅନୁଭବ କରାଯାଇପାରେ ।

ବିଶ୍ୱଜିତ୍ ଦାସଙ୍କ ନାଟକରେ ଅନେକ ସ୍ଥାନରେ ନିର୍ଦ୍ଦେଶକୀୟ ସୂଚନା ଲକ୍ଷ୍ୟ କରାଯାଇପାରେ । ଏହା ନାଟ୍ୟକାରଙ୍କ ଭିତରେ ଲୁଚି ରହିଥିବା ନିର୍ଦ୍ଦେଶକୀୟ ପ୍ରତିଭାକୁ ପ୍ରତିଭାତ କରେ । ସେଥିପାଇଁ ତାଙ୍କ ନାଟକର ସଂଳାପ ଭିତର ଦେଇ ଅନେକ ନିର୍ଦ୍ଦେଶକୀୟ ସୂଚନା ଉପଲବ୍ଧ ଥାଏ ।

ବିଶ୍ୱଜିତ ଦାସଙ୍କ ନାଟକ ଗୁଡ଼ିକରେ ଚରିତ୍ର ଚୟନ, ତାର ମନସ୍ତତ୍ତ୍ୱ ଓ ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯାଇଛି । ସମସ୍ତ ବିସଂଗତିର କଥା କହୁଥିବା ସତ୍ତ୍ୱେ ମାନବୀୟ ସହାନୁଭୂତି ଉପରେ ତାଙ୍କର ଗଭୀର ଆସ୍ଥା ରହିଛି । 'ନାଲିପାନ ରାଣୀ କଳାପାନ ଟୀକା', 'ନିଶିପଦ୍ମ' ଭଳି ନାଟକରୁ ତାଙ୍କର ନାରୀ ଜାତି ପ୍ରତି ଥିବା ସମ୍ମାନବୋଧ ଲକ୍ଷ୍ୟ କରାଯାଇପାରେ ।

ଅନେକଗୁଡ଼ିଏ ସାମାଜିକ ସମସ୍ୟାକୁ ନାଟକରେ ସଂଯୋଜିତ କରିବାକୁ ବିଶ୍ୱଜିତ ଦାସ ପ୍ରୟାସ କରନ୍ତି । ଯୁବକମାନଙ୍କ ମୂଲ୍ୟବୋଧ, ଶିକ୍ଷା ସମସ୍ୟା, ବେକାରୀ ସମସ୍ୟା, ସମାଜର ମୂଲ୍ୟବୋଧଭିତ୍ତିକ ଚିନ୍ତାଚେତନା, ଶିକ୍ଷିତ ବ୍ୟକ୍ତିର ମନସ୍ତାତ୍ତ୍ୱିକ ଦ୍ୱନ୍ଦ୍ୱ, ସାମ୍ୟବାଦୀ ଚିନ୍ତାଚେତନା, ନାରୀ ସମସ୍ୟା, ଯୌତୁକ ସମସ୍ୟା ଆଦି ତାଙ୍କ ନାଟକରେ ପ୍ରତି'ଳିତ ହୋଇଛି ।

ପ୍ରାଥମିକ ପର୍ଯ୍ୟାୟରେ ରଚିତ 'ବହ୍ନି', 'ନିଶିପଦ୍ମ' ଆଦି ନାଟକରେ ୱାନ୍ ସେଟ୍ ନାଟ୍ୟ ମଞ୍ଚାୟନ ପାଇଁ ଚେଷ୍ଟା କରିଥିଲେ, ଯେଉଁଥରେ ଗୋଟିଏ ପ୍ରକାର ସାଜସଜ୍ଜାରେ ନାଟକର ଆରମ୍ଭରୁ ଶେଷଯାଏଁ ଅଭିନୟ କରାଇବାର ପରୀକ୍ଷାଧର୍ମିତାକୁ ଗ୍ରହଣ କରାଯାଇଥିଲା । ୧୯୫୦ ରୁ ୬୦ ମଧ୍ୟରେ ଏହିଧାରା ପ୍ରଚଳିତ ଥିଲା । ଗୋପାଳ ଛୋଟରାୟଙ୍କ 'ଅର୍ଦ୍ଧାଙ୍ଗିନୀ' ଏହାର ଏକ ସଫଳ ଉଦାହରଣ । ଅବଶ୍ୟ ରଘୁନାଥ ଦାସ(ଜଟାୟୁ)ଙ୍କ "ଜଉଘର' ୱାନ୍ ସେଟ୍ ନାଟ୍ୟଧାରାର ପ୍ରଥମ ନାଟକ । ବିଶ୍ୱଜିତ ମଧ୍ୟ ମଞ୍ଚାୟନର ଏଇ ସରଳ ବ୍ୟବସ୍ଥାକୁ ଆପଣେଇଛନ୍ତି ।

ଚରିତ୍ରର ପରିବର୍ତ୍ତନୀୟତା ବା ଦ୍ୱି-ପାର୍ଶ୍ୱିକତାର ଭୂମିକା ତାଙ୍କ ନାଟକରେ ଅତ୍ୟନ୍ତ ସମ୍ବେଦନଶୀଳ ଭାବରେ ଚିତ୍ରିତ । ବ୍ୟକ୍ତିର ବିଭାଜିତ ସ୍ୱରୂପ (ସ୍ପକ୍ଟକ୍ଷସସ୍ପ କ୍ଟରକ୍ସସ୍ପକ୍ଟଭବକ୍ଷସସ୍ପଈ), ମୁଖାପିନ୍ଧା ମଣିଷର ସଂଘାତ, ମାନସିକ ଦ୍ୱନ୍ଦ୍ୱ ହିଁ ଏଠାରେ ମୁଖ୍ୟ । ଗୋଟିଏ ମଣିଷ ଭିତରେ ରାଗ, କ୍ରୋଧ, କ୍ଳେଶ, ଭକ୍ତି, ହିଂସା, ଈର୍ଷା, ପ୍ରେମ ଭଳି ଆବେଗ ଭିନ୍ନ ଭିନ୍ନ ସମୟରେ ପ୍ରକାଶ ପାଇଥାଏ । ବିଶ୍ୱଜିତ୍ ନାଟ୍ୟଦୃଷ୍ଟି ଚରିତ୍ରର ଏଇ ପରିବର୍ତ୍ତନୀୟତା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ।

ବିଶ୍ୱଜିତ୍ ଦାସଙ୍କ ନାଟକ ବ୍ୟକ୍ତିମନର ଅନ୍ୱେଷା ଓ ଅନ୍ତରାଳର ସ୍ୱର । ତାଙ୍କ ନାଟ୍ୟବଳୟରେ କାହାଣୀ ଅପେକ୍ଷା ଚରିତ୍ରର ଗତିଶୀଳତା ଓ ପୂର୍ଣ୍ଣାୟମାନ ସ୍ଥିତି ଅଧିକ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ବିଧିବ୍ୟବସ୍ଥା, ପ୍ରଥାବଦ୍ଧତା, ଗତାନୁଗତିକତାକୁ ପରିହାରପୂର୍ବକ ବିଶ୍ୱଜିତଙ୍କ ନାଟ୍ୟଚେତନା ଆଗୁସାର । ତେଣୁ କଥାବସ୍ତୁ ଚୟନ, ଚରିତ୍ର ନିର୍ବାଚନ, ସଂଳାପର ପ୍ରୟୋଗ, ମଞ୍ଚାୟନର ଭିନ୍ନତା, ଆଲୋକ ସମ୍ପାନର ନୂତନତା ଭିତର ଦେଇ ତାଙ୍କ ନାଟକରେ ପରିବର୍ତ୍ତନପ୍ରୟାସୀ ନାଟ୍ୟକାରର ଯାତ୍ରାପଥ ଦେଖିହୁଏ । ନୂତନ ଆବିଷ୍କାରର ଶୋଷ ଓ ନୂଆ ପ୍ରୟୋଗର ମନ ନେଇ ଯାତ୍ରାପଥରେ ବାହାରିଥିବା ନୂତନତା ଅନ୍ୱେଷୀ ନାଟ୍ୟନାବିକ ସିଏ ବୋଲି କହିବା

ତଣୁ ଆଦୌ ଅପ୍ରାସଙ୍ଗିକ ନୁହେଁ ।

ସହାୟକ ଗ୍ରନ୍ଥସୂଚୀ

୧- ଦାସ, ସର୍ବେଶ୍ୱର, ଓଡ଼ିଆ ନାଟ୍ୟ ସାହିତ୍ୟ, ଭୁବନେଶ୍ୱର, ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା, ପ୍ରଥମ ସଂସ୍କରଣ, ୧୯୮୧ ।

୨- ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ(ଦ୍ୱିତୀୟ ଭାଗ), କଟକ, ଏସବି ପବ୍ଲିକେଶନ୍ସ, ପ୍ରଥମ ପ୍ରକାଶ, ୨୦୦୬ ।

୩- ମିଶ୍ର, ସଂଘମିତ୍ରା, ନାଟକ : ସୀମା ଓ ସମ୍ଭାବନା, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ, ୧୯୯୯ ।

୪- ମିଶ୍ର, ଜ୍ଞାନୀ ଦେବାଶିଷ, ସମୟ ସହ କେଇପାଦ, ଭୁବନେଶ୍ୱର, ଟାଇମପାସ୍, ୨୦୧୩ ।

୫- ହରିଚନ୍ଦନ, ନୀଳାଦ୍ରିଭୂଷଣ, ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା, କଟକ, ବିଦ୍ୟାପୁରୀ, ନୂତନ ସଂସ୍କରଣ, ୨୦୦୭ ।

ଏବଂ ବିଶ୍ୱଜିତ୍ ଦାସଙ୍କ ନାଟକ ସମୂହ

ବହ୍ନି(୧୯୫୭, କଟକ, ୟୁନାଇଟେଡ୍ ବୁକ୍ ହାଉସ୍), ନିଶିପଦ୍ମ(୧୯୫୭, କଟକ, ସାଥୀ ପ୍ରକାଶନ), ପ୍ରତାପଗଡ଼ରେ ଦି' ଦିନ(୧୯୬୭, କଟକ, ୟୁନାଇଟେଡ୍ ବୁକ୍ ହାଉସ୍), ନାଲିପାନ ରାଣୀ କଳାପାନ ଟୀକା(୧୯୬୮, କଟକ, ସାଥୀ ପ୍ରକାଶନ), ନିଜ ପ୍ରତିନିଧିଙ୍କ ଠାରୁ(୧୯୬୮, କଟକ, ସାଥୀ ପ୍ରକାଶନ), ଶୁଣ ସୁଜନେ(୧୯୬୯, କଟକ, ସାଥୀ ପ୍ରକାଶନ), ମୃଗୟା(୧୯୭୦, କଟକ, ସାଥୀ ପ୍ରକାଶନ), ସମ୍ରାଟ(୧୯୭୨, କଟକ, ସାଥୀ ପ୍ରକାଶନ), ବୃତ୍ତେ(୧୯୮୧, କଟକ, ଅଗ୍ରଦୂତ ପ୍ରକାଶନୀ), ପାପୀ(୧୯୮୨, କଟକ, ସାଥୀ ପ୍ରକାଶନ) ନୂଆଜହ୍ନ(୧୯୯୦, ଭୁବନେଶ୍ୱର, ଚିତ୍ରକଳା ପ୍ରକାଶନ), ମହାମାୟା ଅପେରା(୧୯୯୯), ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ(୨୦୦୦, ଭୁବନେଶ୍ୱର, ଶତଦ୍ରୁ ପ୍ରକାଶନୀ), ସେଇ ତିନିଜଣ(୨୦୧୩, ଭୁବନେଶ୍ୱର, ଚିତ୍ରକଳା ପ୍ରକାଶନ) ।

ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ତୁଳନାତ୍ମକ ଆଲୋକରେ ଏକବିଂଶ ଶତକର ଭିନ୍ନ ଏକ ସ୍ୱର ସନ୍ତୋଷ କୁମାରଙ୍କ 'ଭୀମାଧୀବର'

ଡକ୍ଟର ମଧୁଚ୍ଛନ୍ଦା ନାୟକ

'ଭୀମାଧୀବର', 'ସୂର୍ଯ୍ୟ ଉଇଁଲେ ରାତି' କବିତା ଗ୍ରନ୍ଥର ଏକାଦଶ କବିତା ଅଟେ । ଏହି କବିତାଟିରେ କବି ସନ୍ତୋଷ କୁମାରଙ୍କ କାବ୍ୟଚିନ୍ତା ଚେତନା ଏକାନ୍ତ ଉତ୍ତରିତ ହୋଇଛି ବୋଲି ଅଧ୍ୟୟନ ଉତ୍ତାରେ ଜଣାଯାଏ । ପ୍ରତୀକ, ଚିତ୍ରକଳ୍ପ ଓ ମିଥ୍ ପ୍ରଭୃତି ଉପାଦାନ ବା ଟେକ୍‌ନିକ୍ ଦ୍ୱାରା ଅତି ଚମତ୍କାର ଭାବରେ କବି ଜୀବନର ଏକ ବଳିଷ୍ଠ ଦର୍ଶନ ବାବଦରେ ସ୍ୱମତ ରଖିଛନ୍ତି । ବାସ୍ତବରେ "ମତ ରଖିବା" କହିବା ଅପେକ୍ଷା "ଚିତ୍ର ଆଙ୍କିବା" ବା "୫ ମିନିଟ୍‌ରେ ଚଳଚ୍ଚିତ୍ରଟିଏ ନିର୍ମାଣ କରିବା" କହିବା ଅଧିକ ତର୍କ ସଂଗତ ହେବ ।

ହିନ୍ଦୁ ମିଥ୍ ମଧ୍ୟରେ ଥିବା ଯମରାଜ ଚରିତ୍ର (The Lord of Death) ଓ ତାଙ୍କର ବାହାନ କଳା ମଇଁଷି କଥା, ତଥା ଯମ ଦଉଡ଼ିର ନିର୍ଦ୍ଦେଶ ଓ ପ୍ରାଣୀ-ମାନଙ୍କ ବଶତା ସ୍ୱୀକାର କଥାକୁ ଏଠାରେ ସ୍ମରଣ କରାଯାଇପାରେ । ଭୀମାଧୀବର ସେହି ଯମରୂପୀ ଚରିତ୍ରର ଅଭିନୟ କଳାପରି ଜଣାପଡ଼େ । କଳାମଇଁଷି ପରି "କଳାରଂଗୀ ପ୍ରାଚୀନ ଡଂଗାଟା ତା'ର (ନାୟକ: ୨୦୦୬: ପୃ-୭୩) । ଯମଦଉଡ଼ି ପରି "ଜାଲ ତା'ର ସମୁଦ୍ର ଠୁ ବଡ଼" (ତତ୍ରୈବ), ନିୟତି ପରି "ସୂକ୍ଷ୍ମ ତା'ର ଫାଶସବୁ ଅନ୍ଧାର ଠୁ ସୂକ୍ଷ୍ମ ତା' ବିନ୍ୟାସ" (ତତ୍ରୈବ) ଓ ଆହୁରି କୁହାଯାଇଛି-

"ଆଖି ତା'ର ଚିଲ ପରି, ଶାଗୁଣାର ଡ଼େଣା ତା'ର ହାତ

କୃଷବର୍ଣ୍ଣୀ ତା' ଜାଲ ଛାଇରେ
ନୀଳରଂଗ କରିଦିଏ ସମଗ୍ର ସମୁଦ୍ର ।" (ତତ୍ରୈବ)

ସନାତନ ହିନ୍ଦୁଧର୍ମ ଠାରୁ ଆରମ୍ଭ କରି ଉପନିଷଦ ଓ ଅନ୍ୟାନ୍ୟ ତତ୍ତ୍ୱାନୁସାରେ ବେଶ୍ ସୁନ୍ଦର ଚିତ୍ର ଅଙ୍କିତ ହୋଇଛି ମୃତ୍ୟୁର । ମରଣକୁ ବେଶ୍ ଭଲଭାବରେ ଏଠାରେ ଦେଖାଯାଇଛି । ଏଠାରେ କବି Benjamin Franklin (1706-1790)ଙ୍କ ଏକ ବହୁଚର୍ଚ୍ଚିତ କବିତା ମନେପଡ଼େ । ତାହା ହେଉଛି ତାଙ୍କର 'Poor Richard's Almanack' (September, 1733) କବିତା ସଂକଳନର 'Death is a Fisherman' କବିତା । ଆଠ ପାଦର କବିତାଟେ । ମୃତ୍ୟୁ, ଜନ୍ମ, ଜୀବନ ସଂପର୍କରେ ଏହା ଏକ ସୁନ୍ଦର ଦାର୍ଶନିକ କବିତା ଅଟେ । ସେ ମଧ୍ୟ ସେଠି କହିଛନ୍ତି- Death is a fisherman ଏବଂ ସେହି ଧୀବର ରୂପୀ 'ମରଣ'ର ପୋଖରୀ ହେଉଛି ଏହି 'ସଂସାର' । ସଂସାରକୁ କେତେକ ସ୍ଥଳରେ ସମୁଦ୍ର, ନଦୀ, ମଞ୍ଚ ଆଦି ସହ ତୁଳନା କରାଯାଇ ଆସିଛି । କିନ୍ତୁ ଫ୍ରାଙ୍କ୍‌ଲିନ୍ ସଂସାରକୁ ଏକ ପୋଖରୀ ମଧ କହିନାହାଁନ୍ତି । ସେ କହିଛନ୍ତି ଏହା ହେଉଛି ଏକ ଗାଡ଼ିଆ (pond) ଏବଂ ଆମେସବୁ ଜୀବମାନେ ମାଛ ପରି: ସେଇ ପୋଖରୀର ମାଛ । ଆମର ଦୁର୍ବଳତା, ରୋଗ, ବ୍ୟାଧି ପ୍ରଭୃତି ହେଉଛି ତା'ର ଜାଲ । ପୁଣି Franklin କହିଛନ୍ତି ଯେ, ଅନ୍ୟାନ୍ୟ କେଉଟମାନଙ୍କ ପରି ସେ ଦୟାଳୁ ମଧ ନୁହେଁ । ସାନ-ବଡ଼ ବାଛବିଚାର ନକରି ବୃଦ୍ଧ-ଯୁବା-ଶିଶୁ କୌଣସି ପାର୍ଥକ୍ୟ ସେ ଦେଖେନାହିଁ । ସେ ନିର୍ଦ୍ଦୟ । କୈବର୍ତ୍ତେ ଛୋଟମାଛ ଆସିଲେ ଦୟାରେ ତାକୁ ଛାଡ଼ିଦିଏ । କିନ୍ତୁ ମୃତ୍ୟୁ କାହାକୁ ଛାଡ଼େ ନାହିଁ, ଜାଲରେ ତା'ର ଧରିନିଏ । ପୁଣି ସେସବୁ ଧୀବରମାନଙ୍କ ଜାଲରୁ କେହିକେହି ମାଛ ବଞ୍ଚିଯାଇ ପାରନ୍ତି । କିନ୍ତୁ ଏ ଧୀବର ପାଖରୁ କୌଣସି ବ୍ୟକ୍ତି ଜୀବ-ଜନ୍ତୁ ବଞ୍ଚିଯାଇ ପାରିବେ ନାହିଁ । କବିଙ୍କ ଭାଷାରେ-

"Death is a fisherman, the world we see
His fish-pond is, and we the fishes be;
His net some general sickness; how'e've he
Is not so kind as other fishers be;
For if they take one of the smaller fry,
They throw him in again, he shall not die;
But death is sure to kill all he can get,
And all is fish with him that comes to net."

(Franklin: 1733: Death is a Fisherman)

'ଭୀମାଧୀବର' କବିତାଟି Franklinଙ୍କ 'Death is a Fisherman' କବିତା ସହ ସମତା ରକ୍ଷାକରେ ସତ, କିନ୍ତୁ 'Death is a Fisherman' କବିତାଟିର ଛାୟା ଓ କାୟା ଯଥେଷ୍ଟ ସୀମିତ । ଏକ ନିର୍ଦ୍ଦିଷ୍ଟ ଭାବନା ଓ ଚିତ୍ର ସହ ଏହି କବିତାଟି ସଂପର୍କିତ । କିନ୍ତୁ 'ଭୀମାଧୀବର' କବିତା କ୍ଷେତ୍ରରେ ଏକ

ଉତ୍ତରଣ ଘଟିଛି । ବ୍ୟଂଜନା ଓ ଭାବସାନ୍ଦ୍ରତା ଏଠାରେ ଇଂରେଜୀ କବିତାଟି ଠାରୁ ଯଥେଷ୍ଟ ଅଧିକ । ମିଥ୍, ଚିତ୍ରକଳ୍ପ ଓ ପ୍ରତୀକର ଏଠାରେ ସହାବସ୍ଥାନ ଘଟିଛି, ଫଳରେ କବିତାଟି ଯଥେଷ୍ଟ ଉତ୍ତୀର୍ଣ୍ଣ ଦେଖାଯାଏ ।

ମୃତ୍ୟୁ ଜୀବନ-ମରଣ ଚକ୍ରରୁ ମଣିଷକୁ ଉଦ୍ଧାର କରେ । ମୃତ୍ୟୁ ନବଜୀବନ, ସ୍ୱପ୍ନ ଓ ଆକାଂକ୍ଷା ପାଇଁ ଏକ ଅବସର, ସୁଯୋଗ । ମରଣ ରୂପକ ଧୀବର ସଂସାର ସମୁଦ୍ରରେ ଘୁରୁଥାଏ । ତା' ହାତରେ ଏକ ବିଶାଳ ଜାଲ । ସେ ଜାଲର ଅନେକ ଫାଶ । ରୋଗ, ଜରା, ଦୁର୍ଘଟଣା, କାଳ ପ୍ରଭୃତିର ନାମାନ୍ତର ହେଉଛି ଏହି ଜାଲ । ସେ ଜାଲରେ ପ୍ରତି କ୍ଷେପରେ, ପ୍ରତିଥର କିଛି ନା କିଛି ପଡ଼େ । ପୁଣି ମୃତ୍ୟୁ ଦୂରରୁ ଭୟଙ୍କର ଦିଶୁଥାଇପାରେ, କିନ୍ତୁ ସର୍ବୋପରି ଏହା ସତ୍ୟ, ଶିବ ଓ ସୁନ୍ଦର ଅଟେ । ଏହା ଯେପରି ଏକ ନିରାଟ ସତ ଅଟେ, ଅନୁରୂପ ଭାବରେ ଏହା ଶିବ ଓ ସୁନ୍ଦର ମଧ୍ୟ ଅଟେ । ମୃତ୍ୟୁ ଗୋଟିଏ ଜନ୍ମରେ ଅସଫଳ କାମନାକୁ ପୂର୍ଣ୍ଣ କରିବା ବା ସଫଳ କରିବା ପାଇଁ ସାହସ, ସୁଯୋଗ ଓ ସମ୍ଭାବନା ଯୋଗାଇଥାଏ । Death refreshes the life, Death represents life in a new bowl. ଯଦି ଆତ୍ମା ବା ଇଚ୍ଛାଶକ୍ତି କଥା ବିଚାର କରାଯାଏ, ତେବେ ସେହି ଇଚ୍ଛାଶକ୍ତିର ପୂର୍ଣ୍ଣତା ବାବଦରେ ସମସ୍ତ ଧନ୍ୟବାଦର ପାତ୍ର ହେଉଛି ମରଣ । ଏଣୁ ଏହା ଚିରକାଳ ମଂଗଳମୟ । ଏହା ଶାଶ୍ୱତ ଓ ସୁନ୍ଦର । କବିଙ୍କ ଭାଷାରେ-

"କେଜାଣି କି ମନ୍ତ୍ର ଫୁଙ୍କେ
କିଛି ନା କିଛି ତ ଉଠେ, ଜାଲେ ତା'ର
ଥରେ ଅଧେ ନୁହେଁ, ପ୍ରତିଥର
କେଜାଣି କେମିତି କାହିଁ
ଯେତେ ସେ ନିଷ୍ଠୁର ଅବା ଦିଶୁ ଭୟଙ୍କର
ଭିତରୁ ଶବ୍ଦଟେ ଆସେ ସବୁବେଳେ
ଶିବ-ଶିବ-ଶିବ ଓ ସୁନ୍ଦର ।"
(ନାୟକ: ୨୦୦୬: ୭୩)

ଜୀବନ ବାବଦରେ ଦୁଇଟି କଥା ରହିଛି । ଜନ୍ମ ଓ ମରଣ । ଜନ୍ମରୁ ମରଣ ପର୍ଯ୍ୟନ୍ତ ଅବଧିକୁ ଜୀବନ କୁହାଯାଏ । ପୁଣି ଜୀବନରେ ଇଚ୍ଛାଶକ୍ତି ଚିରବର୍ତ୍ତମାନ । ଏହି ଇଚ୍ଛାଶକ୍ତି ବା ଆତ୍ମା ସହ ପଞ୍ଚଭୂତ ଗଠିତ ଶରୀରକୁ ନେଇ ଜୀବନର ସଂରଚନା । ପୁଣି ଆତ୍ମା-ପରମାତ୍ମା ତତ୍ତ୍ୱକୁ ଯଦି ଦେଖାଯାଏ, ତେବେ ଏହା ସ୍ପଷ୍ଟ ଜାଣିହେବ ଯେ ଆତ୍ମା ଶରୀର ବନ୍ଧନରୁ ମୁକ୍ତ ହେବା ଦ୍ୱାରା ନିଜର ପରମପିତା, ପରମ ଉତ୍ସ ଓ ପରମ ଜଗତକୁ ଫେରିବାର ସୁଯୋଗ ପାଏ । ଏଣୁ ସାଂସାରିକ ବନ୍ଧନ ଆତ୍ମା ଲାଗି ଏକ ପ୍ରବାସ ବାସ ପରି । ବିଦେଶରୁ ଆମେ ଘରକୁ ଫେରିଲା ପରି ଆତ୍ମାର ମୁକ୍ତି ଓ ମୁକ୍ତିଗତି ତଥା ଉର୍ଦ୍ଧ୍ୱଗତି ହୁଏ । ସେଥିପାଇଁ ମଧ୍ୟ ମୃତ୍ୟୁ ଦାୟୀ । ଏଣୁ ମୃତ୍ୟୁ ଶିବ ଓ ସୁନ୍ଦର । ତା'ଛଡ଼ା ମୃତ୍ୟୁ ଓ ମରଣ ନାମକ ଦୁଇଟି ତତ୍ତ୍ୱ ରହିଛି । ସେସବୁ କଥାମତେ ଆମେ ମରଣର ଏକାଧିକ ଉପକାରିତାକୁ ଲକ୍ଷ୍ୟ କରିପାରିବା । ଉପନିଷଦରୁ ସନତ୍ ସୁଜାତଙ୍କ ଉକ୍ତି କଥା ମନେପକାଯାଉ । ମରଣ ଓ ଜୀବନର ଚକ୍ରରୁ ମୁକ୍ତି ପାଇବାଲାଗି ମୃତ୍ୟୁ ହିଁ ଏକମାତ୍ର ରାସ୍ତା । ଅର୍ଥାତ୍ ମରଣ ପରେ ଜନ୍ମ ହେବାର ସମ୍ଭାବନା ଥାଏ, ପୁଣିଥରେ କାୟା ଧରିବାର ସମ୍ଭାବନା ଥାଏ । କିନ୍ତୁ ମରଣ ନହୋଇ ବ୍ୟକ୍ତିର ମୃତ୍ୟୁ ହେଲେ ଜୀବାତ୍ମା ପରମାତ୍ମା ସହ ମିଶିଯାଏ । ଏହାପରେ ଆଉ ପୁନର୍ଜନ୍ମ ହୁଏନାହିଁ । ଏଣୁ ପୂର୍ବାଲୋଚିତ ଲାଭଟି ନିଶ୍ଚିତରୂପେ ଏହି ମୃତ୍ୟୁ ପର୍ଯ୍ୟାୟର । ଅର୍ଥାତ୍ ଏହା ଦ୍ୱାରା ବ୍ୟକ୍ତିର ଆତ୍ମା ପରମମୂଳକୁ ଚାଲିଯାଏ । କିନ୍ତୁ ଦ୍ୱିତୀୟ କଥା ହେଲେ, ଅର୍ଥାତ୍ ବ୍ୟକ୍ତିର ମରଣ ହେଲେ ସେ ପରବର୍ତ୍ତୀ ଜନ୍ମପାଇଁ ସୁଯୋଗ ପାଏ, ଅଫଳିତ, ଅସଫଳ କାର୍ଯ୍ୟକୁ ସଫଳ କରିବାର ସମ୍ଭାବନା ତା'ଠାରେ ମୁଂଜରି ଉଠେ ।

ମୃତ୍ୟୁ ଏଠାରେ Personified. ମୃତ୍ୟୁର ଆତ୍ମୀୟତା, ସ୍ନେହ, ମମତ୍ୱଭାବ ହିଁ ବଡ଼କଥା । କୈବର୍ତ୍ତଟେ ମାଛମାନଙ୍କୁ ଅତି ଆପଣାର ବୋଲି ମନେକରେ । ସେ ଘୃଣାକରେ ନାହିଁ । ଆଇଁଷ ବୋଲି ଦୂରେଇ ଯାଏନି । ଅଣ୍ଟାରେ, ପକେଟରେ ରଖେ । ମାଛ ହିଁ ତା'ର ଜୀବନ, ଜୀବିକା । ମାଛ ବିନା ତା'ର ବଞ୍ଚିବା ଦୁଷ୍କର । ଏଣୁ ସେ ମାଛକୁ ଭଲପାଏ । ମାଛଟିଏ ଛୋଟଥିଲେ ସେ ତାକୁ ଅତି ସରାଗରେ ଗେହ୍ଲା କରି ଛାଡ଼ିଯାଏ । ଏଠାରେ ତା'ର ବ୍ୟବସାୟିକ ଦୃଷ୍ଟିକୋଣ ଥିଲେ ହେଁ ସର୍ବୋପରି ତା'ର ଆଚରଣର ଆତ୍ମୀୟତା ତା'ର ଜୀବନ-ଜୀବିକା ପାଇଁ । ଏଣୁ ଏହି ରହସ୍ୟଟିକୁ ନେଇ କବି ସନ୍ତୋଷ ଏଠାରେ ମୃତ୍ୟୁର ଆମ (ଜୀବ) ସହ ସଂପର୍କକୁ ବେଶ୍ ଦେଖାଇ ପାରିଛନ୍ତି । ଏଥିରେ କବିଙ୍କର ଉନ୍ନତ ବୌଦ୍ଧିକତା ବେଶ୍ ପ୍ରତିଫଳିତ ।

ତେଣୁ ଏକ ଧୀବରକୁ ଆଖିଆଗରେ ରଖି ମୃତ୍ୟୁର sketch ଅଂକାଯାଇପାରେ ଓ ମୂଲ୍ୟାଙ୍କନ ମଧ୍ୟ କରାଯାଇପାରେ । କବିଙ୍କ ଭାଷାରେ-

"ପ୍ରତିଥର ଜାଲେ ତା'ର, ଇଚ୍ଛାରେ, ପ୍ରୟାସରେ ତା'ର
ତା' ଆସକ୍ତି, ଆତ୍ମୀୟତା ଅବା ତା'ର ଆପଣାପଣର
ପ୍ରତିମୂଲ୍ୟେ ହୋଇଯାଉ- ଆମେସବୁ
ଦରିଦ୍ର-ନିର୍ବଳ ଆଉ ନିସ୍ତେଜ-ନିଥର ।" **(ନାୟକ: ୨୦୦୬: ୭୪)**

ଏଣୁ ଏତେ ସ୍ନେହ, ମମତା, ଆସକ୍ତି, ଇଚ୍ଛା, ପ୍ରୟାସର ପୁଞ୍ଜିନିବେଶ ହେଲାପରେ ତା' ସାମ୍ନାରେ ସବୁ ନିର୍ବଳ ହୋଇଯିବା ସ୍ୱାଭାବିକ । ଆମେ ଜୀବନ ପ୍ରତି ମୋହ ରଖୁ । ମୃତ୍ୟୁ ଆମ ପ୍ରତି ମୋହ ରଖେ । ତିନୋଟି ଚୁମ୍ବକ ଏକ ସରଳରେଖାରେ ଥିଲାପରି ଜୀବନ, ଆମେ ଓ ମୃତ୍ୟୁ ଥାଉଁ । (ଯେପରି ଜୀବନ (ଜଳ), ମାଛ ଓ ଧୀବର ଥାଆନ୍ତି) । ଏଠାରେ ଯାହାର ମୋହ, ମାୟା, ମମତା, ଆକର୍ଷଣ ଯାହା ପ୍ରତି ଅଧିକ ହୁଏ, ସେ ସେଠାକୁ ଚାଲିଯାଏ । ଏଠାରେ 'ଜୀବନ ଥିବାଯାଏଁ' ବୁଝିବାକୁ ହେବ ଯେ, ଜୀବନ ଓ ଆମର ମୋହ ଅଧିକ ସାଂନ୍ଦ୍ର ଓ ଭାରି ଥିଲା । ମାତ୍ର ମରଣ କାଳରେ ମୃତ୍ୟୁ ଓ ଆମ ମଧ୍ୟରେ ଆକର୍ଷଣ ତୀବ୍ର, ସାଂନ୍ଦ୍ର ଓ ଗୁରୁ ହୋଇଛି । ଲେଖକଙ୍କର ଏପରି ଚିନ୍ତା ଆଦୌ superficial ବା ଭୌତିକ ନୁହେଁ । ଏଣୁ

ଏଠାରେ ଯେ, କବି ନାୟକ metaphysical stage ବା ଆଧିଭୌତିକ ସ୍ତରକୁ ଆସିସାରିଛନ୍ତି- ଏଥିରେ ଦ୍ୱିରୁକ୍ତି ମାତ୍ର ନାହିଁ ।

ମୃତ୍ୟୁ ଚିରକାଳ ଗୁରୁ ବୋଲି ପ୍ରତିପାଦିତ ହୋଇଆସିଛି । ଅନେକ ଯନ୍ତ୍ରଣାରୁ ସେ ଆମକୁ ରକ୍ଷାକରେ । ମୃତ୍ୟୁ ଏକ ମହୌଷଧି । ଏହା ପୁଣି ସାମ୍ୟବାଦୀ ଚିନ୍ତା-ଚେତନାର ବାହକ । କବି James Shirley ଯଥାର୍ଥରେ ପଦେ କହିଛନ୍ତି-

"Some men with swords may reap the field,
And plant fresh laurels where they kill:
But their strong nerves at last must yield;
They tame but one another still:
Early or late
They stoop to fate,
And must give up their murmuring breath
When they, pale captives, creep to death."

(Barrow, Fuste (ed.) : 1989: 97)

'ଭୀମା' ନାମକରଣଟି ମଧ୍ୟ ବ୍ୟଂଜନାତ୍ମକ । ଭୀମା ସାଧାରଣତଃ ଏକ ଭୀମକାୟ, ବପୁକାୟ ଭୟଙ୍କର ଜୀବ ପରି/ ବ୍ୟକ୍ତି ପରି ପ୍ରତୀତ ହୁଏ । ମହାଭାରତର ଭୀମସେନ ଚରିତ୍ର କଥା ମଧ୍ୟ ମନକୁ ଆସେ । ଏଣୁ 'ଭୀମାଧୀବର' କହିବା ଦ୍ୱାରା ଧୀବରର ବିଶାଳକାୟ ଶରୀର, ମନ, ହୃଦୟ, ବପୁ ଓ ଅନ୍ୟାନ୍ୟ ସବୁକିଛିକୁ ବୁଝିବାକୁ ହେବ । କବିତାଟି ପାଠ କରିସାରିଲାପରେ ଧୀରେ ଧୀରେ ମନେହୁଏ ଯେ, ଭୀମା ଏକ ବପୁକାୟ, ବିଶାଳକାୟ ବ୍ୟକ୍ତି ନୁହେଁ । ବରଂ ଭୀମା ଏକ କାନ୍ତ, ସୌମ୍ୟ ପୁରୁଷ/ ନାରୀ । ସେ ଡଂଗାଧରି ଅହରହ ସମୁଦ୍ରରେ ଘୂରେ । ସବୁବେଳେ ମାଛମାରେ । ଏ କୂଳରୁ ସେ କୂଳକୁ ସବୁବେଳେ ହୁଏ । ସେ ମାଛ ଧରେ । କିନ୍ତୁ କ'ଣ କରେ, ଖାଏ କି ଖାଏନା । କେହି ଜାଣନ୍ତିନି । ସମସ୍ତେ କହନ୍ତି ଭୀମା ସବୁ ମାଛ ଧରେ । ସବୁ ମାଛଙ୍କର ଠିକଣା, ଅତାପତା ସବୁକିଛି ତାକୁ ଠିକ୍ ଠିକ୍ ଜଣା । ଏପରିକି ମାଛମାନଙ୍କର ରାସ୍ତାଘାଟ, ମନକଥା ପ୍ରଭୃତି ସବୁକିଛି ଜାଣେ । ଏହା ମଣିଷ (ଜୀବ) ଓ ନିୟତିର ସଂପର୍କକୁ ସୂଚାଏ । ଭବିତବ୍ୟ ଓ ଭାଗ୍ୟର ସୂଚନା ଏଠାରେ ସ୍ପଷ୍ଟ । ଯଥାର୍ଥରେ କୁହାଯାଇଛି-

"ଭୀମା ଧରେ, ମାଛଧରେ, ସବୁ ମାଛ ଧରେ
ଭୀମା ହାତେ ସବୁ ଅଛି, ଗୋଟି ଗୋଟି ମାଛ
ମାଛର ଠିକଣା ଅବା ଅତାପତା
ଘରବାଡ଼ି, ରାସ୍ତାଘାଟ-ମନକଥା ସବୁକିଛି
ସତେ ଅବା ତାକୁ ଖାଲି ଜଣା ।"

(ନାୟକ: ୨୦୦୬: ୭୪)

କବିତାଟିର ସମୁଦାୟ ଛଅଗୋଟି ପରିଚ୍ଛେଦ ବା ପଦ । ପଞ୍ଚମ ପଦଟିର ସଂପର୍କ Death is a fisherman ସହ ରହିଛି । ତଥାପି ଏହା ନିଶ୍ଚିତ ଯେ Death is a fisherman ଠାରୁ ଏହି କବିତାଟି କଳାତ୍ମକ ଓ ଭାବାତ୍ମକ ଦୃଷ୍ଟିରୁ ଯଥେଷ୍ଟ ଆଗରେ । ମାଛଙ୍କର ଠିକଣା ଭୀମାଧୀବରକୁ ଖାଲି ଜଣା । ଏହା ହିଁ ଯଥେଷ୍ଟ ସୂଚନା ଯେ ଏହି ଭୀମାଧୀବର ହେଉଛି ମୃତ୍ୟୁ (Death, the leveller) ।

ଭୀମା ବାବଦରେ କବି କହିଛନ୍ତି ତା'ର ଘରକୁ କେହି ଦେଖିନି । ସେ କେଉଁଠୁ ଆସେ, କେଉଁଠାକୁ ଯାଏ, କେଉଁଠି ରୁହେ କେହି ଜାଣେନି । କିଏ କହେ ସେ ଭୀମା ରହେ ନଈର ଏପାରିରେ ତ ଆଉ କିଏ ନଈ ସେପାରିରେ ବୋଲି କହେ । କିନ୍ତୁ ଭୀମା ବାବଦରେ ସଠିକ୍ ଠିକଣା ମିଳେନି । ତଥାପି ଲୋକେ ବିଶ୍ୱାସ କରନ୍ତି ଯେ, ଭୀମାଧୀବର ସବୁବେଳେ ଡଂଗାରେ ତା'ର ନୀଳସମୁଦ୍ର ଭିତରେ ଥାଏ । (ନାୟକ: ୨୦୦୬: ୭୫) 'ଭୀମାଧୀବର' କବିତାରେ ପ୍ରତୀକ ରାଶି ରାଶି । ନିଜେ ଭୀମା ମୃତ୍ୟୁର ପ୍ରତୀକ । ସମୁଦ୍ର ଜଗତର ପ୍ରତୀକ । ଜାଲ ମୃତ୍ୟୁର ଆୟୁଧର ପ୍ରତୀକ ।

ସନ୍ତୋଷ କୁମାର ଜଣେ ନିରୁତା କବି ଉପାଦାନରେ ଗଢ଼ା ମଣିଷ । କାବ୍ୟଚେତନା ତାଙ୍କୁ ଅହରହ ଉଠାବସା କରେ । କବିତାଟିର ଆଙ୍ଗିକ ଓ ଆତ୍ମିକ ପ୍ରସ୍ଥକୁ ଦେଖିଲେ ନିଶ୍ଚିତରୂପେ କବିଙ୍କର ଧ୍ୟାନ, ଏକଚିତ୍ତ, ଏକନିଷ୍ଠ ମନନଶୀଳତା ପ୍ରତିଫଳିତ ହୁଏ । ***"କବି ନିଜସ୍ୱ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ କବିତା ରଚନା କରେ । ପ୍ରାଣର ଆହ୍ୱାନରେ କବିତା ସୃଷ୍ଟି ହୁଏ । ସେଠି କାହାର ନିର୍ଦ୍ଦେଶକୁ କବି ଅପେକ୍ଷା କରେ ନାହିଁ, କି କୌଣସି ପୁରସ୍କାର ପ୍ରତି ତା'ର ମୋହ ନଥାଏ । ସେ ଲେଖେ, ଲେଖିବା ତା'ର ଧର୍ମ । ମାତ୍ର ଏହି କବିତା ରଚନା କବିର ପେଷା ନୁହେଁ, ତାହା ନିଶା, ଏହା ଜୀବିକା ନୁହେଁ, ଏହା ଜୀବନ ।"*** **(ରାୟ: ୧୯୭୯: ପୃ.କ)** କବି କାହା ଇଂଗିତରେ କବିତା ଲେଖେ ନାହିଁ । ସେ ନିଜ ପ୍ରାଣର, ଆତ୍ମାର ଓ ଇଚ୍ଛାଶକ୍ତିର ହିଁ ଶୁଣେ । ପ୍ରାଣ/ଆତ୍ମା, ଅନ୍ତର ପ୍ରଭୃତି କିଛି କହିବାକୁ ଚାହୁଁଥାଏ । ସେହି ଚାହିଁବା ବା କବିତା ଲେଖାହେବା ମଧ୍ୟରେ ରହିଛି ନିବିଡ଼ ସଂପର୍କ । କବିତା ହିଁ ସେହି ଇଚ୍ଛାର ପୂର୍ତ୍ତି ପାଇଁ ଉର୍ଦ୍ଦିଷ୍ଟ । ହଁ, ସେ ଜଣଙ୍କ ଇଂଗିତ, ଜଣଙ୍କ ତାଗିଦ୍‌ରେ ଲେଖେ । ସେ ହେଉଛି ସେ ନିଜେ ନିଜର ଆଦେଶରେ । ନିଜ ଅନ୍ତରର ମଣିଷ ଆଦେଶରେ ଲେଖେ ।

ସବୁ କବି ଦୁଇଟି ସତ୍ତାକୁ ନେଇ ଲେଖନ୍ତି । ଏହା ହିଁ ତାଙ୍କ କବିତାର ସମ୍ବଳ ବା କବିତା ଲେଖିବାର ବାଟ । ତାହା ହେଉଛି ଅନ୍ତର୍ସତ୍ତା ଓ ବହିର୍ସତ୍ତା । କବି କଳ୍ପନାବିଳାସୀ । ଅବଶ୍ୟ ତା' କଳ୍ପନାରେ ଅଜବତା ସଂଗେ ସଂଗେ ସତ୍ୟତା ମଧ୍ୟ ବହୁ ପରିମାଣରେ ଥାଏ ।

କବି ଏକାଧାରରେ ମୁକ୍ତ ଓ ଆବଦ୍ଧ । ପ୍ରଥମେ ସେ ସାଧାରଣ ମଣିଷ ଭାବରେ କବି ନହେବା ଅଥବା କବିତାର ଭୂତ ସବାର ହେବା ଆଗରୁ ମୁକ୍ତ ଥାଏ । ତା'ପରେ ସେ ଆବଦ୍ଧ ହୋଇଯାଏ, ମୁକ୍ତହୋଇ ମଧ୍ୟ ଜାଲରେ ଛଟପଟ ହୁଏ । ବାନ୍ଧି ହୁଏ । ଛାଟିପିଟି ହୁଏ । ମସୀରେ ତା'ର ଏହି ଛାଟିପିଟି ହେବା ଦ୍ୱାରା ସୃଷ୍ଟି ହୁଏ କବିତା । ସେ ମୁକ୍ତ ହୁଏ । ପୁଣି ତା'ର ମାନସ ସନ୍ତାନ ସେହି କବିତା ଲାଗି ସେ ପୁଣି ଆବଦ୍ଧ ହୁଏ । ଏହି ଧାରା ଲାଗିରହେ, ବରାବର ଚାଲେ । କବି ସନ୍ତୋଷଙ୍କ କ୍ଷେତ୍ରରେ ଏହା ଅବଶ୍ୟ ପ୍ରଯୁଜ୍ୟ ।

'ସୂର୍ଯ୍ୟ ଉଇଁଲେ ରାତି' ସଂକଳନର ସମସ୍ତ କବିତା ସମ୍ବେଦନଶୀଳ ମନୋବୃତ୍ତିରେ ସମୃଦ୍ଧ । 'ଶେଷଚିଠି', 'ଆଲୋଡ଼ା ଏଲିଜି' ଓ 'ତୁମେ ଆସିଗଲେ' ପରି କବିତାର ଆବେଦନ ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥିଲାବେଳେ ଆଲୋଚ୍ୟ 'ଭୀମାଧୀବର' କବିତାରେ ଏହି ଭାବ ସାଂଦ୍ରତା ସହିତ ବ୍ୟଂଜନା ମଧ୍ୟ ରହିଛି । ମୃତ୍ୟୁବର ପ୍ରେମିକ ପ୍ରବର, ରସିକ ନାଗର । ସେ ଧୀବର । ସେ ଶ୍ରୀବର । କବିତାର ପ୍ରଥମ ପଙ୍କ୍ତିରେ ହିଁ କବିତାର ସାରକଥା ଲିପିବଦ୍ଧ ହୋଇଛି । ପ୍ରଜ୍ଞା ଓ ପ୍ରତିଭାର ମିଳନସ୍ଥଳୀ ହେଉଛି ଏହି କବିତା । ଫ୍ରାଙ୍କ୍‌ଲିନ୍, ସାଧାରଣ ଭାବରେ 'Poor Richard's Almanack' (Sept. 1733)ରେ ସ୍ଥାନିତ 'Death is a Fisherman' କବିତା ମଧ୍ୟରେ, ମୃତ୍ୟୁକୁ ଜଗତର ମାଲିକ ବା ଧୀବର ବୋଲି କହିଛନ୍ତି । ସାଧାରଣ ମରଣ ବାବଦରେ ଜରା, ରୋଗ-ବ୍ୟାଧି ଭାବରେ ସେ ମୃତ୍ୟୁ-ଧୀବରର ଜାଲକୁ ତୁଳନା କରିଛନ୍ତି । ସେ ମରଣଧୀବର ବଡ଼ କ୍ରୁର । ସେପରି ଭାବରେ ଅନ୍ୟ କେଉଟଙ୍କ ପରି ଏହି ଅତ୍ୟନ୍ତ ଦୟାଳୁ ନୁହେଁ । ଛୋଟବଡ଼ ଏହା କିଛି ଦେଖେ ନାହିଁ । କିନ୍ତୁ ସନ୍ତୋଷଙ୍କ କବିତାର ଉଚ୍ଚତା ଅଲଗା । ସେ ମୃତ୍ୟୁକୁ Cruel Fisherman ନକହି Kind Fisherman ଓ Lover Fisherman ଭାବରେ ଚିତ୍ରିତ କରିଛନ୍ତି । ମୃତ୍ୟୁ ଏପରି ଏକ ଧୀବର ଯେ, ଯାହା ଛୋଟବଡ଼ ସବୁ ମାଛ (ପ୍ରାଣୀ)କୁ ମାରେ । ମାତ୍ର ଅନ୍ୟ ସାଧାରଣ ଧୀବରମାନେ ଦୟାଳୁ । ସନ୍ତୋଷଙ୍କ କାବ୍ୟିକ ଚେତନାରେ ସେଇ ସମ୍ବେଦନଶୀଳତା ରହିଛି । ମୃତ୍ୟୁର ଏକ ସୌମ୍ୟ, ଶିବ, ସୁନ୍ଦର ଚିତ୍ର 'ଭୀମାଧୀବର'ରେ ଅଙ୍କିତ ହୋଇଥିଲାବେଳେ 'Death is a Fisherman' କବିତାରେ ମୃତ୍ୟୁର ଭୀମ, କ୍ରୁର ରୂପ ପ୍ରଦର୍ଶିତ । ମୃତ୍ୟୁର କରାଳ ହାତ, ମୃତ୍ୟୁର ନିଷ୍ଠୁର, ନିଷ୍ପକ୍ଷ ହାତ/ଛାଇ ତଳେ ଦିନେ ନା ଦିନେ ମଣିଷକୁ ଶୋଇଯିବାକୁ ପଡ଼େ । ତା' ଜାଲରେ ଆକାଶ ତଳେ ରହିଲା ପରି ଦିନେ ନା ଦିନେ ଧରା ପଡ଼ିବାକୁ ହୁଏ । କବି ବ୍ଲେକ୍‌ଙ୍କ ଭାଷାରେ-

"And into my garden stole
When the night had veild the pole,
In the morning glad I see
My foe out stretch'd beneath the tree."

(Ezekiel, Bharvari (ed.): 2001: 5)

ଏହି କବିତାଟିକୁ (A Poison Tree) ସଂପୂର୍ଣ୍ଣରୂପେ Franklinଙ୍କ ଚେତନାନୁସାରେ ଦେଖାଯାଇପାରେ । କିନ୍ତୁ ସନ୍ତୋଷଙ୍କ ଏହି କବିତାଟି ପାଠ କରିସାରିଲା ପରେ ବରଂ William Blakeଙ୍କ 'The Lamb' କବିତାର ପଙ୍କ୍ତିଟିଏ ମନେପଡ଼େ-

"Little Lamb, who made thee?
Dost thou know who made thee?
Gave thee life, and bid thee feed
By the stream and o'er the mead;
Gave thee clothing of delight
Softest clothing, woolly, bright;
Gave thee such a tender voice,
Making all the vales rejoice?"

(Sheppard (ed.): 1978: 25)

ମୃତ୍ୟୁ ଉଦ୍ଦେଶ୍ୟରେ ଉପନିଷଦ୍‌ରେ କୁହାଯାଇଛି- ***"ଶିବଃ ଶିବାନାମଶିବୋଽଶିବାନାମ୍"*** । ମାତ୍ର ସନ୍ତୋଷ ଏଠାରେ ମୃତ୍ୟୁକୁ ସମସ୍ତଙ୍କ ପାଇଁ ଶିବ ବୋଲି ପ୍ରମାଣ କରିଛନ୍ତି । "Christ is liturgically, 'Agus Dei qui tollis peccata mundi: Lamb of God who takest away the sins of the world". (Ibid: 24) ଏହି ମେଷଶାବକ ପରି ନିରୀହ ହେଉଛି ମୃତ୍ୟୁ । ତା' ଆଖିରେ ହିଂସ୍ରତା ବଦଳରେ ରହିଛି ଅଜସ୍ର ଭଲପାଇବା ଓ ସ୍ନେହ-ମମତା, ଯାହା ପ୍ରତିବଦଳରେ ଆମେସବୁ ନିର୍ବଳ, ନିସ୍ତେଜ ହୋଇଯାଉଁ । ଏଣୁ ଏ ସୂତ୍ରରେ ସନ୍ତୋଷଙ୍କ କବିତାର ଉଚ୍ଚତା ଯଥେଷ୍ଟ ଅଧିକ ବୋଲି ନିର୍ଦ୍ୱିଦ୍ୱରେ ସ୍ୱୀକାର କରାଯାଇପାରେ । ପୁଣି ଦର୍ଶନ ଓ ଦୃଷ୍ଟି ସ୍ୱାତନ୍ତ୍ୟ ଦିଗରୁ ଦେଖିବାକୁ ଗଲେ ଏଠାରେ ଉଭୟ କବିତା ଏକ ଦିଗକୁ ଇଂଗିତ କଲେ ମଧ୍ୟ ସନ୍ତୋଷଙ୍କ କବିତାରେ ବେଦାନ୍ତ ଦର୍ଶନ ସ୍ପଷ୍ଟ ପ୍ରତିଭାତ ହୋଇଥାଏ । ଏହା କେବଳ ଏହି କବିତା କାହିଁକି 'ସୂର୍ଯ୍ୟ

ଉଇଁଲେ ରାତି’ ଓ ତାଙ୍କର ଅନ୍ୟାନ୍ୟ ଅନେକ କବିତାର ଅନ୍ୟତମ ପ୍ରଧାନ ବୈଶିଷ୍ଟ୍ୟ ।

ସୂଚିତ ପୁସ୍ତକ

1. Barrow, A. E. T. & Fuste, J. (Ed.) (1989)- *Panorama: A selection of Poems*- Delhi: OUP.
2. Ezekiel, Nissim & Bharvani, Shakuntala (Ed.) (2001)- *The Best Words*- Chennai: Macmillan.
3. Franklin, Benjamin (1733)- Poor Richard's Almanack- mhtml.file:// F: Death is a Fisherman, by Benjamin Franklin.mht.
4. Sheppard, C. A. (Ed.) (1978)- *A pageant of Poems*- Bombay: Orient Longman.
5. ନାୟକ, ସନ୍ତୋଷ କୁମାର (୨୦୦୬)- ‘*ସୂର୍ଯ୍ୟ ଉଇଁଲେ ରାତି*- ବାଲେଶ୍ୱର: ବ୍ରହ୍ମୋଂସ୍ମି ।
6. ରାୟ, ଅପୂର୍ବ ରଂଜନ (୧୯୭୬)- ‘*କବିତା ବୀକ୍ଷା*’- କଟକ: ବିଦ୍ୟାପୁରୀ ।

❖❖❖

ବିଭାଗମୁଖ୍ୟ, ଓଡ଼ିଆ ବିଭାଗ

ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁର,

ବାଲେଶ୍ୱର-୭୫୬୦୨୦, ଓଡ଼ିଶା

ଭ୍ରାମ୍ୟଭାଷ- ୯୦୪୦୬୭୭୯୪୫

ଇମେଲ୍-

nayak.madhu99@gmail.com

❖❖❖

ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ଆଧୁନିକ କାବ୍ୟ ଜଗତର ଅମୂର୍ତ୍ତ ପ୍ରକାଶ କ୍ଷେତ୍ରରେ ଊନବିଂଶର ପତ୍ରପତ୍ରିକାର ଅବଦାନ

ଡକ୍ଟର ମନୋରଞ୍ଜନ ବିଷୋୟୀ

'ଆଧୁନିକତା' ବହୁ ବିତର୍କର ବଳୟରେ ଆତ୍ମପ୍ରକାଶ କରିଥିବା ଏକ କଠିନ ପ୍ରସଙ୍ଗ । ବିଶେଷ କରି ଆଧୁନିକତାକୁ ଆଲୋଚନା କରିବାକୁ ଗଲେ ବ୍ୟକ୍ତିକୁ ଅନେକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଊନବିଂଶର ଆଦ୍ୟପାଦରେ ଇଂରେଜମାନେ ଓଡ଼ିଶା ଅଧିକାର କରିଛନ୍ତି । ଇଂରେଜମାନଙ୍କ ଓଡ଼ିଶା ଅଧିକାର କରିବା ପରବର୍ତ୍ତୀ ସମୟରେ ଗତାନୁଗତିକ ଭାରତୀୟ ଏବଂ ସେହିସୂତ୍ରରେ ଓଡ଼ିଆ ଚେତନାରେ ମ୍ନ ଦେଖାଦେଇଛି ଏକ ଅଭିନବ ସମସ୍ୟା । ଓଡ଼ିଆ ସାମ୍ବାଦିକ ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ, ଜମିଜମା ବନ୍ଦୋବସ୍ତର ପ୍ରବର୍ତ୍ତନ ଫଳରେ ସାମାଜିକ ଜୀବନରେ ଯେପରି ସମସ୍ୟା ସୃଷ୍ଟି ହୋଇଛି ଠିକ୍ ସେପରି ଆତ୍ମ ପରିଚିତ ବା ଅସ୍ମିତାରେ ଆସିଛି ଏକ ନୂତନ ପ୍ରଶ୍ନବାଚୀ । ମ୍ନବିତ୍ତ ଶ୍ରେଣୀର ଅଭ୍ୟୁଦୟ ଏବଂ ପରିବର୍ତ୍ତିତ ବିଶ୍ୱଚେତନା ସହ ସମନ୍ୱୟ ପରମ୍ପରାର ମଣିଷକୁ ଏକ ନୂଆ ମୋଡ଼ରେ ଠିଆ କରାଇଛି । ସାଧାରଣତଃ ଆଧୁନିକତାକୁ ପାଶ୍ଚାତ୍ୟ ଚେତନା ସଂସର୍ଗଜନିତ ଏକ ଅନୁଭୂତି ଭାବରେ ଗ୍ରହଣ କରାଯାଇଥିବା ଲକ୍ଷ୍ୟ କରାଯାଏ । ଏକଥା ଅବଶ୍ୟ ସତ୍ୟ ଇଂରେଜମାନଙ୍କ ଆଗମନ ପରବର୍ତ୍ତୀ ସମୟରେ ପରମ୍ପରାରେ ଆସିଛି ଏକ ନୂତନ ପ୍ରଶ୍ନବାଚୀ । ଅନେକ ଆଧୁନିକତାକୁ ପରମ୍ପରାବିହୀନ ପରମ୍ପରା ଭିତରେ ଅଭିହିତ କରିଛନ୍ତି । କିନ୍ତୁ ଯଥାର୍ଥରେ ଆଧୁନିକତା ଏକ ପରମ୍ପରାବିହୀନ ପରମ୍ପରା ନୁହେଁ, ବରଂ, ତାହା ହେଉଛି ପରମ୍ପରାର ଏକ ପୁନଃ ବିକିରଣ । ଆପଣାକୁ, ଆପଣାର ପରିଚିତ ବିଶ୍ୱକୁ ଏବଂ ଐତିହ୍ୟକୁ ନୂଆ ଆଖିରେ ଦେଖିବା ହିଁ ହେଉଛି ଆଧୁନିକତା । ଏହି ଦୃଷ୍ଟିକୋଣ ନେଇ ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶଧାରାରେ ପତ୍ରପତ୍ରିକାର ଅବଦାନକୁ ବିଶ୍ଳେଷଣ କରିବାକୁ ଗଲାବେଳେ ଏକ ପରିବ୍ୟାପ୍ତ କ୍ଷେତ୍ରରେ ଆପଣାକୁ ଅବସ୍ଥାପିତ କରିଥିବା ପ୍ରତ୍ୟେକ ସଚେତକ ଗବେଷକ ବ୍ମ ହୁଏ ।

ସାହିତ୍ୟ ଏକ ବ୍ୟାପକ ଅନ୍ୱାନର କେନ୍ଦ୍ରବିନ୍ଦୁ । ଅହରହ ବ୍ୟକ୍ତିମାନସକୁ ଉଦ୍‌ବେଳିତ କରୁଥିବା ଏବଂ ସମାଧାନର ସରଳତମ ସୂତ୍ର ଖୋଜୁଥିବା ଅନୁଭୂତିର ଇତିବୃତ୍ତି ହେଉଛି ସାହିତ୍ୟ । କାଳର ବକ୍ଷରେ ଜନ୍ମ ନେଇ ମହାକାଳକୁ ଆବୋରି ନେବାର ଅନୁଭୂତି ହେଉଛି ସାହିତ୍ୟ । ତେଣୁ ଆଧୁନିକ ସାହିତ୍ୟ କହିଲେ; ଏହାକୁ ସମୟର କେଉଁ ବାଡ଼ବନ୍ଧରେ ଚିହ୍ନିତ କରିହେବ, ତାହା ନିର୍ଣ୍ଣୟ କରିବା ନିଶ୍ଚିତ ଭାବରେ ଏକ କଷ୍ଟକର ବ୍ୟାପାର । ତେବେ ଗତାନୁଗତିକ ଗଡ୍‌ଡ଼ାଳିକା ପ୍ରବାହରୁ ମୁକ୍ତ ହୋଇ; ଏକ ସମୟ ସଚେତନ ଏବଂ ସଂସ୍କୃତି ସଚେତନ ମାନବର ଜୀବନ ଓ ଜଗତ ଅନ୍ୱେଷାକୁ ଆଧୁନିକତା କହିଲେ ବୋଧହୁଏ ଭୁଲ ହେବନାହିଁ । ଏହା ଏକ ସୁଦୂର ପ୍ରସାରୀ ଦୃଷ୍ଟିକୋଣର ପ୍ରେକ୍ଷାପଟ୍ଟ ଏବଂ ଗଭୀର ଅନୁଶୀଳନର ଦ୍ୟୋତକ । ଏହି ଦୃଷ୍ଟିକୋଣକୁ ଅନୁଶୀଳନ କଲେ ଊନବିଂଶ ଶତାବ୍ଦୀର ଅଭିବ୍ୟକ୍ତିକୁ ଓଡ଼ିଆ ସାହିତ୍ୟର ପ୍ରେକ୍ଷାପଟ୍ଟରେ ଏକ ପୂର୍ଣ୍ଣ ସମୟ ଭାବରେ ଅଭିହିତ କରାଯାଇପାରେ । ମହାଭାରତୀୟ ମୂଳସ୍ରୋତକୁ ଆପଣାର ସ୍ୱତନ୍ତ୍ର ପରିଚିତି ନେଇ ଓଡ଼ିଆ ସାହିତ୍ୟ ଯେଉଁ ସ୍ୱକୀୟ ପ୍ରତିଭାରେ ଉଦ୍‌ଭାସିତ ହୋଇଥିଲା ତାହା ଊନବିଂଶରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛି । ଓଡ଼ିଆ ଭାଷା କହୁଥିବା ଏକ ଗୋଷ୍ଠୀ; ବଙ୍ଗ, ବିହାର ଓ ମାଡ୍ରାସ୍ ପ୍ରେସିଡ଼େନ୍ସି ଶାସନ କବଳରେ ରହି ହରାଇଛନ୍ତି ଆପଣାର ସ୍ୱାଭିମାନ । କିନ୍ତୁ ଏସବୁ ସତ୍ତ୍ୱେ ତଥାପି ବି ଏ ମାଟିର ମହତ୍ତ୍ୱ ମଳିନ ପଡ଼ିନାହିଁ । ପାଇକ ବିଦ୍ରୋହ ପରି ଏକ ଆନ୍ଦୋଳନ ଭିତରେ ଯେଉଁ ସ୍ୱରଟିଏ ସୃଷ୍ଟି ଲାଭ କରିଥିଲା ତାହା ୧୮୬୬ ନ'ଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ପୁନଃ ସଙ୍ଗଠିତ ହେବା ନିମନ୍ତେ ଉଦ୍ୟମ ଆରମ୍ଭ କରିଛି । ସୁଖର କଥା ଏକ ବିଡ଼ମ୍ବିତ କାଳରେ ପତ୍ରପତ୍ରିକାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଆଧୁନିକ ଦୃଷ୍ଟିଭଙ୍ଗୀ ଥିଲା ପରୀକ୍ଷାଧର୍ମୀ । ସରଳ ବିଶ୍ୱାସର ଅନ୍ତରଙ୍ଗ ପରିସରକୁ ପରିତ୍ୟାଗ କରି ଯୁକ୍ତିକୁ ଆବୋରି ନେଇଥିଲା ଏ ସମୟ । ଗଦ୍ୟ ସାହିତ୍ୟର ପୁନଃ ଅଭ୍ୟୁଥାନ ଥିଲା ଏ ସମୟର ସାହିତ୍ୟ ଏବଂ ଆଧୁନିକତାକୁ ଗଦ୍ୟର ଯୁଗ କହିଲେ ବୋଧହୁଏ ସତ୍ୟର ଅପଳାପ ହେବ ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ କଳାପ୍ରେମୀ ଓଡ଼ିଆଙ୍କ ପାଇଁ ସାହିତ୍ୟର ଶ୍ରେଷ୍ଠ ମ୍ନମ ହୋଇଥିଲା କାବ୍ୟ । ଏ ସମୟର ସାହିତ୍ୟକୁ ଦିଗ୍‌ଦର୍ଶନ ଦେଇଥିବା ତ୍ରିବିଧ ପ୍ରତିଭା ରାଧାନାଥ, ମଧୁସୂଦନ ଏବଂ 'କୀରମୋହନ ଆପଣା ବାଗରେ କାବ୍ୟସାଧନାରେ ଆପଣାକୁ ନିୟୋଜିତ କରିଥିଲେ । ଓଡ଼ିଶାରେ ତାଳପତ୍ର ଯୁଗର ପରବର୍ତ୍ତୀ ପ୍ରସାରଣ ମ୍ନମ ଥିଲା ମୁଦ୍ରାଯନ୍ତ୍ର । ଖ୍ରୀଷ୍ଟିୟାନ୍ ମିଶ୍‌ନାରୀମାନଙ୍କ ଦ୍ୱାରା ୧୮୩୭ ମସିହାରେ ପ୍ରତିଷ୍ଠା ହୋଇଥିଲା ମୁଦ୍ରାଯନ୍ତ୍ର । ସେମାନଙ୍କ ଉଦ୍ୟମରେ ୧୮୪୯ରେ 'ଜ୍ଞାନାରୁଣ' ଏବଂ ପରେ ପରେ 'ପ୍ରବୋଧ ଚନ୍ଦ୍ରିକା' ଏବଂ 'ଅରୂଣୋଦୟ' ପ୍ରକାଶ ପାଇଥିଲା । କିନ୍ତୁ ୧୮୬୬ ମସିହାରେ 'ଉତ୍କଳ ଦୀପିକା'ର ପ୍ରକାଶ ପରେ ପରେ ପ୍ରକାଶନ କ୍ଷେତ୍ରରେ ଆସିଥିଲା ଏକ ଅଭୁତପୂର୍ବ ପରିବର୍ତ୍ତନ । 'ସମ୍ବାଦବାହିକା', 'ଉତ୍କଳ ହିତୈଷିଣୀ', 'ସ୍ୱଦେଶୀ', 'ପ୍ରଜାବନ୍ଧୁ', 'ଓଡ଼ିଆ', 'ସମ୍ବଲପୁର ହିତୈଷିଣୀ', 'ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳ ମଧୂପ',

'ଉତ୍କଳ ଦର୍ପଣ', 'ଶିକ୍ଷାବନ୍ଧୁ' ଆଦି ପତ୍ରିକା ପ୍ରକାଶ ପାଇବା ସହ; ରାଜନୈତିକ, ଆତ୍ମିକ, ସାଂସ୍କୃତିକ ଏବଂ ସର୍ଜନା କ୍ଷେତ୍ରରେ ସୃଷ୍ଟି ହୋଇଥିଲା ଏକ ବିରାଟ ପରିବର୍ତ୍ତନ । ଶତାବ୍ଦୀର ଶେଷପାଦରେ 'ଉତ୍କଳ ସାହିତ୍ୟ' (୧୮୯୭) ଏବଂ ଆଦ୍ୟ ପର୍ଯ୍ୟାୟରେ 'ଉତ୍କଳ ଦର୍ପଣ' (୧୮୭୩) ଓଡ଼ିଶାର ସାରସ୍ୱତ ଜଗତକୁ ଅଭିନବ ଦୀପ୍ତି ପ୍ରଦାନ କରିଅଛି । ଊନବିଂଶର ଆଦ୍ୟପାଦରେ ଓଡ଼ିଆ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ସ୍ରଷ୍ଟା ରାଧାନାଥ । ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟରେ ତାଙ୍କ କାବ୍ୟ ଜଗତ ହୋଇଛି ଦୀପ୍ତିବାନ । ଆହରଣ, ସମୀକରଣ ଭିତରେ ତାଙ୍କ ବ୍ୟକ୍ତିତ୍ୱ ହୋଇଛି ବହୁଚର୍ଚ୍ଚିତ । ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ତ୍ରିବିଧ ବର୍ଣ୍ଣାଳୀରେ କାବ୍ୟଧାରା ଅଭିନବ ଅନୁଭୂତି ପ୍ରଦାନ କରିଛି । ବଙ୍ଗଳା କବିତାବଳୀରୁ ସର୍ଜନୀ ଦୁନିଆରେ ପାଦ ଥାପି ଭୂଦେବ ବାବୁଙ୍କ ପ୍ରେରଣାରେ ସେ ଓଡ଼ିଆ ସାହିତ୍ୟରେ ଅନୁପ୍ରବେଶ କରିଛନ୍ତି । 'ଉତ୍କଳ ଦର୍ପଣ' ପତ୍ରିକାରେ ପ୍ରକାଶ ପାଇଛି 'ମେଘଦୂତ' । ଅନୁବାଦ କୁଶଳତାର ଅପୂର୍ବ ପରାକାଷ୍ଠାକୁ ଏହି ପତ୍ରିକା ପ୍ରଦର୍ଶିତ କରିଛି । ପରବର୍ତ୍ତୀ ସମୟରେ ୧୮୮୬ ରେ 'ଶିକ୍ଷାବନ୍ଧୁ' ପତ୍ରିକାରେ 'କେଦାରଗୌରୀ' ପ୍ରକାଶ ପାଇ ରାଧାନାଥଙ୍କୁ ଦେଇଛି ଅପୂର୍ବ ଲୋକପ୍ରିୟତା କିନ୍ତୁ 'ସଂସ୍କାରକ' ପତ୍ରିକାରେ ଏ ସମ୍ପର୍କରେ ସେକ୍ସପିଅରଙ୍କ 'ପିରାମସ୍ ଥିସ୍‌ବି' କବିତା ସମ୍ପର୍କରେ ଆଲୋଚନା ରାଧାନାଥଙ୍କୁ ଏକ ନୂଆ ଅନୁଭୂତି ପ୍ରଦାନ କରିଛି । ୧୮୮୬ ରେ ପ୍ରକାଶିତ 'ଚନ୍ଦ୍ରଭାଗା', ୧୮୮୭ 'ନବସମ୍ବାଦ'ରେ ପ୍ରକାଶିତ 'ନନ୍ଦିକେଶ୍ୱରୀ', ୧୮୮୮ରେ 'ଉଷା', ୧୮୯୦ରେ 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ 'ପାର୍ବତୀ' ରାଧାନାଥଙ୍କୁ ଦେଇଛି ଅପୂର୍ବ ପାଠକୀୟ ସ୍ୱୀକୃତି । ଏ ସମନ୍ୱୟଧର୍ମୀ ରୂପଚିତ୍ର ରାଧାନାଥଙ୍କ କଳାକୁଶଳତାର ଅପୂର୍ବ ପରିଚୟ ପ୍ରଦାନ କରିଥାଏ । ରାଧାନାଥଙ୍କ ସମ୍ପର୍କରେ ୧୮୮୫ ଫେବୃୟାରୀ ୨୬ ତାରିଖ 'ବାଲେଶ୍ୱର ସମ୍ବାଦବାହିକା'ରେ ପ୍ରକାଶ ପାଇଥିବା ମନ୍ତବ୍ୟ ଏ କ୍ଷେତ୍ରରେ ବେଶ ପ୍ରଣିଧାନଯୋଗ୍ୟ । ଏଥିରେ କୁହାଯାଇଥିଲା- "ଆମେମାନେ କ୍ରମେ ଓଡ଼ିଆ ଭାଷାର ଦୁର୍ଦ୍ଦଶା ଦେଖି ସର୍ବଦା ଦୁଃଖିତ ଅଛୁ । ପାଞ୍ଚ ସାତ ବର୍ଷ ହେଲା ଓଡ଼ିଶାରେ ଯେଉଁ ସବୁ ପାଠ୍ୟପୁସ୍ତକ ପ୍ରକାଶିତ ହେଉଅଛି, ସେହି ସବୁ ପୁସ୍ତକର ଭାଷା ବିଶୁଦ୍ଧ ଓଡ଼ିଆ ନୁହେଁ । ସେଥିପୂର୍ବେ ଓଡ଼ିଶାରେ ଯେଉଁସବୁ ପୁସ୍ତକ ପ୍ରକାଶିତ ହୋଇଥିଲା, ସେଥିମଧ୍ୟରୁ ସମସ୍ତଙ୍କର ନହେଉ ଅଧିକାଂଶ ପୁସ୍ତକର ଭାଷା ବିଶୁଦ୍ଧ ଥିଲା । × × × ଆମ୍ଭମାନଙ୍କ ବିବେଚନାରେ ବର୍ତ୍ତମାନ ସ୍କୁଲ ସମୂହର ଜଏଣ୍ଟ ଇନ୍‌ସପେକ୍ଟର ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟ ଏଥି ନିମନ୍ତେ ଦାୟୀ ଅଟନ୍ତି ଏବଂ ଆମ୍ଭେମାନେ ତାଙ୍କୁ ଦୋଷ ଦେଉଅଛୁ ।" (ସାମନ୍ତରାୟ, ନଟବର, ଓଡ଼ିଶା ସାହିତ୍ୟର ଇତିହାସ, ପୃ-୨୮୭) ରାଧାନାଥ ଅତି ସଚେତନତାର ସହ ବିଦେଶୀ କଥାବସ୍ତୁ ଗ୍ରହଣ କରିଛନ୍ତି ଏବଂ ଏଥିନିମନ୍ତେ ସମାଲୋଚନାର ଶରବ୍ୟ ହେବାକୁ ବାଧ୍ୟ ହୋଇଛନ୍ତି । 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ 'ପାର୍ବତୀ' କାବ୍ୟ ରାଧାନାଥଙ୍କୁ କରିଛି ବହୁ ଭାବରେ ନିନ୍ଦିତ । ଏ ସମ୍ପର୍କରେ ସୁତ୍ରଳ ଦେବଙ୍କ ମନ୍ତବ୍ୟ 'ସହକାର'ରେ ପ୍ରକାଶ ପାଇଛି - "ଯାହାଙ୍କର ପକ୍ଷ ସମର୍ଥନ କରିବାକୁ ଆମ୍ଭେମାନେ ଅର୍ଥ ବ୍ୟୟ ଓ ମାନସିକ ପରିଶ୍ରମ କରୁଛୁ, ସେ ଆମ୍ଭମାନଙ୍କର ମୁଖରେ କାଳି ଲଗାଇବାକୁ ତିଳେମାତ୍ର ସଙ୍କୋଚବୋଧ କଲେନାହିଁ । ଅବୈଧ ଅଶ୍ଳୀଳ ଇଙ୍ଗିତ ଦ୍ୱାରା ଏହାଙ୍କର ଲେଖନୀ ରାଜକାବ୍ୟରେ ପ୍ରକାଶ୍ୟ ଅଶ୍ଳୀଳ ଲେଖାରୁ ବଳିଗଲା । ତାଛଡ଼ା ଏହା ଯେ କେବଳ ତାଙ୍କ ପକ୍ଷ ସମର୍ଥନକାରୀଙ୍କର ମୁଖ ବନ୍ଦ କଲା ତାହା ନୁହେଁ ପୁଣି ଉତ୍କଳର ପବିତ୍ର ବଂଶର ପୁଣ୍ୟଶ୍ଳୋକ ଗଙ୍ଗେଶ୍ୱରଙ୍କ ମୁଖରେ କଳଙ୍କ କାଳିମା ଲେପନ କଲା ।" (ସାମନ୍ତରାୟ, ନଟବର, ଯୁଗପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ, ନ୍ୟୁ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ପୃ-୮୪)

ପରବର୍ତ୍ତୀ 'ଚିଲିକା' ଏବଂ 'ମହାଯାତ୍ରା' ରାଧାନାଥଙ୍କୁ ଏକ ଭିନ୍ନ ପରିସରରେ ଉପସ୍ଥାପିତ କରିଛି । ସମସ୍ତ ସତର୍କତା ସତ୍ତ୍ୱେ ସେ ପାଶ୍ଚାତ୍ୟ ମୋହରୁ ମୁକ୍ତି ପାଇପାରିନାହାନ୍ତି । 'ଇନ୍ଦ୍ରଧନୁ ଓ ବିଜୁଳି' ପରି ଐତିହାସିକ ବିବାଦ ପରେ ରାଧାନାଥ ଆନ୍ଦୋଳିତ ଚିତ୍ତରେ କାଳ ଅତିବାହିତ କରିଛନ୍ତି । ଏ ସମୟ ଭିତରେ 'ଯଯାତିକେଶରୀ', 'ତୁଳସୀ ସ୍ତବକ', 'ଦରବାର' ପରି କାବ୍ୟ ସୃଷ୍ଟି ଲାଭ କରିଛି । ତତ୍‌କାଳୀନ ପତ୍ରପତ୍ରିକା ରାଧାନାଥଙ୍କ ସୃଷ୍ଟିକୁ ବିକଶିତ କରିବା ଦିଗରେ ଯେପରି ଭୂମିକା ଗ୍ରହଣ କରିଛି ଠିକ୍ ଅନ୍ୟପକ୍ଷରେ 'ପାର୍ବତୀ' ଓ 'ଦରବାର'ର ଅକାଳ ସମାପ୍ତି ପାଇଁ ଉତ୍ତରଦାୟୀ ରହିଛି । କିନ୍ତୁ ଏକଥା ସ୍ପଷ୍ଟ 'ଇନ୍ଦ୍ରଧନୁ ଓ ବିଜୁଳି' ଠାରୁ 'ଉତ୍କଳ ସାହିତ୍ୟ' ପର୍ଯ୍ୟନ୍ତ ସେ ସମୟର ମୁଖ୍ୟ ପତ୍ରିକା ଗୁଡ଼ିକ ଆଲୋଚନା ଓ ସମାଲୋଚନାର ମାର୍ଗକୁ ପ୍ରଶସ୍ତ କରିଛି । ମଧୁସୂଦନଙ୍କ ଆତ୍ମିକ ଅନ୍ୱେଷାବାଦୀ କବିତା 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ପାଇଛି । ଏହାବ୍ୟତୀତ 'ପ୍ରବନ୍ଧମାଳା' (୧୮୮୦), 'ଅବଧାନ ବନ୍ଧୁ' (୧୮୮୩), 'ଛାନ୍ଦ ମାଳା' ଏହି ପତ୍ରିକାରେ ପ୍ରକାଶ ପାଇଛି । ଏ ସମ୍ପର୍କରେ କୁହାଯାଇଛି - "ସମାଲୋଚ୍ୟ ପୁସ୍ତକ ଖଣ୍ଡିକ କବି ପ୍ରଧାନତଃ ବିଦ୍ୟାଳୟର ବାଳକ ବାଳିକାମାଙ୍କ ନିମନ୍ତେ ଲେଖିଅଛନ୍ତି । ମାତ୍ର ଏହି ଅତ୍ୟୁତ୍କୃଷ୍ଟ କବିତା ଗୁଡ଼ିକ ଯେ, ସାଧାରଣ ପାଠକମଣ୍ଡଳୀର ଅତ୍ୟନ୍ତ ଉପଯୋଗୀ ତାହା ବୋଲିବା ବାହୁଲ୍ୟମାତ୍ର ।" (ସାମନ୍ତରାୟ, ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ପୃ-୩୪୦) ମଧୁସୂଦନ ସୃଷ୍ଟିକୁ ପ୍ରସାରିତ କରିବା ଦିଗରେ 'ମୁକୁର' ପତ୍ରିକାର ଅବଦାନ ସ୍ମରଣୀୟ । ସେନାପତିଙ୍କ 'ଉତ୍କଳ ଭ୍ରମଣ', 'ବାଲେଶ୍ୱର ସମ୍ବାଦବାହିକା', 'ଉତ୍କଳ ଦୀପିକା', 'ଓଡ଼ିଆ ନବ ସମ୍ବାଦ'ରେ ପ୍ରକାଶ ପାଇଛି । 'ଉତ୍କଳ ପ୍ରଭା' ସେନାପତିଙ୍କୁ ପାଠକ ମହଲରେ ପରିଚିତ କରାଇଛି । ସାର୍ ବାସୁଦେବ ସୁଢ଼ଳଦେବଙ୍କ ପ୍ରତିଷ୍ଠିତ 'ଜଗନ୍ନାଥ ବଲ୍ଲଭ ପ୍ରେସ୍' ଓଡ଼ିଆ ମୁଦ୍ରଣ ସାହିତ୍ୟକୁ ଦେଇଛି ଭିନ୍ନ ପରିଚିତି । ତାଙ୍କ ରଚିତ 'ଚିତ୍ରୋତ୍ପଳା' ଏବଂ 'ବୀର ବାମା' ସାଧୁଚରଣଙ୍କ 'ଭାବ କୁସୁମ', 'ଧ୍ରୁବଚରିତ' ଏବଂ ଚନ୍ଦ୍ରମୋହନ ମହାରଣାଙ୍କ 'ବସନ୍ତ' ଏହି ପତ୍ରିକା ମାଧ୍ୟମରେ ପାଠକ ମହଲରେ ପହଞ୍ଚିପାରିଛି । ଦାମୋଦର ପଟ୍ଟନାୟକ, ଗୋପାଳ ବଲ୍ଲଭ ଦାସ, ରେବା ରାୟ, କୃଷ୍ଣ ପ୍ରସାଦ ଚୌଧୁରୀ ଏହି ପତ୍ରିକା ମାଧ୍ୟମରେ ଏକ ସାରସ୍ୱତ ଆନ୍ଦୋଳନ ଆରମ୍ଭ କରିଛନ୍ତି । ସଚ୍ଚିଦାନନ୍ଦ

ତ୍ରିଭୂବନ ଦେବ, ବଡ଼ କୁମାର ବଳଭଦ୍ର ଦେବ, ଗଙ୍ଗାଧର ମେହେର ପତ୍ରିକା ମାଧ୍ୟମରେ ହିଁ ଲୋକଲୋଚନକୁ ଆସିପାରିଛନ୍ତି । 'ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳ ପ୍ରଭା'ରେ ମେହେରଙ୍କ 'ଅହଲ୍ୟା ସ୍ତବ', 'ଅଯୋଧ୍ୟା ଦୃଶ୍ୟ' ପ୍ରକାଶ ପାଇ ବିପୁଳ ପାଠକୀୟ ସ୍ୱୀକୃତି ଲାଭ କରିଛି । ନନ୍ଦ କିଶୋରଙ୍କ 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ସମ୍ବଲପୁର ହିତୈଷିଣୀ' ପ୍ରକାଶ ପାଇ ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଛି । ଏ ସମ୍ପର୍କରେ ବିଶ୍ୱନାଥ କର କହନ୍ତି – "ନିର୍ଝରିଣୀରେ କବିଙ୍କର ଶକ୍ତି ଉଜ୍ଜ୍ୱଳତର ରୂପେ ପ୍ରକାଶିତ ହୋଇଛି । × × × ଏହାର ପ୍ରତ୍ୟେକ କବିତା ମଧୁର ଚିତ୍ତାକର୍ଷକ ଓ ପ୍ରୀତିପଦ ।" (ସାମନ୍ତରାୟ, ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ପୃ-୫୯୦) ଏତଦ୍‌ବ୍ୟତୀତ କବି ଶେଖର ଚିନ୍ତାମଣି ମହାନ୍ତି, ଶ୍ୟାମବନ୍ଧୁ ଦାସ, ମୃତ୍ୟୁଞ୍ଜୟ ରଥ, ପଦ୍ମଚରଣ ପଟ୍ଟନାୟକ ଏ ପତ୍ରିକା ମାଧ୍ୟମରେ ଲୋକ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି ।

ଓଡ଼ିଆ ସାହିତ୍ୟର ବିକାଶରେ ଗଦ୍ୟ ସାହିତ୍ୟ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲେ ହେଁ, ପଦ୍ୟ ସାହିତ୍ୟ ଯଥା ସମୟରେ ଉନ୍ମୋଚିତ କରିଥିଲା ସର୍ଜନା ଓ ସମାଲୋଚନାର ଏକ ନୂତନ ମାର୍ଗ । 'ଇନ୍ଦ୍ରଧନୁ ଓ ବିଜୁଳି' ପରି ପତ୍ରିକା ଆଲୋଚନା, ସମାଲୋଚନା ନିମନ୍ତେ ଯେପରି ମାର୍ଗ ପ୍ରଶସ୍ତ କରିଥିଲା ଠିକ୍ ସେହିପରି ଊନବିଂଶର ଅନ୍ୟାନ୍ୟ ପତ୍ରିକା ସର୍ଜନା ନିମନ୍ତେ ଦେଇଥିଲା ଏକ ଅଭିନବ ପଦକ୍ଷେପ । ସୀମିତ ମୁଦ୍ରଣ ଶିଳ୍ପ ଏବଂ ପ୍ରସାରର ଆବଶ୍ୟକତା ଦୃଷ୍ଟିରୁ ପତ୍ରପତ୍ରିକା ଗୁଡ଼ିକ ଥିଲା ସର୍ଜନାର ଏକମାତ୍ର ମାଧ୍ୟମ । ଓଡ଼ିଆ କାବ୍ୟ ଜଗତରେ ପରମ୍ପରା ଓ ନୂତନତାର ସମନ୍ୱୟ ପତ୍ରିକା ମାଧ୍ୟମରେ ଜନମାନସକୁ ପ୍ରସାରିତ ହୋଇଥିଲା । ଯଥାର୍ଥରେ କହିଲେ ନୂତନ କାବ୍ୟଧାରାର ବିକାଶରେ ଊନବିଂଶର ପତ୍ରପତ୍ରିକା ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଏଥିରେ ସନ୍ଦେହ ନାହିଁ ।

–୦–

ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭

ସଂପର୍କ: ୮୮୯୫୧୪୧୭୨୭

ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
Peer Reviewed and Referred Research Journal

ସଂସ୍କୃତିର ସ୍ତରଭେଦ ଓ ଲୋକସଂସ୍କୃତି

ଡ.ଶରତ କୁମାର ଜେନା

'ଲୋକ ସଂସ୍କୃତି ବା ଫୋକଲର୍' ଆଧୁନିକ କାଳର ଜ୍ଞାନରାଜ୍ୟ କ୍ଷେତ୍ରରେ ଗୋଟିଏ ବିଶିଷ୍ଟ ବିଦ୍ୟା ଭାବରେ ପରିଚିତ। ବିଶ୍ୱର ବିଭିନ୍ନ ବିଦ୍ୟାୟତନିକ ଶାସ୍ତ୍ର ମଧ୍ୟରେ ଲୋକସଂସ୍କୃତି ବିଦ୍ୟା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି। ଇଂରାଜୀରେ ଯାହା 'ଫୋକଲର୍' ଭାବରେ ସୁପରିଚିତ, ସାଧାରଣ ଭାବେ ଓଡ଼ିଆରେ ତାକୁ 'ଲୋକସଂସ୍କୃତି' ବା 'ଲୋକବିଦ୍ୟା' ବୋଲି କୁହାଯାଏ। କହିବା ବାହୁଲ୍ୟ, ଲୋକସଂସ୍କୃତି ହେଉଛି ବୃହତ୍ତର ସଂସ୍କୃତିର ଏକ ଅଙ୍ଗ। ତେଣୁ ଲୋକସଂସ୍କୃତି ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ସାମଗ୍ରିକ ଭାବେ ସଂସ୍କୃତିର ସ୍ୱରୂପ ବା ବୈଶିଷ୍ଟ୍ୟ ସମ୍ପର୍କରେ ଅବହିତ ହେବା ଆବଶ୍ୟକ। ସାଧାରଣତଃ ସଂସ୍କୃତି କହିଲେ ସାହିତ୍ୟ, ଶିଳ୍ପ, ନୃତ୍ୟ, ସଙ୍ଗୀତ ଆଦିକୁ ବୁଝାଏ। ଏଇ ଅର୍ଥରେ ଆମେ ସାଂସ୍କୃତିକ ଅନୁଷ୍ଠାନର କଥା କହୁ ଏବଂ ସାଧାରଣ ଭାବେ ସାଂସ୍କୃତିକ ଅନୁଷ୍ଠାନ କହିଲେ, ନାଚ, ଗୀତ, ଅଭିନୟ, ଆବୃତ୍ତି, ଆଦିକୁ ନିର୍ଦ୍ଦେଶ କରାଯାଏ। କିନ୍ତୁ ଗଭୀର ଅର୍ଥରେ ଏବଂ ଲୋକସଂସ୍କୃତି ବିଜ୍ଞାନର ଦୃଷ୍ଟିରେ ସଂସ୍କୃତି ଶବ୍ଦଟିର ଅର୍ଥ ବ୍ୟାପକ। ତାହା କେବଳ ମାତ୍ର ନାଚ, ଗୀତ, ଇତ୍ୟାଦି ମଧ୍ୟରେ ସୀମାବଦ୍ଧ ନୁହେଁ। ଲୋକସଂସ୍କୃତି ବିଜ୍ଞାନ ବା ସାଂସ୍କୃତିକ ନୃତତ୍ତ୍ୱ ଦୃଷ୍ଟିକୋଣରୁ କୁହାଯାଏ; ମାନବ ଜୀବନର ଯାବତୀୟ କର୍ମଧାରା ବା ଅଭିବ୍ୟକ୍ତି ହିଁ ସଂସ୍କୃତି। ପାଶ୍ଚାତ୍ୟ ସଂସ୍ପର୍ଶରେ ଆମେ ବିଶେଷଭାବେ ଉସଙ୍ଗସକ୍ଷସସ୍ପବସ୍ପସକ୍ଟଭ ଓ ଉଙ୍କକ୍ଷସ୍ପଙ୍କସ୍ପର ଶବ୍ଦଟି ଗ୍ରହଣ କରୁଛୁ। ସାଧାରଣ ଭାବେ ଉସଙ୍ଗସକ୍ଷସସ୍ପବସ୍ପସକ୍ଟଭର ଅର୍ଥ ସଭ୍ୟତା, ଯାହା ମୂଳତଃ ମାନବ ସମାଜର 'ବହିଃରଙ୍ଗ' ବା 'ପାର୍ଥିବ ଦିଗ' ଏବଂ ଉଙ୍କକ୍ଷସ୍ପଙ୍କସ୍ପରର ଅର୍ଥ ସଂସ୍କୃତି, ଯାହା ସୁଉନ୍ନତ, ଆଳଙ୍କାରିକ, ଅନ୍ତରଙ୍ଗ, ଆତ୍ମିକ ଭାବସମ୍ପଦକୁ ବୁଝାଏ। 'ଐତରେୟ ବ୍ରାହ୍ମଣ' ଗ୍ରନ୍ଥାନୁସାରେ– "ଆତ୍ମସଂସ୍କୃତିର୍ବାବ ଶିଳ୍ପାନି....ଆତ୍ମାନଂ ସଂସ୍କୁରୁତେ"– ଅର୍ଥାତ୍ ଶିଳ୍ପ ସମୂହ ହେଉଛି ଆତ୍ମାର ସଂସ୍କୃତି ଏବଂ ଶିଳ୍ପକର୍ମଦ୍ୱାରା ଆତ୍ମାର ସଂସ୍କୃତି ସାଧନ ହୁଏ, ତାହା ଜନଗୋଷ୍ଠୀ ଓ ସମାଜଧାରାର ବାସ୍ତବତା ଓ ମାନସକ୍ରିୟା-ପ୍ରତିକ୍ରିୟା ଓ ସୃଜନଶୀଳତାର ସାମଗ୍ରିକ ଉପାଦାନ ଉପକରଣର ନିର୍ଦ୍ଦେଶକ। ଲାଟିନ୍ 'କଲଚର୍' ଓ ଜର୍ମାନ୍ 'କୁଲ୍‌ତୁର୍' ଶବ୍ଦ ରୂପର ବ୍ୟୁତ୍ପତ୍ତିଗତ ଅର୍ଥର ବ୍ୟଞ୍ଜନାରୁ ଦୂରେଇ ବର୍ତ୍ତମାନ ନୃ-ସମାଜତତ୍ତ୍ୱିକ ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ–

Culture is the central concept of anthropology and denotes all the knowledge, technologies, values, beliefs, customs and behaviors common to people." All that is socially transmited in society, Including artistic, social, ideological and religious patterns of behavior, and the techniques for mastering the environment."

ପ୍ରକୃତରେ କହିଲେ – ମନୁଷ୍ୟର ସାମଗ୍ରିକ ଭାବେ ଥିବା ଇତିହାସ ହିଁ ସଂସ୍କୃତି, ଯାହା ସମାଜ ଓ ଜୀବନଯାପନର ସାମଗ୍ରିକ ପ୍ରତିକ୍ରିୟାର ପ୍ରତିରୂପ।

ବିଶିଷ୍ଟ ଅର୍ଥରେ ତାହା ହେଉଛି, ସଂସ୍କୃତି ଭିତରେ ଯେମିତି ନାଚ, ଗୀତ, ଅଭିନୟ, ଶିଳ୍ପକଳା, ପ୍ରଭୃତି ଅନ୍ତର୍ଭୁକ୍ତ ହୁଏ, ସେମିତି ମନୁଷ୍ୟର ଆଚାର, ଆଚରଣ, ବିଶ୍ୱାସ, ସଂସ୍କାର, ଖାଦ୍ୟ, ଔଷଧ, ପଥ୍ୟ, ଘରଦ୍ୱାର, ଆସବାବପତ୍ର, ବ୍ୟାବହାରିକ ସାମଗ୍ରୀ, ପୋଷାକ ପରିଚ୍ଛେଦ, ଧର୍ମ, ଉତ୍ସବ ପ୍ରଭୃତି ସବୁ କିଛି ହିଁ ସଂସ୍କୃତି ଅନ୍ତର୍ଭୁକ୍ତ। ଏହି ବ୍ୟାପକ ଅର୍ଥରେ ସଂସ୍କୃତିକୁ ନୃତତ୍ତ୍ୱ ଓ ସମାଜ ତତ୍ତ୍ୱର ବିଷୟ ଭାବରେ ଗଣନା କରାଯାଏ ଏବଂ ଲୋକସଂସ୍କୃତି ବିଜ୍ଞାନ ମଧ୍ୟ ସଂସ୍କୃତିକୁ ଏଇ ବୃହତ୍ତର ଅର୍ଥରେ ଗ୍ରହଣ କରେ।

ଲୋକସଂସ୍କୃତି ବିଜ୍ଞାନ ଦୃଷ୍ଟିରେ କୁହାଯାଏ, ସଂସ୍କୃତି ଏକାନ୍ତ ଭାବେ ମନୁଷ୍ୟର ଜୀବନ ଇତିହାସ ଓ ସଭ୍ୟତାର କ୍ରମବିକାଶର ଇତିହାସ ସଙ୍ଗେ ଜଡ଼ିତ। ସାଧାରଣତଃ ବିଶେଷ ପରିଶୀଳିତ ବା ପରିମାର୍ଜିତ ଅର୍ଥରେ ସଂସ୍କୃତିକୁ ଗ୍ରହଣ କରାଯାଏ ଏବଂ ଏଇ ଅର୍ଥରେ ବିଦଗ୍ଧ ମନୁଷ୍ୟକୁ ବା ଉନ୍ନତ ପର୍ଯ୍ୟାୟର ମନୁଷ୍ୟକୁ ସଂସ୍କୃତିବାନ ହିସାବରେ ଚିହ୍ନିତ କରାଯାଏ। ସଂସ୍କୃତିର ଏହି ରୂପ ଚିହ୍ନିତକରଣ ବା ମାନନିର୍ଦ୍ଦେଶ କିନ୍ତୁ ଅବୈଜ୍ଞାନିକ। କାରଣ ସବୁପ୍ରକାର ଅବସ୍ଥାନ ଭିତରେ ହିଁ ମନୁଷ୍ୟର ସଂସ୍କୃତି ବିକଶିତ ହୁଏ। ଐତିହାସିକ, ଭୌଗୋଳିକ ଏବଂ ସାମାଜିକ-ଅର୍ଥନୀତିକ ପରିସ୍ଥିତି ଅନୁସାରେ ସଂସ୍କୃତି ବିଭିନ୍ନ ରୂପରେ ଆତ୍ମପ୍ରକାଶ କରେ। ମଣିଷର ସମାଜ ଓ ସଭ୍ୟତାର କ୍ରମବିକାଶର ଧାରା ଅନୁସରଣ କରେ। ତେଣୁ ସଂସ୍କୃତି ମଧ୍ୟ ନାନା ରୂପରେ ଉଦ୍‌ଭବ ଓ ବିକାଶ ଘଟେ। ସମାଜ ଓ ସଭ୍ୟତାର ବିକାଶର ଏକ ପ୍ରାନ୍ତରରେ ଯେମିତି ଆଦିମ ସମାଜ ଅଛି, ସେମିତି ଅନ୍ୟ ପ୍ରାନ୍ତରେ ଅଛି କ୍ରମବିକଶିତ ଉନ୍ନତ ପର୍ଯ୍ୟାୟ ବା ଅଗ୍ରଗତି ସମାଜ। ସ୍ୱଭାବତଃ ସମାଜ ଓ ସଭ୍ୟତାର ବିକାଶରେ ଏଇ ପର୍ଯ୍ୟାୟ

ବା ସ୍ତରଭେଦ ଅନୁସାରେ ହିଁ ସଂସ୍କୃତିର ମ୍ଭ ସ୍ତରଭେଦ ବା ରୂପଭେଦ ଦେଖାଯାଏ । ସର୍ବତ୍ର ବା ସବୁକ୍ଷେତ୍ରରେ ସଂସ୍କୃତି ସବୁ ରୂପରେ ଆତ୍ମପ୍ରକାଶ କରେ ନାହିଁ । ସମାଜ ଓ ଇତିହାସର ପ୍ରେକ୍ଷାପଟ୍ଟରେ, ଦେଶ ଓ କାଳ ଅନୁସାରେ ସଂସ୍କୃତି ବିଚିତ୍ର ରୂପରେ ଉଦ୍‌ଭୂତ ଓ ବିକଶିତ ହୁଏ । ସମାଜ ବିକାଶର ଇତିହାସ ଅନୁସାରେ ବିଶେଷଜ୍ଞଗଣ ବିଭିନ୍ନ ଭାବରେ ସଂସ୍କୃତିର ବିଚିତ୍ରରୂପ ଅନୁଧାବନ ଓ ଅନୁଶୀଳନ କରିଥାନ୍ତି । ଲୋକସଂସ୍କୃତି ବିଜ୍ଞାନୀମାନେ ଲୋକସଂସ୍କୃତି ବିଜ୍ଞାନର ଆଲୋକରେ ସଂସ୍କୃତିର ସ୍ତରଭେଦ ନିର୍ଣ୍ଣୟ କରନ୍ତି ଏବଂ ତାର ବୈଶିଷ୍ଟ୍ୟ ନିରୂପଣ କରନ୍ତି ।

ସମାଜ ଓ ସଭ୍ୟତାର ଐତିହାସିକ ପଟ୍ଟଭୂମିରେ ଲୋକସଂସ୍କୃତିର ଅବସ୍ଥାନଗତ ବିଶିଷ୍ଟ ରୂପକୁ ପର୍ଯ୍ୟବେକ୍ଷଣ କରିବା ଆବଶ୍ୟକ । ସମାଜ ଓ ସଭ୍ୟତାର ଧାରାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଭିନ୍ନ ରୂପରେ ବିଶ୍ଳେଷଣ କରାଯାଏ । ମୋଟାମୋଟି ଭାବେ କହିଲେ, ଦୈନିକ ଜୀବନ ପ୍ରବାହ ଉତ୍ପାଦନ ପଦ୍ଧତି ଓ ବଣ୍ଟନରୀତି ଏବଂ ଆର୍ଥ-ସାମାଜିକ ବ୍ୟବହାର ବସ୍ତୁଗତ ସୌଧ ବା ଭିତ୍ତିଭୂମିକୁ ଅବଲମ୍ବନ କରି ସାଂସ୍କୃତିକ ଉପ-ସୌଧର ରୂପ ବିଚିତ୍ରଧାରାରେ ଆତ୍ମପ୍ରକାଶ କରେ । ଯାହାର ଏକ ସ୍ୱତନ୍ତ୍ର ପ୍ରକାଶ ଫୋକଲର୍ ବା ଲୋକସଂସ୍କୃତି ।

ମାନବସମାଜ ତଥା ସଭ୍ୟତା ଓ ସଂସ୍କୃତିର ଉଦ୍‌ଭବ ଓ ବିକାଶର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଲୋକସଂସ୍କୃତି ସମାଜ ଓ ସଭ୍ୟତାର କ୍ରମବିକାଶର ଏକ ଅନିବାର୍ଯ୍ୟ ପରିଣାମ । ସମାଜବିଜ୍ଞାନୀମାନେ ବିବର୍ତ୍ତନ ତତ୍ତ୍ୱ ଅନୁସାରେ, ସମାଜ ବିକାଶର ଗୋଟିଏ ଦିଗରେ ଆଦିମ ସମାଜର ରୂପ ବୈଶିଷ୍ଟ୍ୟ ବିଶ୍ଳେଷଣ କରିଛନ୍ତି ଓ ଅନ୍ୟ ଦିଗରେ ପ୍ରତ୍ୟକ୍ଷ କରିଛନ୍ତି ଅଗ୍ରଗତି ସମାଜର ରୂପ ଓ ପ୍ରକୃତି । ସମାଜ ବିବର୍ତ୍ତନର ଇତିହାସ ଦିଗରୁ, ଲୋକସଂସ୍କୃତି ବିଜ୍ଞାନ ଦୃଷ୍ଟିକୋଣରୁ କୁହାଯାଏ ଯେ, ସମାଜ ବିକାଶର ବିଶିଷ୍ଟ ସ୍ତର ଅନୁସାରେ ଲୋକସଂସ୍କୃତିର ଉଦ୍ଭବ ଓ ବିକାଶ ସମ୍ଭବପର ହୋଇଛି । ଆର୍ଥ-ସାମାଜିକ କାରଣ ଏବଂ ଉତ୍ପାଦନ ବଣ୍ଟନ ପ୍ରଥାର ତାରତମ୍ୟରେ ସମାଜବିକାଶର ଧାରା କାଳର ପ୍ରବାହରେ ନାନା ରୂପ ଓ ବୈଚିତ୍ର୍ୟ ଧାରଣ କରି ବିକଶିତ ହୋଇଛି ।

ଆଦିମ ସମାଜ ଥିଲା ମୁଖ୍ୟତଃ ଗୋଷ୍ଠୀବଦ୍ଧ । ସମାଜର ଅଗ୍ରଗତି ଧାରାରେ ଶ୍ରେଣୀ ଓ ବର୍ଣ୍ଣଗତ ବିଭେଦ ସୃଷ୍ଟି ହୋଇଛି । ଫଳରେ ଆଦିମ ସମାଜରେ ଥିବା ଗୋଷ୍ଠୀବଦ୍ଧ ରୂପ କ୍ରମଶଃ ନଷ୍ଟ ହୋଇଛି । ଲୋକସଂସ୍କୃତି ବିଜ୍ଞାନର ତତ୍ତ୍ୱଗତ ଦିଗରୁ କୁହାଯାଏ, ଆଦିମ ସମାଜର ସମଷ୍ଟିଗତ ଜୀବନଧାରାର ବିଶିଷ୍ଟ ରୂପ ଆଦିମ ସଂସ୍କୃତିର ଅଭିନ୍ନ ଏକକ ଧାରା ସୃଷ୍ଟି କରିଛି । ଲୋକସଂସ୍କୃତିର ଏକକ ଆଦିମ ରୂପକୁ ସାଧାରଣ ଭାବେ କୁହାଯାଏ ଆଦିମ ସଂସ୍କୃତି (ଚକ୍ସଙ୍ଖସତ୍ପସଙ୍ଖର ଉଙ୍କଷତ୍ପଙ୍କଙ୍କ୍ସର) । ସେହିପରି ବିପରୀତ ଭାବେ ସମାଜ ଅଗ୍ରଗତିର ବିଶିଷ୍ଟ ପର୍ଯ୍ୟାୟରେ ସମାଜ ଯେତେବେଳେ ବିଭିନ୍ନ ଭାବରେ ବିଭକ୍ତ ହୋଇଛି ସେତେବେଳେ ସମାଜ ଓ ଜୀବନଧାରାର ବିଭିନ୍ନତାକୁ ଭିତ୍ତିକରି ସୃଷ୍ଟି ହୋଇଛି ସଂସ୍କୃତିର ବିଭିନ୍ନ ରୂପ । ଅଗ୍ରଗତି ସମାଜର ସଂସ୍କୃତିର ବିଭିନ୍ନ ରୂପର ବିଶିଷ୍ଟ ପ୍ରକାଶକୁ ଲୋକସଂସ୍କୃତି ବିଜ୍ଞାନର ଦୃଷ୍ଟିକୋଣରୁ ମୁଖ୍ୟତଃ ଦୁଇଟି ଧାରା ଲକ୍ଷ୍ୟ କରାଯାଏ । (୧) ଉଚ୍ଚ ବା ଶିଷ୍ଟ ସଂସ୍କୃତି (ଐସଶଷ ଉଙ୍କଷତ୍ପଙ୍କଙ୍କ୍ସର) ଓ (୨) ଲୌକିକ ବା ଲୋକସଂସ୍କୃତି (ଋକ୍ଟଷଳଷକ୍ଟକ୍ସର)

ସାମଗ୍ରିକ ଭାବେ ସମାଜର ଉଦ୍ଭବ ଓ ବିକାଶର ଇତିହାସର ଧାର ଅନୁସରଣ କରି ଲୋକସଂସ୍କୃତିର ଅବସ୍ଥାନଗତ ପ୍ରକୃତି ଅନୁଧାବନର ସୂତ୍ରରେ କୁହାଯାଏ ଯେ, ସଂସ୍କୃତିର ବିଶିଷ୍ଟ ରୂପ ସମାଜ ବାସ୍ତବତାର ପ୍ରଭାବରେ ପ୍ରଧାନତଃ ତିନୋଟି ଧାରାକୁ ନେଇ ଆତ୍ମପ୍ରକାଶ କରେ । ଯଥା –

(କ). ଆଦିମ ସଂସ୍କୃତି (ଚକ୍ସଙ୍ଖସତ୍ପସଙ୍ଖର ଉଙ୍କଷତ୍ପଙ୍କଙ୍କ୍ସର),

(ଖ). ଲୋକସଂସ୍କୃତି (ଋକ୍ଟଷଳଷକ୍ଟକ୍ସର),

(ଗ). ଉଚ୍ଚ ସଂସ୍କୃତି (ଐସଶଷ ଉଙ୍କଷତ୍ପଙ୍କଙ୍କ୍ସର)

ଆଧୁନିକ ଲୋକସଂସ୍କୃତି ବିଜ୍ଞାନ ଦୃଷ୍ଟିରୁ ସମାଜ ବିକାଶର ସ୍ତରଭେଦ ଅନୁସାରେ ସଂସ୍କୃତିର ଯେଉଁ ରୂପଭେଦ ବିଶ୍ଳେଷଣ କରାଯାଏ, ତାର ଏକ ନିର୍ଦ୍ଦିଷ୍ଟ ବିଭାଗ ହେଉଛି ଲୋକସଂସ୍କୃତି । ସଂସ୍କୃତି ହେଉଛି ମନୁଷ୍ୟର ଜୀବନଧାରାର ବିଶିଷ୍ଟ ଅଭିବ୍ୟକ୍ତି । ସମାଜ ଓ ସଭ୍ୟତାର କ୍ରମବିକାଶର ଧାରା ଯେମିତି ସାମାଜିକ ଜୀବନଧାରା ଓ ମଣିଷର ଜୀବନଯାପନ ପଦ୍ଧତିର ପରିବର୍ତ୍ତନରେ ଘଟେ, ସେହି ଅନୁସାରେ ସଂସ୍କୃତିର ବି ରୂପାନ୍ତର ଘଟେ । ବିଭିନ୍ନ ଶାସ୍ତ୍ର ଅନୁସାରେ ଯେମିତି ସମାଜ ଓ ସଭ୍ୟତାର ଉଦ୍ଭବ -ବିକାଶର ଇତିହାସକୁ ବିଭିନ୍ନ ରୂପରେ ବର୍ଣ୍ଣନା କରାଯାଏ, ସେମିତି ଲୋକସଂସ୍କୃତି ବିଜ୍ଞାନ ଦୃଷ୍ଟିକୋଣରୁ ସମାଜକୁ ମୁଖ୍ୟତଃ ଆଦିମ ସମାଜ ଓ ଅଗ୍ରଗତି ସମାଜ- ଏଇ ଦୁଇ ଭାଗରେ ବିଭକ୍ତ କରାଯାଏ ଏବଂ ତଦନୁସାରେ ସଂସ୍କୃତିର ରୂପଭେଦ ପର୍ଯ୍ୟବେକ୍ଷଣ କରାଯାଏ ।

ସଂସ୍କୃତିର ରୂପଭେଦ ଏବଂ ଲୋକସଂସ୍କୃତିର ଅବସ୍ଥାନଗତ ପ୍ରକୃତି ନିମ୍ନଲିଖିତ ରେଖାଚିତ୍ରରେ ବିଶେଷ ଭାବରେ ଲକ୍ଷ୍ୟ କରାଯାଏ ।

ସ୍ତର	**ସମାଜ**	**ସମାଜର ରୂପ**	**ସଂସ୍କୃତିର ରୂପ**
ପ୍ରାଥମିକ ସମାଜ	ଆଦିମ ସମାଜ	ଗୋଷ୍ଠୀବଦ୍ଧ ଅବିଭକ୍ତ	ଅବିଭକ୍ତ ସଂସ୍କୃତିଆଦିମ ସଂସ୍କୃତି

ଦ୍ୱିତୀୟ ଅଗ୍ରଗତି ସମାଜ ବିଭକ୍ତ ସମାଜ
ବିଭକ୍ତ ସଂସ୍କୃତିଆଦିମ ଲୋକ ଉଚ୍ଚ ସଂସ୍କୃତି ସଂସ୍କୃତି
ସଂସ୍କୃତି

ଉପରୋକ୍ତ ରେଖାଚିତ୍ର ଅନୁସାରେ ଲକ୍ଷ୍ୟ କରାଯାଏ, ସମାଜ ଓ ସଭ୍ୟତା ବିକାଶର ପ୍ରାଥମିକ ସ୍ତରରେ ଯୋଉଠି ଆଦିମ ସମାଜର ଅବସ୍ଥିତି, ସେଇଠି ସମାଜର ରୂପ ଗୋଷ୍ଠୀବଦ୍ଧ ଓ ଅବିଭକ୍ତ । ସମାଜର ରୂପ ଯେହେତୁ ଗୋଷ୍ଠୀବଦ୍ଧ ଓ ଅବିଭକ୍ତ, ତେଣୁ ସଂସ୍କୃତିର ରୂପ ମ୍ଧ ଆଦିମ ରୂପରେ ଅବିଭକ୍ତ । ସମାଜ ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ଅଗ୍ରଗତି ସମାଜର ପଟ୍ଟଭୂମିରେ ବର୍ଣ୍ଣ-ଶ୍ରେଣୀଗତ ବିଭାଗ ଅନୁସାରେ ସମାଜ ବିଭକ୍ତ ରୂପେ ଆତ୍ମପ୍ରକାଶ କରେ । ଅଗ୍ରଗତି ବିଭକ୍ତ ସମାଜର ସଂସ୍କୃତିର ରୂପ ଖୁବ୍ ସ୍ୱାଭାବିକ ଭାବେ ବିଭକ୍ତ ସଂସ୍କୃତି ଧାରାରେ ଆତ୍ମପ୍ରକାଶ କରେ । ବିଭକ୍ତ ସଂସ୍କୃତିର ରୂପଗୁଡ଼ିକୁ ମୂଳତଃ ତିନୋଟି ପର୍ଯ୍ୟାୟରେ ପର୍ଯ୍ୟବେକ୍ଷଣ କରଯାଏ । ଯଥା - ଆଦିମ ସଂସ୍କୃତି, ଲୋକସଂସ୍କୃତି ଓ ଉଚ୍ଚସଂସ୍କୃତି । ଏଇ ସ୍ତରଭେଦ ଅନୁସାରେ ଲୋକସଂସ୍କୃତିର ସମାଜ-ସଂସ୍କୃତିଗତ ବୈଶିଷ୍ଟ୍ୟ ପ୍ରତିପାଦିତ ହୁଏ ।

କୁହାଯାଏ, ସମାଜ ବିକାଶର ଧାରା ଏବଂ ଜୀବନଯାପନଗତ ପଦ୍ଧତିର ବୈଚିତ୍ର୍ୟ 'ଳରେ ଇତିହାସର ପ୍ରେକ୍ଷାପଟ୍ଟରେ ସଂସ୍କୃତି ଏଇ ତିନୋଟି ମୁଖ୍ୟ ରୂପର ଉଦ୍ଭବ ଓ ବିକାଶ ଘଟିଛି । ଖୁବ୍ ସ୍ୱାଭାବିକ କାରଣରେ ସଂସ୍କୃତିର ଏଇ ବିଭିନ୍ନତା ତ୍ରିବିଧ ସଂସ୍କୃତିର ବିଶେଷ ବିଶେଷ ବୈଶିଷ୍ଟ୍ୟକୁ ଧାରଣ, ବହନ ଓ ପ୍ରତି'ଳନ କରେ । ସ୍ୱକୀୟ ବୈଶିଷ୍ଟ୍ୟଗତ ସ୍ୱାତନ୍ତ୍ର୍ୟ ପାଇଁ ହିଁ ସମାଜ ବାସ୍ତବତାର ପ୍ରେକ୍ଷାପଟ୍ଟରେ ସଂସ୍କୃତିର ବିଶିଷ୍ଟ ରୂପ ଆତ୍ମପ୍ରକାଶ କରିଛି । ପ୍ରସଙ୍ଗତଃ କୁହାଯାଏ, ସମାଜ ଓ ସଂସ୍କୃତିର ଗତିମୟତା ଓ ରୂପବୈଚିତ୍ର୍ୟ କ୍ଷେତ୍ରରେ ଯେମିତି କୌଣସି ପ୍ରକାର ନିର୍ଦ୍ଦିଷ୍ଟ ସଂଜ୍ଞା ବାହାର କରିବା କଷ୍ଟକର, ସେମିତି ଲୋକ ସଂସ୍କୃତିର ଅବସ୍ଥାନଗତ ସ୍ୱରୂପକୁ ପରିପ୍ରକାଶ କରିବା କଷ୍ଟକର ।

ସାଧାରଣତଃ, କୋଉଠି କୋଉଠି ଲୋକ-ଅଲୋକ(ଋକ୍ଟଷଳ-ଘକ୍ଟଭ-ଋକ୍ଟଷଳ), ଆମେ-ସେମାନେ (ଡର-ଖ୍ପଷରଚ୍ଛ) ଆଦି ଉଚ୍ଚ ନୀଚ ଧାରଣା ତିଆରି ହୋଇଥାଏ । ତେବେ ଏଭଳି ଆରୋପ କରିବା ଅସଙ୍ଗତ ମନେହୁଏ । କାରଣ ଆଧୁନିକ ଲୋକସଂସ୍କୃତି ବିଜ୍ଞାନର ପରିଭାଷାରେ ଏଇ ପ୍ରକାର 'ଲୋକ' ଅଗ୍ରହଣୀୟ । ସମାଜର ଯେକୌଣସି ସ୍ତରରୁ 'ଆମେ ସେମାନେ' ଭେଦଭାବ ଦୂର କରି ନିରପେକ୍ଷ ଦୃଷ୍ଟିଭଙ୍ଗୀ ରଖିଲେ ହିଁ ଲୋକ-ଲୋକାୟତ ସଂସ୍କୃତିର ବିକାଶ ଓ ବିବର୍ତ୍ତନ ସମ୍ଭବ ହୋଇଥାଏ । ଆର୍ଥ-ସାମାଜିକ କ୍ଷମତାକେନ୍ଦ୍ର ବା ସୁବିଧାଭୋଗୀ ସ୍ତର ସହ କେନ୍ଦ୍ରରୁ ଦୂରରେ ଥିବା ଜନଜାତିନିର୍ଭର ଜୀବନଚର୍ଯ୍ୟାର ସମନ୍ୱୟରେ ସଂସ୍କୃତିର ବିକାଶ ଘଟିବା ଏକାନ୍ତ ସ୍ୱାଭାବିକ । ଇତିହାସର ବିବର୍ତ୍ତନଧାରରେ ସଂସ୍କୃତିର ବହୁ ରୈଖିକ ରୂପ ଦେଖା ଦେଲେ ମ୍ଧ ପ୍ରକୃତରେ ଲୋକ ସଂସ୍କୃତି ବିଜ୍ଞାନ ଦୃଷ୍ଟିକୋଣରୁ କୁହାଯାଏ ଯେ, ସଂସ୍କୃତିର ବିଭାଜନ ଏକାନ୍ତ ରୂପେ ସ୍ୱତନ୍ତ୍ର ନୁହେଁ, ତାହା ବହୁଳାଂଶରେ ଆପେକ୍ଷିକ । ଅର୍ଥାତ୍ ଉଦ୍ଭବ ଓ ବିକାଶର ଧାରାରେ ଏବଂ ସଂସ୍କୃତିର ପ୍ରବାହରେ ଯେମିତି ବିଭିନ୍ନତା ଦେଖାଯାଏ, ସେମିତି ଅନେକ କ୍ଷେତ୍ରରେ ସଂସ୍କୃତିର ବିଭିନ୍ନ ବିଭାଗ ଭିତରେ ପାରସ୍ପରିକ ଆଦାନପ୍ରଦାନରେ ସମ୍ପର୍କ ମ୍ଧ ସକ୍ରିୟ ଥାଏ । ଏହି ସକ୍ରିୟତା ଫଳରେ ବିଭିନ୍ନ ପ୍ରକାର ସଂସ୍କୃତି ମ୍ଧରେ ଐକ୍ୟ ବି ଲକ୍ଷ୍ୟ କରାଯାଏ । ଉଦ୍ଭବ ଓ ବିକାଶର ଧାରା ଏବଂ ଐତିହାସିକ -ଭୌଗୋଳିକ ଓ ପରିବେଶଗତ ସ୍ୱାତନ୍ତ୍ର୍ୟ ନିମନ୍ତେ ସଂସ୍କୃତି କ୍ଷେତ୍ରରେ ଯେମିତି ପାର୍ଥକ୍ୟ ଦେଖାଯାଏ, ସେମିତି କ୍ଷେତ୍ର ବିଶେଷରେ ପ୍ରତିଫଳିତ ହୁଏ ପାରସ୍ପରିକ ସମ୍ପର୍କ ବା ଧାରାବାହିକ ରୂପ । ଦେଶ ଓ କାଳ ଆଧାରରେ ଲୋକସଂସ୍କୃତିର ପରମ୍ପରା ନିର୍ମାଣ-ବିନିର୍ମାଣ ଘଟେ । ପରମ୍ପରା ଏବଂ ସମାଜର ବାସ୍ତବତାକୁ ନେଇ ବିକଶିତ ହୁଏ ସମଷ୍ଟିଗତ ସୃଷ୍ଟିଶୀଳତାର ଜୀବନଧାରା ବା 'କ୍ଷସଙ୍ଗସଭଶ କ୍ଟଷରଭକ୍ଟଙ୍କରଭବ' । ସଂସ୍କୃତି କ୍ଷେତ୍ରରେ ଗ୍ରହଣ ବର୍ଜନ ମ୍ଧମରେ ବିଭିନ୍ନ ରୂପର ଯେଉଁ ଧାରାବାହିକତା ଲକ୍ଷ୍ୟ କରାଯାଏ, ସମାଜ ବିଜ୍ଞାନ ବା ନୃତତ୍ତ୍ୱ ବିଜ୍ଞାନ ଭାଷାରେ ତାକୁ କୁହାଯାଏ ସାଂସ୍କୃତିକ ଧାରାବାହିକତା ବା ଉଙ୍କଷଖ୍ପଙ୍କକ୍ସବକ୍ଷ ମକ୍ଟଭଖ୍ପସଭଙ୍କଙ୍କଙ୍କ । ଲୋକ ସଂସ୍କୃତି ବିଜ୍ଞାନର ଆଲୋକରେ ସଂସ୍କୃତିର ଏଇ ପ୍ରକାର ବିଭାଜନ ଓ ଧାରାବାହିକାର ସମ୍ପର୍କର ସ୍ୱରୂପକୁ ବିଶ୍ଳେଷଣ କରି ବିଶେଷ ଭାବେ ନିର୍ଦ୍ଦେଶିତ ହୁଏ ଚକ୍ସସଙ୍କସଖ୍ପସଙ୍ଗର ଲକ୍ଟଷଳ ବଭୟ ଲକ୍ଟଷଳ-କ୍ଷସଲର ମକ୍ଟଭଖ୍ପସଭଙ୍କଙ୍କଙ୍କ ତଥା ଆଦିମ, ଲୋକ ଏବଂ ଉଚ୍ଚ ସଂସ୍କୃତିର ଧାରାବାହିକତାର ତତ୍ତ୍ୱ । ମୌଖିକ ଧାରା ଓ ସୃଷ୍ଟି ପୁନଃସୃଷ୍ଟିର ପ୍ରକ୍ରିୟା ଲୋକସଂସ୍କୃତିର ବଳୟରେ 'ଲୋକକୃତି-ଲୋକବିକୃତି-ଲୋକାୟତ କୃତି'ର ତ୍ରୟୀ ରୂପ ସଙ୍ଗଠିତ ହୁଏ ଯାହାକୁ ଉଚ୍ଚ-ଲୋକ-ଜନପ୍ରିୟ (ଞ୍ଚଷର ଉକ୍ଷବଖ୍ପଖ୍ପସମ-ଞ୍ଚଷର ଲକ୍ଟଷଳ-ଖ୍ପଷର କ୍ଟକ୍ଟକ୍ଟଙ୍କଷବକ୍ସ) ଧାରାର କ୍ରିୟା ପ୍ରତିକ୍ରିୟାଜାତ ଧାରାବାହିକତା ବା (ଓଭଖ୍ପରକ୍ସବମଖ୍ପସଭଶ ମକ୍ଟଭଖ୍ପସଭଙ୍କଙ୍କ" ବୋଲି କୁହାଯାଏ ।(ଇ.କ.ଜବଙ୍କବଭଙ୍କହବଭ / ୧୯୯୧) ଅନ୍ୟ କିଛି ଆଲୋଚକଙ୍କ ମତରେ- ଲୋକ-ଲୋକାୟତ-ଲୋକପ୍ରିୟ (ଋକ୍ଟଷଳକ୍ଷକ୍ଟକ୍ସର- କ୍ଟବକ୍ସବ ଲକ୍ଟଷଳକ୍ଷକ୍ଟକ୍ସର-କ୍ଟକ୍ଟକ୍ଟଙ୍କଷବକ୍ସ କ୍ଷକ୍ଟଙ୍ଗର) ସୃଷ୍ଟି ସଂଜାତ ବିନିର୍ମାଣ କ୍ରିୟାଶୀଳ ଧାରାବାହିକତା ବା 'ଉର-ମକ୍ଟଭଖ୍ପଖ୍ପକ୍ସଙ୍କମଖ୍ପସକ୍ଟଭବକ୍ଷ ମକ୍ଟଭଖ୍ପସଭଙ୍କଙ୍କଙ୍କ' ହିସାବରେ ଗଣନା କରାଯାଏ ।(ଞ୍ଚଙ୍କଖ୍ପବକ୍ସ ମଷ ବଖ୍ପକ୍ଟକ୍ଟବୟଷଚ୍ଛବଚ୍ଛ/ ୧୯୯୦) ଗୋଟିଏ ଦିଗରୁ ଲୋକସଂସ୍କୃତିର ଅବୟବକୁ ଉତ୍ତର ଆଧୁନିକତାର ସ୍ୱୟଂସକ୍ରିୟ ପ୍ରମାଣ ଓ ସନ୍ଦର୍ଭ (ଚକ୍ଟଖ୍ପଖ୍ପ ଙ୍କକ୍ଟୟରକ୍ସଭ ମକ୍ଟଭଙ୍ଗସମଖ୍ପସକ୍ଟଭ ବଭୟ ୟସଖ୍ପମକ୍ଟଙ୍କକ୍ସଖ୍ପର) ପରିପ୍ରେକ୍ଷୀରେ ମ୍ଧ ଲକ୍ଷ୍ୟ କରାଯାଏ । ନିର୍ମାଣ ବିନିର୍ମାଣ ଧାରାବାହିକତାର ପ୍ରବାହରେ ବାସ୍ତବିକତାକୁ ଆଧାର କରି ପ୍ରାନ୍ତ୍ୟାଶ୍ରୟୀ ଲୋକସଂସ୍କୃତିର ସଜୀବତା ସମ୍ପ୍ରସାରିତ ହୁଏ ।

ମୋଟ ଉପରେ କୁହାଯାଇପାରେ ଯେ, ଜୀବନ ବାସ୍ତବତାର ବିଶେଷ ପ୍ରେକ୍ଷାପଟ୍ଟରେ ହିଁ ଲୋକସଂସ୍କୃତିର ଉଦ୍ଭବ, ବିକାଶ ଓ ଅବସ୍ଥାନଗତ ପରମ୍ପରା ପ୍ରବାହିତ ହୁଏ । ଧାରାବାହିକତାର ରୂପ ଓ ସ୍ୱକୀୟ ବୈଶିଷ୍ଟ୍ୟର ସ୍ୱରୂପ ଅନୁସାରେ ଲୋକସଂସ୍କୃତିର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ବିକଶିତ ହୁଏ । ସାମଗ୍ରିକ ଭାବେ କୁହାଯାଇପାରେ ସମାଜ ବିକାଶର ଗତି ପ୍ରବାହ ସଂଜାତ ବୈଶିଷ୍ଟ୍ୟ ଅନୁସାରେ ଲୋକସଂସ୍କୃତିର ରୂପ ଓ ସ୍ୱରୂପଗତ ବୈଶିଷ୍ଟ୍ୟ ଗଢ଼ିଉଠେ । ଅତଏବ, ଲୋକସଂସ୍କୃତି କୌଣସି ଆକସ୍ମିକ ଉଦ୍ଭବ ବିଷୟ ନୁହେଁ, ତାହା ଏକାନ୍ତ ଭାବେ ମାନବସମାଜ ଓ ଜୀବନଧାରାର ଉଦ୍ଭବ ଓ ବିକାଶର କ୍ରିୟାପ୍ରକ୍ରିୟାଜାତ ଏକ ଅନିବାର୍ଯ୍ୟ ପରିଣାମ ।

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,

ଶାନ୍ତିନିକେତନ-୭୩୧୨୩୫(ପଶ୍ଚିମବଙ୍ଗ)

ଫୋନ୍- ୯୭୪୯୭୭୩୪୯୯

ମେଲ୍- ହଳସ୍ୱବକ୍ସବସ୍ପଅଶଙ୍କବସକ୍ଷ.ମକ୍ଟଙ୍କ

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
        ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
        ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
        ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
        ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
        ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
        ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
        ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
        ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
        ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
        ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
        କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
        କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
        ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
        କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
        କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
        ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
        ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
        ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
        ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
        ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
        ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
        ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
        ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
        ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
        ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
        ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
        ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ